# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 254 | ଭାଗ ୩୩ | ସଂଖ୍ୟା ୨୫୪ | Sunday 7 December 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୭ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ତୃତୀୟ ଦିନିକିଆ: ଜୟସ୍ୱାଲଙ୍କ ପ୍ରଥମ ଶତକ

## ଭାରତର ସିରିଜ କବ୍‌ଜା




**ବିଶାଖାପାଟଣା,୬।୧୨ :** ବିଶାଖାପାଟଣାରେ ଶନିବାର ଖେଳାଯାଉଥିବା ୩ୟ ଦିନିକିଆରେ ଭାରତ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟରେ ପରାସ୍ତ କରିଛି। ଏହା ସହିତ ଭାରତ ଏହି ସିରିଜକୁ ୨-୧ରେ ଜିତିନେଇଛି। ଭାରତ ଆଗରେ ବିଜୟ ପାଇଁ ୨୭୧ ରନର ଲକ୍ଷ୍ୟ ଥିବାବେଳେ ଭାରତ ପକ୍ଷରୁ ଦୁଇ ଓପନର ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ରୋହିତ ୭୫ ରନ କରିଥିବା ବେଳେ ଜୟସ୍ୱାଲ ଅପରାଜିତ ୧୧୬ ରନ କରିଥିଲେ। ସେହିପରି ବିରାଟ କୋହଲି ବିସ୍ଫୋରକ ଇନିଂସ ଖେଳି ମାତ୍ର ୪୫ ବଲରେ ୬୫ ରନ କରିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଆଗରେ ଦକ୍ଷିଣ ଆଫ୍ରିକୀୟ ବୋଲର ନିଷ୍ପ୍ରଭ ଜଣାପଡ଼ୁଥିଲେ। ଦଳ ପକ୍ଷରୁ ଏକମାତ୍ର ୱିକେଟ କେଶବ ମହାରାଜ ନେଇଥିଲେ।

ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦକ୍ଷିଣ ଆଫ୍ରିକା ଆରମ୍ଭରୁ ରିୟାନ ରିକଲଟନଙ୍କ ୱିକେଟ ହରାଇଥିଲେ ବି କ୍ୱିଣ୍ଟନ ଡି ➪ପୃଷ୍ଠା-୬

## ୨୦୩୬ ସୁଦ୍ଧା ଓଡ଼ିଶା ହେବ ଗ୍ରୀନ୍ ଏନର୍ଜି ହବ୍

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମ୍ମିଟ୍ ଉଦ୍‌ଘାଟିତ

- ଏନର୍ଜି ସପ୍ଲାଇ ଚେନ୍‌କୁ ସଶକ୍ତ କରାଯାଉଛି
- ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଇମିସନ୍ ଲକ୍ଷ୍ୟ
- ଓଡ଼ିଶା ପାଇଁ ୧.୫ ଲକ୍ଷ ସୂର୍ଯ୍ୟଘର ଅନୁମୋଦିତ: କେନ୍ଦ୍ର ମନ୍ତ୍ରୀ



**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଆଜି ପୁରୀଠାରେ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମ୍ମିଟ୍-୨୦୨୫କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରହିଥିବା ଏଥିସକାଶେ ଏନର୍ଜି ସପ୍ଲାଇ ଚେନ୍‌କୁ ସଶକ୍ତ କରାଯିବା ଦିଗରେ ପଦକ୍ଷେପ ନିଆଯାଉଛି। ରାଜ୍ୟର ବିକାଶରେ ଏନର୍ଜି ସପ୍ଲାଇ ଚେନ୍‌କୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି। ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ ରାଜ୍ୟ ଗ୍ରୀନ୍ ଏନର୍ଜି ରାଜ୍ୟ ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ଶକ୍ତି କ୍ଷେତ୍ରରେ ଓଡ଼ିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି। କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ଓଡ଼ିଶା ପରି ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଏଠାରେ ଆୟୋଜିତ ହେଉଥିବା ସମ୍ମିଟ୍ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଓ ବିଶ୍ୱର ଶକ୍ତି ବିଶେଷଜ୍ଞମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟିତ୍ୱ ହାସଲ ଦିଗରେ ଏକ ଅଭିନବ ପ୍ରୟାସ। ଏହା ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଛନ୍ତି ଯେ ୨୦୧୪ ପୂର୍ବରୁ ସାରା ଦେଶରେ ଘରୋଇ ଗ୍ରାହକ ଓ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ ➪ପୃଷ୍ଠା-୬

## ଜାନୁଆରୀ ୨୦ରେ ଓଏସ୍ଏସ୍‌ଟିଇଟି

- ୧୭ ପର୍ଯ୍ୟନ୍ତ ପଞ୍ଜିକରଣ ସୁଯୋଗ
- ଜାନୁଆରୀ ୧୦ରୁ ମିଳିବ ଆଡମିଟ୍ କାର୍ଡ

**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍ଏସ୍‌ଟିଇଟି)-୨୦୨୫ ଆସନ୍ତା ବର୍ଷ ଜାନୁଆରୀ ୨୦ରେ ଅନୁଷ୍ଠିତ ହେବ। ଏନେଇ ଆଜି ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍ଇ) ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, ଓଏସ୍ଏସ୍‌ଟିଇଟି-୨୦୨୫ ଦୁଇଟି ସିଟିଂରେ ଅନୁଷ୍ଠିତ ହେବ। ପେପର-୧ ପାଇଁ ପ୍ରଥମ ସିଟିଂ ପ୍ରାତଃ ୯ଟା ପୂର୍ବାହ୍ନ ସାଢ଼େ ୧୧ଟା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ସିଟିଂରେ ପେପର୍-୨ ପାଇଁ ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀମାନେ ଆଜିଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଓଏସ୍ଏସ୍‌ଟିଇଟି ପାଇଁ ପଞ୍ଜୀକରଣ କରିପାରିବେ। ଏଥିସହ ସେମାନେ ଆସନ୍ତା ବର୍ଷ ଜାନୁଆରୀ ୧୦ରୁ ଅଫିସିଆଲ୍ ପୋର୍ଟାଲରେ ➪ପୃଷ୍ଠା-୬

## ଡାକ୍ତରୀ ଉପକରଣରେ ଆତ୍ମନିର୍ଭର ହେବ ରାଜ୍ୟ

୬ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ

- ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନାରେ ୪୯୦ କୋଟି
- ରେଶମ ବିକାଶ ଯୋଜନାରେ ୫ ବର୍ଷ ପାଇଁ ୨୭୪ କୋଟି
- ସୁପିରିଅର ଜୁଡିସିଆଲ ଓ ଜୁଡିସିଆଲ ସର୍ଭିସ ରୁଲରେ ସଂଶୋଧନ
- ମତ୍ସ୍ୟ ସେବା କ୍ୟାଡର ସଂଶୋଧନକୁ ମିଳିଲା ଅନୁମୋଦନ
- ସବୁ ବିଶ୍ୱବିଦ୍ୟାଳୟରେ ଏକକ ସଂରକ୍ଷଣ ବ୍ୟବସ୍ଥା



**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଏଣିକି ଓଡ଼ିଶାରେ ତିଆରି ହେବ ଡାକ୍ତରୀ ଉପକରଣ। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ଔଷଧ ଓ ଚିକିତ୍ସା ଉପକରଣ ନୀତିକୁ ମଞ୍ଜୁରୀ ମିଳିଛି। ଏଥିସହ କ୍ୟାବିନେଟରେ ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଆଜି ବିଧାନସଭାର ଅପରାହ୍ନ ଅଧିବେଶନରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ।

ଗତକାଲି ଅନୁଷ୍ଠିତ ବୈଠକରେ ରାଜ୍ୟ ମନ୍ତ୍ରୀମଣ୍ଡଳ ବୈଠକରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି- ୨୦୨୫କୁ ଅନୁମୋଦନ ଲାଭ କରିଛି। ଏହି ନୀତି ଭାରତର ସ୍ୱାସ୍ଥ୍ୟ-ନିର୍ମାଣ ଏବଂ ଜୀବନ-ବିଜ୍ଞାନର ପୂର୍ବ ପ୍ରବେଶପଥ ଭାବରେ ଓଡ଼ିଶାକୁ ପ୍ରତିଷ୍ଠା କରିବା ପାଇଁ ଏକ ➪ପୃଷ୍ଠା-୬

## ଆକାଉଣ୍ଟାଣ୍ଟ୍‌ଙ୍କୁ ଧରିଲା ଭିଜିଲାନ୍ସ



- କୃଷକଙ୍କଠାରୁ ନେଉଥିଲେ ୨.୫ ହଜାର ଲାଞ୍ଚ
- ଏକକାଳୀନ ଦୁଇଟି ସ୍ଥାନରେ ଚଢ଼ାଉ

**ବାରିପଦା,୬।୧୨ (ସଂଚାର ବ୍ୟୁରୋ):** ଜନୈକ କୃଷକଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଜଣେ ଆକାଉଣ୍ଟାଣ୍ଟ୍ ଭିଜିଲାନ୍ସ ହାବୁଡ଼ରେ ପଡ଼ିଯାଇଛନ୍ତି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ତାଳପଦା ଗ୍ରାମ ପଞ୍ଚାୟତର ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ହେମନ୍ତ କୁମାର ବେହେରା। ଭିଜିଲାନ୍ସ ତାଙ୍କୁ ପ୍ରମାଣ ସହ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ରାମ ପଞ୍ଚାୟତର ଜଣେ ହିତାଧିକାରୀ କୃଷକ ଏମଜିନରେଗା ଯୋଜନାରେ ପୋଖରୀ ଖୋଳିବା ପାଇଁ ବ୍ଲକରୁ ଅନୁମତି ପାଇଥିଲେ। ଉକ୍ତ ଯୋଜନାଟି ଏସଟି, ଏସସି ଓ ଗରିବ କୃଷକଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ଶ୍ରୀ ବେହେରାଙ୍କୁ ଅଭିଯୋଗକାରୀ ଚାଷୀ ଜଣଙ୍କ ମାତ୍ର ଏହାର ୱାର୍କ ଅର୍ଡର ପାଇଁ ଉକ୍ତ ହିତାଧିକାରୀ କୃଷକ ଜଣଙ୍କ ଶ୍ରୀ ବେହେରାଙ୍କୁ କାର୍ଯ୍ୟାଦେଶ ➪ପୃଷ୍ଠା-୬

## ଇଣ୍ଡିଗୋ ମନମୁଖୀ କାରବାରରେ ଲାଗିବ ଲଗାମ

ଆକ୍ସନ ମୋଡରେ ପ୍ରଧାନମନ୍ତ୍ରୀ ମୋଦି

- ବିମାନ ଚଳାଚଳ ମନ୍ତ୍ରଣାଳୟକୁ କଠୋର ମୁକାବିଲା ଲାଗି ନିର୍ଦ୍ଦେଶ
- ଯାଞ୍ଚ ଟିମ୍‌ର ରିପୋର୍ଟ ପରେ ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ



**ନୂଆଦିଲ୍ଲୀ,୬।୧୨:** ଦେଶର ସବୁଠୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋର ମନମୁଖୀ ଓ ଚାପର ରଣନୀତି ସରକାରଙ୍କୁ କ୍ଷୁବ୍ଧ କରିଛି। ଲଗାତାର ଉଡାଣ ରଦ୍ଦ ପାଇଁ ଯାତ୍ରୀ ହନ୍ତସନ୍ତ ହେଉଥିବା ବେଳେ ସରକାରୀ ନିୟାମକୀୟ ସଂସ୍ଥା ଡିଜିସିଏ ଯାତ୍ରୀଙ୍କ ସୁବିଧାକୁ ଏଡାଇ ଯେଉଁପରି ନଇଁବାକୁ ବାଧ୍ୟ ହେଲେ ତାହା ସରକାରଙ୍କୁ ଝଟକା ଦେଇଛି। ଏଣୁ ସରକାର ଏବେ ଇଣ୍ଡିଗୋ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ଦେଶରେ ଏୟାରଲାଇନ୍ସ ଲାଗି ସବୁଦିନ ନିମନ୍ତେ କଡ଼ା ଦେଖରେଖ ବ୍ୟବସ୍ଥା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ନିଜେ ପ୍ରଧାନମନ୍ତ୍ରୀ ବିମାନ ଚଳାଚଳ ମନ୍ତ୍ରାଳୟଙ୍କୁ ଏହି ମାମଲାର କଠୋର ମୁକାବିଲା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିମାନ ଚଳାଚଳ ମନ୍ତ୍ରାଳୟର ଅଧିକାରୀଙ୍କ ସହିତ ମନ୍ତ୍ରୀ ରାମମୋହନ ନାୟଡୁ ପ୍ରଧାନମନ୍ତ୍ରୀଙ୍କୁ ପରିସ୍ଥିତି ନେଇ ଅବଗତ କରାଇଛନ୍ତି। ଏୟାର ଲାଇନ୍ସ କମ୍ପାନୀ ଯେପରି ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ଅଣଦେଖା ନ କରନ୍ତି ତାହା ସୁନିଶ୍ଚିତ କରିବାକୁ ମୋଦି ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସରକାର ଯଦିଓ ବର୍ତ୍ତମାନ ଲାଗି ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ପ୍ରତ୍ୟାହାର କରିଛନ୍ତି ତେବେ ଇଣ୍ଡିଗୋକୁ ବି ଏହା ମାନିବାକୁ ପଡିବ।

ସୂଚନା ଅନୁସାରେ ଉପୁଜିଥିବା ପରିସ୍ଥିତିର ଯାଞ୍ଚ ପାଇଁ ଗଠନ କରାଯାଇଥିବା ୪ ସଦସ୍ୟୀୟ ଟିମ୍ ର ରିପୋର୍ଟ ମିଳିବା ପରେ ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏଥିରେ ଇଣ୍ଡିଗୋ ବିରୋଧରେ ମୋଟା ଜରିମନା ସହିତ ଅନ୍ୟ କଟକଣା ବି ଲାଗୁ ହୋଇପାରେ। ଯେଉଁଥିରେ କିଛି ରୁଟରେ ଇଣ୍ଡିଗୋ ବିମାନ ସଂଖ୍ୟା ହ୍ରାସ ମଧ୍ୟ ହୋଇପାରେ। ଜରୁରି ହେଲେ କିଛି ରୁଟ ଫେରସ୍ତ ମଧ୍ୟ ନିଆଯାଇପାରେ। ଏହା ବି ଶୁଣା ଯାଉଛି ଯେ, ସରକାର ଇଣ୍ଡିଗୋ ସିଇଓଙ୍କୁ ହଟାଇବା ନିର୍ଦ୍ଦେଶ ମଧ୍ୟ ଦେଇ ପାରନ୍ତି।

ସରକାର ଏହି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ, ଦେଶ କୌଣସି କମ୍ପାନୀ ଚାପରେ ରହିବା ଲାଗି ବାଧ୍ୟ ନୁହେଁ। ତେବେ ଏହା ପୂର୍ବରୁ ୨-୩ ଦିନରେ ଯାତ୍ରା ସ୍ୱାଭାବିକ କରିବା ପାଇଁ ଇଣ୍ଡିଗୋକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏଥି ପାଇଁ ସେ ୭ ଦିନ ସମୟ ମାଗିଛି। ଏୟାର ଲାଇନ୍ସର ବୈଶ୍ୱିକ ପରିସ୍ଥିତି ଯାହା ସେଥିରେ ଭଡ଼ା ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ। ହେଲେ ସମୟ ➪ପୃଷ୍ଠା-୬

## ଯୁବପିଢ଼ି ମଧ୍ୟରେ ବଢ଼ୁଛି ମାନସିକ ରୋଗ

- ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରେ ଖୁଲାସା
- ସଂସଦରେ ଚିନ୍ତା ପ୍ରକଟ

**ନୂଆଦିଲ୍ଲୀ,୬।୧୨:** ଭାରତରେ ସର୍ବାଧିକ ନାଗରିକ ଯୁବପିଢ଼ି ହୋଇଥିବାରୁ ଏହା ବିଶ୍ୱର ଅନ୍ୟତମ ବିକାଶଶୀଳ ଦେଶ ଭାବେ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଦେଶର ଅର୍ଥନୀତି ଦିନକୁ ଦିନ ସଶକ୍ତ ହେଉଥିବା ବେଳେ ଆଗାମୀ କିଛି ବର୍ଷ ମଧ୍ୟରେ ଏହା ତୃତୀୟ ବୃହତ୍ ଆର୍ଥିକ ଶକ୍ତିରେ ପରିଣତ ହେବ ବୋଲି କୁହାଯାଉଛି। କିନ୍ତୁ ଆଜି ସଂସଦରେ ଉପସ୍ଥାପିତ ଏକ ରିପୋର୍ଟ ଯୁବପିଢ଼ିର ଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇବାକୁ ବୁଦ୍ଧିଜୀବୀଙ୍କୁ ଏକରକମ ବାଧ୍ୟ କରିଛି। କାରଣ ସାମ୍ପ୍ରତିକ ସମୟରେ ଯୁବପିଢ଼ି ମଧ୍ୟରେ ଦିନକୁ ଦିନ ମାନସିକ ରୋଗ ମାତ୍ରା ବଢ଼ିଚାଲିଛି। ବିଶେଷକରି ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ମାନସିକ ଚାପ ସହ ମାନସିକ ରୋଗ ବୃଦ୍ଧି ପାଉଥିବାରୁ ଏହା ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏନେଇ ଆଜି ଲୋକସଭାରେ ଏକ ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ, ୧୩ରୁ ୧୭ ବର୍ଷ ବୟସର ପ୍ରାୟ ସାଢ଼େ ୭ ପ୍ରତିଶତ କିଶୋର କୌଣସି ନା କୌଣସି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଅଛନ୍ତି। ତେଣୁ ଏପରି ସ୍ଥିତିରେ ଦେଶର ଯୁବ ପିଢ଼ିର ମାନସିକ ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। ଏହି ପରିସ୍ଥିତିର ସମାଧାନ ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ନେଇଛନ୍ତି। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦେଶର ୭୬୭ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ ➪ପୃଷ୍ଠା-୬

## ସୁନା ପାଇଁ ଭାଙ୍ଗିଲା ସୁନା ସଂସାର

ଆଇପିଏସ୍‌ଙ୍କୁ ଛୁରାମାଡ଼ କଲେ ସ୍ତ୍ରୀ



ଏହି ଘଟଣା ଯେତିକି ସଙ୍ଗିନ, ସେତିକି ସମ୍ବେଦନଶୀଳ ମଧ୍ୟ। ସ୍ତ୍ରୀକୁ ସୁନା ପିନ୍ଧାଇବା ସଉକ ପାଇଁ ସାରା ରାଜ୍ୟରେ ପରିଚିତ ଜଣେ ଆଇପିଏସଙ୍କ ଉପରେ ହୋଇଛି ଛୁରାମାଡ଼। ଛୁରାମାଡ଼ କରିଛନ୍ତି କ୍ଲବ ଯାଉଥିବା ହାଇ ପ୍ରୋଫାଇଲ ମହିଳା ତଥା ଆଇପିଏସଙ୍କ ସ୍ତ୍ରୀ। ଏ କଥା ହୁଏତ ଆପଣଙ୍କୁ ଅଜବ ଲାଗୁଥିବ, କିନ୍ତୁ ଏହା ନିରାଟ ସତ। କିଛିଦିନ ତଳେ ସୁନା କିଣା ପାଇଁ ଥାନା ପିଛା ୨୭ ହଜାର ଭାଗ ପଡିଥିବା କଥା ସାମ୍ନାକୁ ଆଣିଥିଲା 'ସଂଚାର'। ଆଉ ଏବେ ଘରୋଇ କଳିକୁ କେନ୍ଦ୍ର କରି ଠିକ ସେହି ଆଇପିଏସଙ୍କ ଉପରେ ସ୍ତ୍ରୀ କରିଛନ୍ତି ଅତର୍କିତ ଆକ୍ରମଣ। ହାତରେ ବାଜିଛି ଛୁରା। ରକ୍ତାକ୍ତ ହେବା ପରେ ଫ୍ୟାମିଲି ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ହୋଇଛି। ଖବର ମୁତାବକ, ବେଶ୍ ଉଚ୍ଚଭିଳାଷୀ ମହିଳା ଜଣଙ୍କ ସ୍ୱାମୀଙ୍କୁ ମୋଟା ଅଙ୍କର ଟଙ୍କା କଲେକ୍ସନ ପାଇଁ ବାଧ୍ୟ କରନ୍ତି। ପୂର୍ବରୁ ଭଦ୍ରକ ଜିଲ୍ଲାର ଏସପି ଥିବା ବେଳେ ଏକ ଜୁଏଲାରୀରୁ ସୁନା କିଣିଦେଇ ଆଇଆଇସିଙ୍କ ବାକି ଖାତାରେ ପକାଇ ଦେଇଥିବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା। ଆଉ ପରେ ବାବୁଙ୍କ ବଦଳି ହୋଇଥିଲା ୧୩ଟି ଜିଲ୍ଲା ବିଶିଷ୍ଟ ଏକ ଥାନାକୁ। ସାର ଟିଙ୍କ ଭଳି ଶୋଷିଚାଲିଥିଲେ ମଧ୍ୟ ମ୍ୟାଡାମଙ୍କୁ ସବୁବେଳେ ନିଅଣ୍ଟ। ବ୍ରାଣ୍ଡେଡ଼ କପଡା, ଅଳଙ୍କାର, ଜମି, ଗାଡ଼ି ପାଇଁ ସବୁବେଳେ ସାହେବଙ୍କ ପତ୍ନୀ ପାଗଳ। ଆଉ ସେଇଥିରୁ କିଛି କମିବାରୁ ଆରମ୍ଭ ଘରୋଇ କଳି, ଛୁରାମାଡ଼ ଭଳି ଭୟଙ୍କର ସ୍ଥିତି ବି ଉପୁଜିଛି। ତେବେ ଏନେଇ କଥା ଡିଜିପିଙ୍କ ଅଫିସରେ ପହଞ୍ଚିବା ପରେ ବାବୁଙ୍କ ସମସ୍ୟା ବଢ଼ିଛି।

### ଘରୋଇ କଳିକୁ ଘରେ ଚାପିବାକୁ ଉଦ୍ୟମ

## କାନ ଡେରିଆ



ବର୍ଷ ଶେଷହେଲା
ସଂକଳ୍ପ ବି ନେବେ
ନିଶା ଦ୍ରବ୍ୟ ଛାଡ଼ିଦେବେ
ବର୍ଷ ଶେଷଦିନେ ପ୍ରବଳ ପିଇବେ
ପୁରୁଣାକୁ ଭୁଲିଯିବେ
ନୂଆ ବରଷ ପାଇବେ...
ସେଇଦିନ ପୁଣି ସ୍ୱାଗତ ଖୁସିରେ
ଆଉଥରେ ପିଇଦେବେ।

■ ଦେବାଶିଷ

## ଖୋଜା ହେଉଛନ୍ତି ବିଶ୍ୱସ୍ତ ବାବୁ

ଶୀଘ୍ର ଆଇପିଏସ୍ ସ୍ତରରେ ଆମୂଳଚୂଳ ପରିବର୍ତ୍ତନ

**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ରାଜ୍ୟ ପୁଲିସ୍ ପ୍ରଶାସନରେ ଖୁବ୍‌ଶୀଘ୍ର ହେବ ବଡ଼ ଧରଣର ପରିବର୍ତ୍ତନ। ଆଇପିଏସ୍ ସ୍ତରରେ ବଦଳି ପାଇଁ ସରକାର ପ୍ରସ୍ତୁତି ଚଳାଇଥିବା ବେଳେ ବିଶ୍ୱସ୍ତ ଅଫିସର ଖୋଜା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟରେ ଏବେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳମାନେ ସରକାରଙ୍କ ଆଡ଼କୁ ଅଙ୍ଗୁଳି ଉଠାଇବାରେ ଲାଗିଛନ୍ତି। ବାଲି ଚୋରିଠାରୁ ଆରମ୍ଭ କରି ମାନବ ଚାଲାଣ ଓ ବଙ୍ଗଳାଦେଶୀଙ୍କ ଆଡ୍ଡା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଥିପାଇଁ କେତେକ ବରିଷ୍ଠ ପୁଲିସ୍ ବାବୁ ଦାୟୀ ବୋଲି ସରକାର ବିଚାରୁଛନ୍ତି। ବିଶେଷକରି ପୂର୍ବ ସରକାର ସମୟର କିଛି ଗାଦିମଡ଼ା ଅଫିସର ଏବେ ବି ବିଜେଡିର ଖବରୀ ପାଲଟିଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ନେଇ ଆଲୋଚନା ପରେ ଏବେ ବଦଳି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ବଦଳି ତାଲିକାରେ ଡିଆଇଜିଠାରୁ ଏସ୍‌ପି ପର୍ଯ୍ୟନ୍ତ ବରିଷ୍ଠ ପୁଲିସ୍ ଅଫିସରମାନେ ରହିଛନ୍ତି। ଏମାନଙ୍କ ମଧ୍ୟରୁ କାହାକୁ କେଉଁଠାକୁ ବଦଳି କରାଯିବ, ତାହା ସ୍ଥିର ହୋଇନଥିଲେ ମଧ୍ୟ ବିଭିନ୍ନ ଜିଲ୍ଲାରେ




### ବିଦାହେବେ ପୁରୁଣା ଖବରୀ

ଗତ ୬ ମାସର ଆଇନଶୃଙ୍ଖଳାକୁ ତର୍ଜମା କରାଯାଉଛି। ବରିଷ୍ଠ ପୁଲିସ୍ ବାବୁମାନେ ଜିଲ୍ଲାକୁ କିଭଳି ସମ୍ଭାଳିଛନ୍ତି, ତା'ର ରିପୋର୍ଟ ଚୂଡ଼ାନ୍ତ ହେବା ପରେ ସେମାନଙ୍କ ପ୍ରଦର୍ଶନ ନେଇ ବଦଳି କରାଯିବ ବୋଲି ସୂଚନା ମିଳିଛି।

ଏହି ବଦଳି ତାଲିକା କାର୍ଯ୍ୟକାରୀ ହେଲେ ବିଜେଡି ସରକାର ଅମଳର କିଛି ଖାକିବାବୁ ବଳି ପଡ଼ିବେ ବୋଲି ଏବେଠାରୁ ପୁଲିସ୍ ମହଲରେ ଆଲୋଚନା ଜୋର ଧରିଛି। କାରଣ ପୂର୍ବ ସରକାର ସମୟରେ କିଛି ପୁଲିସ୍ ବାବୁ ଅଖଣ୍ଡ କ୍ଷମତା ଉପଭୋଗ କରୁଥିଲେ। ଯେଉଁଠାକୁ ଚାହୁଁଥିଲେ ସେଠାକୁ ମନଇଚ୍ଛା ବଦଳି ହୋଇ ଚାଲିଯାଉଥିଲେ। ଖଣି ଅଞ୍ଚଳରେ ବର୍ଷ ବର୍ଷ ଧରି ଡେରା ପକାଇ ବେଶ୍ ପକେଟ୍ ଗରମ କରୁଥିଲେ। ରାଜ୍ୟରେ ସରକାର ବଦଳିଥିଲେ ମଧ୍ୟ ଅନେକ ବରିଷ୍ଠ ଏବେ ବି ସେହି ରୋଗରେ ଆକ୍ରାନ୍ତ ଥିବା ନେଇ ଚର୍ଚ୍ଚା ଚାଲିଛି।

ତେଣୁ ରାଜ୍ୟର ଆଇନ୍‌ଶୃଙ୍ଖଳା ସୁଧାରିବା ସହ ସରକାରଙ୍କ ଭାବମୂର୍ତ୍ତିକୁ ଚକ୍ ଚକ୍ କରିବା ପାଇଁ ଦକ୍ଷ ଆଇପିଏସ୍ ଅଫିସରମାନଙ୍କ ଉପରେ ସରକାର ଭରସା ପାଇଁ ସ୍ଥିର କରିଛନ୍ତି। ଏଥିପାଇଁ ବିଶ୍ୱସ୍ତ ଆଇପିଏସ୍ ଅଫିସରଙ୍କର ଏକ ତାଲିକା ପ୍ରସ୍ତୁତି ଚାଲିଛି। ଏଥିପାଇଁ ➪ପୃଷ୍ଠା-୬

## ୩୮ ଏସ୍ଏଚ୍‌ଜି ବ୍ଲାକ୍‌ଲିଷ୍ଟ୍

ନିମ୍ନମାନର ଛତୁଆ ଯୋଗାଣ

**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ ପ୍ରମାଣିତ ହେବା ପରେ ରାଜ୍ୟ ସରକାର ୮ଟି ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)କୁ କଳା ତାଲିକାଭୁକ୍ତ କରିଛନ୍ତି। ଆଜି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ବିଭାଗ ମୁଖ୍ୟ ପ୍ରଭାତୀ ପରିଡ଼ା ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୧୫ ଜିଲ୍ଲାର ଏହି ୩୮ଟି ଏସ୍ଏଚ୍‌ଜି ଛତୁଆ ଯୋଗାଣ ପାଇଁ ରହିଥିବା ଧାର୍ଯ୍ୟ ମାନକୁ ପୂରଣ କରିନାହାନ୍ତି। ବରଂ ଏଥିରେ ବୁଝାମଣା କରି ସେମାନେ ଗତ ୫ ବର୍ଷ ମଧ୍ୟରେ ଅପେକ୍ଷାକୃତ ନିମ୍ନ ମାନର ଓ ପୋଷକହୀନ ଛତୁଆ ଯୋଗାଇଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କୁ ମୁଖ୍ୟତଃ ଛତୁଆ ଯୋଗାଣ ହେଉଛି, ଯାହାକି ନବଜାତ ଶିଶୁ ସହ କିଶୋରୀମାନଙ୍କୁ ପୋଷଣ ଯୋଗାଣ ସକାଶେ ଯୋଗାଇ ଦିଆଯାଇଆସୁଛି। କିନ୍ତୁ ବିଭିନ୍ନ ସ୍ଥାନରେ ନିମ୍ନ ମାନର ଛତୁଆ ଖାଇ ମୃତାହତ ଘଟଣା ସାମ୍ନାକୁ ଆସିବା ପରେ ଏହା ଉପରେ ରାଜ୍ୟ ସରକାର କଡ଼ା ନଜର ରଖିବା ସହ ଶେଷରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଶ୍ରୀମତୀ ➪ପୃଷ୍ଠା-୬

## ଗିଲନେଟର ଜବତ, ୧୯ ମତ୍ସ୍ୟଜୀବୀ ଗିରଫ



ରାଜନଗର,୬।୧୨ (ସଂଚାର ବ୍ୟୁରୋ): ଗହିରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପେଟ୍ରୋଲିଙ୍ଗ ଟିମ ଗିଲନେଟର ଜବତ କରିବା ସହିତ ଟ୍ରଲରରେ ଥିବା ୧୯ ଜଣ ମତ୍ସ୍ୟଜୀବିଙ୍କୁ ଗିରଫ କରିଛି। ଗହିରମଥା ସାମୁଦ୍ରିକ ଅଭୟାରଣ୍ୟର ଅଗରନାସୀ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ଅଞ୍ଚଳର ମା କାଳିଜାଇ ନାମକ ଗିଲନେଟରକୁ ଜବତ କରାଯାଇଛି। ଟ୍ରଲରରେ ଥିବା ବୁଲୁ ସିଂ, ଜିତେନ୍ଦ୍ର ସିଂ, ମୁନା ସିଂ, ବଚନ ସିଂ, ଶ୍ୟାମ ସିଂ, ବଙ୍ଗୁ ସିଂ, ରାଜା ସିଂ, ରବିଶଙ୍କର ସିଂ, ମଙ୍ଗଳ ସିଂ, କୁଶା ସିଂ, କାଳିରାମ ସିଂ,ବିଜୟ ହେମ୍ବ୍ରମ, କାର୍ତ୍ତିକ ସିଂ, ଗାଲୁ ସୋରେନ, ଶିବ ସିଂ, ଦୀପୁ ସୋରେନ, ରାମ ସିଂ, ଶ୍ରୀନାଥ ପରିଡ଼ା ପ୍ରମୁଖ ୧୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଟ୍ରଲରରେ ଥିବା ୧ଟି ଜିପିଏସ, ୨ଟି ଭିଏଚଏଫ, ଗିଲ ନେଟ ୩ଟି,ଜାଣି ନେଟ ୧ଟି,ଲାଇନେ ନେଟ ୧ଟି,ଟୋନ ନେଟ ୧ଟି, ୧୩.୫୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବି ମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛନ୍ତି ।

## ଗାଡ଼ି ଡିକିଭାଙ୍ଗି ଲୁଟ୍ କରୁଥିବା ଗ୍ୟାଙ୍ଗର ୨ଗିରଫ

● ୩ଲକ୍ଷ ୩୯ହଜାର ଟଙ୍କା ଜବତ୍



ସାଲେପୁର,୬।୧୨ (ସଂଚାର ବ୍ୟୁରୋ): କିଛି ଦିନ ହେବ ସାଲେପୁର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୁଇଚକିଆ ଗାଡ଼ିର ଡିକି ଭାଙ୍ଗି ଲୁଟ୍‌ତରାଜ ଚଳାଉଥିବା ଏକ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ସାଲେପୁର ପୁଲିସ। ଏହି ଗ୍ୟାଙ୍ଗର ୨ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୩ଲକ୍ଷ ୩୯ହଜାର ଟଙ୍କା ଓ ଏକ ମାଷ୍ଟର ଚାବି ପୁଲିସ ଜବତ କରିଥିବା ଆଜି ସାଲେପୁର ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସାଲେପୁର ଏସ୍.ଡି.ପି.ଓ. ପ୍ରକାଶ କରିଛନ୍ତି।

ପ୍ରକାଶ ଯେ ଗତ କିଛି ମାସ ହେବ କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା, କଟକ, ବୈଦେଶ୍ୱର, କଣ୍ଡାପଡ଼ା, ଭଦ୍ରେଶ୍ୱର ଥାନା ଅଞ୍ଚଳରେ ବିଭିନ୍ନ ଉପାୟରେ ଗାଡ଼ି ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍ କରି ଲୁଟେରାମାନେ ଚମ୍ପଟ ମାରୁଥିଲେ। ଗତ ନଭେମ୍ବର ୨୬ତାରିଖ ଦିନ ଜଗତପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମର ବସନ୍ତ କୁମାର ସାମଲ ସାଲେପୁର ୟୁକୋ ବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ନିକଟରେ ଥିବା ଏକ ଔଷଧ ଦୋକାନରୁ ଔଷଧ କିଣିବାକୁ ଯାଇଥିବାବେଳେ ଉକ୍ତ ସମୟରେ କେହି ଦୁର୍ବୃତ୍ତ ତାଙ୍କ ସ୍କୁଟି ଡିକିରେ ଥିବା ୧ଲକ୍ଷ ଟଙ୍କାକୁ ଲୁଟି ନେଇଥିଲେ। ସେହିପରି ସମାନ ଢଙ୍ଗରେ କଟକ ଜିଲ୍ଲାର ଭଦ୍ରେଶ୍ୱର, ବାଙ୍କି, ବଡ଼ମ୍ବା, ଜଗତପୁର ଥାନା ଅଞ୍ଚଳରେ ଏହିଭଳି ଡିକି ଭାଙ୍ଗି ଟଙ୍କା ଲୁଟ୍ କରି ଆସାମୀମାନେ ଚମ୍ପଟ ମାରୁଥିଲେ। ସାଲେପୁର ପୁଲିସ ୫୮୫/୨୦୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଜେଲ୍ ହାଜତକୁ ପଠାଇଦେଇବା ଜଣାଯାଇଛି। ଏହି ଘଟଣାରେ ଅନ୍ୟ ୪ଜଣ ଆସାମୀ ଫେରାର ଥିବାବେଳେ ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସାଲେପୁର ଏସ୍.ଡି.ପି.ଓ. ବିରଞ୍ଚିନାରାୟଣ ପତି ପ୍ରକାଶ କରିଛନ୍ତି।

# ଚୁଲିକି ଗଲାଣି ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

### ଦୁର୍ନୀତିର ତଦନ୍ତ କରିବାକୁ ଯାଉନି ପ୍ରଶାସନ ହାତ

### ଧାରଣାରେ ବସିବାକୁ ଚେତାବନୀ ଦେଲେଣି ଅଭିଯୋଗକାରୀ



ଆଳି,୬।୧୨(ସଂଚାର ବ୍ୟୁରୋ): ପଦନୀପାଳ ପଞ୍ଚାୟତ ୨୦୨୨ ମସିହା ଠାରୁ ସରପଞ୍ଚ ଓ ଯନ୍ତ୍ରୀ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। କୋଉଠି କାମ ନକରି ସରକାରୀ ଅର୍ଥକୁ ତଚ୍ଛ କରିଛନ୍ତି କୋଉଠି କାଗଜ ପତ୍ରରେ କାର୍ଯ୍ୟ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ମହାଦୁର୍ନୀତି କରିଥିବା ଅଭିଯୋଗକାରୀ ଅଭିଯୋଗ କରିଥିଲେ। ପରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର କହିଥିଲେ ଏହାର ତଦନ୍ତ କରାଯିବା କିନ୍ତୁ ଆଜି ଯାଏଁ ତଦନ୍ତ ନ ହେବା କୋଉଠିନା କୋଉଠି ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ଚୁଲିକି ଗଲାପରି ଲାଗୁଛି। କାହିଁକି ପ୍ରଶାସନ ତଦନ୍ତ କରିବାକୁ ପଛଘୁଞ୍ଚା ଦେଉଛି। ରହିଛିକି କିଛି ଗୁଡ଼ ରହସ୍ୟ। ତଦନ୍ତ ହେଲେ ଫସିଯିବେକି ପ୍ରଶାସନିକ ଅଧିକାରୀମାନେ। ସେମାନଙ୍କୁ ଏଥିରୁ ବର୍ତ୍ତିବାକୁ ହୋଇନି କି ତଦନ୍ତ । ଯଦି ନା, ତାହାଲେ କିଏ ଅଟକାଉଛି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ।

ଅନ୍ୟ ପଟେ ଅଭିଯୋଗକାରୀ ଶିବରାମ ମଲିକ ଆଳି ବିଡ଼ିଓଙ୍କୁ ଭେଟି ଖୁବ୍ ଶୀଘ୍ର ଦୁର୍ନୀତି ତଦନ୍ତ କରିବାକୁ ଲିଖିତ ଅଭିଯୋଗ ଦେବା ସହ ଆଗାମୀ ସାତ ଦିନରେ ତଦନ୍ତ ନ ହୁଏ ବ୍ଲକରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

## ବିଧାନସଭାରେ ପ୍ରାର୍ଥନା ଦିବସ ପ୍ରସଙ୍ଗ ଉଠାଇଲେ ବିଧାୟକ ଗଣେଶ୍ୱର

କେନ୍ଦ୍ରାପଡ଼ା,୬।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ବିଗତ ୮ବର୍ଷ ଧରି ବିଶ୍ୱଶାନ୍ତି ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀମାସ ପହିଲା ଦିନ ସମୂହ ପ୍ରାର୍ଥନାର ଆୟୋଜନ କରିଆସୁଛନ୍ତି। ସମଗ୍ର ବିଶ୍ୱରେ ଅଶାନ୍ତି ବ୍ୟାପୁଥିବାରୁ ଧର୍ମ, ମତ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଓ ବାତାବରଣ ସୃଷ୍ଟି କରିବା ଉଦେଶ୍ୟରେ ଏକ ନିର୍ଦ୍ଧିଷ୍ଟ ସମୟରେ ସମସ୍ତେ ଘାଟିଏ ପାଇଁ ନିଜ ନିଜର ଇଷ୍ଟଦେବଙ୍କୁ ପ୍ରାର୍ଥନା କରିବାକୁ ଶ୍ରୀମା ଆହ୍ୱାନ ଦେଇଥିବା ବେଳେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଏହି ପ୍ରସଙ୍ଗ ଓଡିଶା ବିଧାନସଭାରେ ଉଠାଇଛନ୍ତି। ସମଗ୍ର ମାନବଜାତି ପାଇଁ ଶ୍ରୀମା ଏହି ଉଦ୍ୟମ ଓଡିଶାରେ ଆରମ୍ଭ କରିଥିବାରୁ ଓଡିଶା ସରକାର ଏହାକୁ ଏକ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରି ଜାନୁଆରୀମାସ ୧ତାରିଖରେ ସମୂହ ପ୍ରାର୍ଥନା ପାଇଁ ଉଦ୍ୟମ କରନ୍ତୁ ବୋଲି ବିଧାୟକ ଶ୍ରୀ ବେହେରା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଏହାବ୍ୟତିତ ଏହି ଦିନକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ଘୋଷଣା କରିବା ନିମନ୍ତେ ଉପଯୁକ୍ତ ଫୋରମରେ ପ୍ରସ୍ତାବ ରଖିବାକୁ ବିଧାୟକ ଶ୍ରୀ ବେହେରା ବାଚସ୍ପତିଙ୍କୁ ମଧ ଅନୁରୋଧ କରିଥିଲେ। ସୂଚନା ଯୋଗ୍ୟ ଯେ ଶ୍ରୀମା'ଙ୍କ ଉଦ୍ୟମରେ ଜାନୁଆରୀ ୧ତାରିଖରେ ରାଜ୍ୟର ବିଭିନ୍ନ ଜିଲ୍ଲା, ବ୍ଲକ ଓ ସହର ସମେତ ଦେଶର ବିଭିନ୍ନ ସହରରେ ସମୂହ ପ୍ରାର୍ଥନା ଆୟୋଜିତ ହୋଇ ଆସୁଅଛି । ବିଧାୟକ ଶ୍ରୀ ବେହେରା ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇ ଥିବାରୁ ଶ୍ରୀମା ଏଥିନିମନ୍ତେ ତାଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି ।

## ସହରକୁ ପଲିଥିନମୁକ୍ତ କରିବା ପାଇଁ ବ୍ୟାଗ ବଣ୍ଟନ



କେନ୍ଦ୍ରାପଡ଼ା,୬।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରାଞ୍ଚଳରେ ବ୍ୟବସାୟୀ ପଲିଥିନ ଜରିରେ ସାମଗ୍ରୀ ବିକ୍ରି କରୁଥିବାରୁ ପୌରସଂସ୍ଥା ପକ୍ଷରୁ ଅନେକ ସମୟରେ ପଲିଥିନ ଜବତ କରିବା ସହିତ ଜରିମାନା ଆଦାୟ କରାଯାଇଛି । ପଲିଥିନକୁ ସଂପୂର୍ଣ୍ଣ ସହରରୁ ବନ୍ଦ କରିବା ପାଇଁ ପୌର ଅଧକ୍ଷା ସରିତା ସାହୁଙ୍କ ନେତୃତ୍ୱରେ କାଉନସିଲର ଉମେଶ ଚନ୍ଦ୍ର ନାୟକ ନିଜସ୍ୱ ପାଣ୍ଠିରୁ ସାବ୍ରସାହି ପୋଲ, ଲକ ପୋଲ, ନୂଆ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ, ତିନିମୁହାଣୀ ଆଦି ଅଂଚଳରେ ପରିବା ବ୍ୟବସାୟୀଙ୍କୁ ପଲିଥିନରେ ସାମଗ୍ରୀ ନ ଦେବା ପାଇଁ କୁହାଯିବା ସହିତ ପରିବା କିଣୁଥିବା ଓ ଅନ୍ୟାନ୍ୟ ସାମଗ୍ରୀ କିଣୁଥିବା ବ୍ୟକ୍ତି ବିଶେଷଙ୍କୁ ମାଗଣା ବ୍ୟାଗ ବଣ୍ଟନ କରାଯାଇଛି।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେକ ନସିମୁଦ୍ଦିନ, ପ୍ରଦିପ ନାୟକ, ବିଶ୍ୱଜିତ ଦାସଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା ମଦ ବ୍ୟବସାୟୀଙ୍କୁ ପୁଲିସ ଜିମା ଦେଲେ ଗ୍ରାମବାସୀ

ସାଲେପୁର,୬।୧୨(ସଂଚାର ବ୍ୟୁରୋ): ସାଲେପୁର ଅଞ୍ଚଳରୁ ଆଜି ସକାଳ ପ୍ରାୟ ୮ଟା ସମୟରେ ଜୟନ୍ତ ବେହେରା ନାମକ ଜଣେ ମଦ ବ୍ୟବସାୟୀ ବାଲିଆ ଶଙ୍କରପୁର ଗ୍ରାମର ବଟ କାଣ୍ଡି ଘରକୁ ୧୦ପେଟି ଦେଶୀମଦ ନେଇ ଯାଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଓ ମହିଳାମାନେ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କୁ ଧରିବା ସହ ସେ ଆଣିଥିବା ମଦକୁ ରାସ୍ତାରେ ଭାଙ୍ଗି ନଷ୍ଟ କରିଦେଇଥିଲେ। ପରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଏକ ଗଛରେ ବାନ୍ଧି ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମଦ ବ୍ୟବସାୟୀ ଜୟନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ଚୋରା ବାଲି ଓ ଟିପି ଦେଉ ନଥିବା ଖାଦାନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଉପରେ ଗୁରୁତ୍ୱ

କେନ୍ଦ୍ରାପଡା, ୬।୧୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଏକ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲା ଖଣି ଅଧିକାରୀ, ଅବକାରୀ ଅଧକ୍ଷ ପ୍ରମୁଖ ଯୋଗଦେଇ



ଜିଲ୍ଲାରେ ଜବରଦଖଲ ଉଚ୍ଛେଦ, ବେଆଇନ୍ ବାଲି ଖାଦାନ ଉପରେ ଚଢାଉ କରି ହାଇୱାରେ ବାଲି ଆଣୁଥିବା ମାଲିକଙ୍କୁ ଖାଦାନ ମାଲିକ ମାନେ ଟିପି ଦେଉ ନଥିବାରୁ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରାଯାଇଅଛି। ଏଥିସହିତ ବେଆଇନ୍ ଖଣି କାରବାର ପ୍ରତିହତ କରିବା, ଜିଲ୍ଲାରେ ଚୋରାରେ ବିକ୍ରି ହେଉଥିବା ଗଞ୍ଜେଇ, ମଦ, ବ୍ରାଉନ୍ସ ସୁଗାର ଆଦିକୁ ଜବତ କରି ବିକ୍ରି କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ଅଂଚଳରେ ଜଙ୍ଗଲ ବିଭାଗ ଦ୍ୱାରା କୁମ୍ଭୀର ଆକ୍ରମଣକୁ ରୋକିବା ପାଇଁ ତାର ବାଡ ଦ୍ୱାରା ଗାଧୋଇବା ତୁଠ ନିର୍ମାଣ କରିବା ପାଇଁ ଉପ ଜିଲ୍ଲାପାଳ ଜିଲ୍ଲା ବନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା,୬।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟାର ଶନିବାର ଜିଲ୍ଲା କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜନଶୁଣାଣି, ସରକାରୀ ଜମି



ସୁରକ୍ଷା, ଅଙ୍ଗନବାଡି ଏବଂ ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ସୁଦୃଢ଼ କରିବା, ବାତ୍ୟା ଆଶ୍ରୟ ସ୍ଥଳ ମରାମତି, ଭାଗବତ ଟୁଙ୍ଗି, ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଜମି ଚିହ୍ନଟ, ଶ୍ରମିକ ପଞ୍ଜିକରଣ, ଶୀତଳ ଭଣ୍ଡାର, ପ୍ୟାକ୍ସରେ ମଣ୍ଡୀ ପାଇଁ ଜମି ଏବଂ ବିଭାଗ ବିଭାଗ ମଧ୍ୟରେ ଥିବା ଅନ୍ୟାନ୍ୟ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭିନ୍ନ ସଂକ୍ରାନ୍ତରେ ବିଭାଗ ବିଭାଗ ମଧ୍ୟରେ ଉମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅମୀୟ କେତେନ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସମେତ ଯୋଜନା, ଶ୍ରମ, କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନ, ମତ୍ସ୍ୟ, ମୃକା ସଂରକ୍ଷଣ, ବିଦ୍ୟୁତ୍ ବିଭାଗର ଅଧିକାରୀ ଏବଂ ଜିଲ୍ଲାର ସମସ୍ତ ବିଡ଼ିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।



## ଡ଼ଃ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ

ରାଜନଗର, ୬।୧୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଆମ୍ବେଦକର ଲୋହିଆ ବିଚାର ମଞ୍ଚ ଆନୁକୂଲ୍ୟରେ ଡଃ ଆମ୍ବେଦକରଙ୍କ ୬୯ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ମଞ୍ଚର ଜିଲ୍ଲା ସଭାନେତ୍ରୀ ପ୍ରମିଳା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମଞ୍ଚର ବ୍ଲକ ସଭାପତି ବାମନଚରଣ ଯେନା, ମହିଳା ସଭାନେତ୍ରୀ ସୀତା ସେଠୀ, ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ତହସିଲର ମୁଖ୍ୟ ଲିପିକ ଠାକୁର ଚନ୍ଦ୍ର ହେମ୍ବ୍ରମ, ସୁପରଭାଇଜର ପ୍ରକାଶ ଚନ୍ଦ୍ର ମହାନ୍ତି, ବ୍ଲକ ଆଇନଜୀବୀ ସଙ୍ଘର ସଭାପତି ଉମେଶ ଚନ୍ଦ୍ର ଦାସ, ଆଇନଜୀବୀ ପ୍ରଦୀପ କୁମାର ଦାସ, ତ୍ରୈଲୋକ୍ୟ କୁମାର ମହାନ୍ତି, ବିନ୍ଦୁରେଖା ବେହେରା, ସୁଶାନ୍ତ କୁମାର ଜେନା, ବିଶ୍ୱନାଥ ବାରିକ, ମନ୍ମଥ କୁମାର ରାଉତ, ଭଜହରି ମିଶ୍ର ପ୍ରମୋଦ କୁମାର ପ୍ରଧାନ ଯୋଗ ଦେଇ ଆମ୍ବେଦକରଙ୍କ ପ୍ରତିଭା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ।

## ଆନ୍ତର୍ଜାତିକ ସେମିନାରରେ ସାଲେପୁର କଲେଜ ଅଧକ୍ଷା ସମ୍ବର୍ଦ୍ଧିତ

ସାଲେପୁର,୬।୧୨(ସଂଚାର ବ୍ୟୁରୋ): ଏକ ଆନ୍ତର୍ଜାତିକ ସେମିନାରରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଡଃ ସଙ୍ଗୀତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପୁରୀ ପରିସରରେ ଏହି ବିଶ୍ୱସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଥିଲା। ଆଟ୍ର୍ ଅଫ୍ ବ୍ଲିସ୍ ଫାଉଣ୍ଡେସନ୍‌ର ଚେୟାରମ୍ୟାନ୍ ଶିକ୍ଷା ଗବେଷକ ପ୍ରଫେସର ଡଃ ପ୍ରସନ୍ନ କୁମାର ମହାପାତ୍ର ସାଲେପୁରଠାରେ ସୂଚନା ଦେଇଛନ୍ତି। ସେମିନାରର ଉଦ୍‌ଯାପନୀରେ ଏସ୍.ସି.ବି. ମେଡ଼ିକାଲ କଲେଜର ପ୍ରାକ୍ତନ ଅଧକ୍ଷା ଡାକ୍ତର ସିଦ୍ଧାନ୍ତ ଦାଶ, ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ର, ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଋଷିଆର ଆଲେକଜାଣ୍ଡାର ଜେନିନ୍, ବାହାନେନ୍ କୋ ମାରିଆର ପ୍ରାକ୍ତନ ପ୍ରାଧାପକ ପ୍ରଫେସର ବିମଳ ପ୍ରସାଦ ମହାପାତ୍ର, ବିଶିଷ୍ଟ ପ୍ରଶାସନିକ ଅଧିକାରୀ ବିଭୁତିଭୂଷଣ ସାମନ୍ତରାୟ ଯୋଗଦେଇ ଡଃ ମିଶ୍ରଙ୍କୁ ମହର୍ଷି ଭାସ୍କରାଚାର୍ଯ୍ୟ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପ୍ରାକ୍ତନ କୁଳପତି ପ୍ରଫେସର କୈଳାସ ଚନ୍ଦ୍ର ମିଶ୍ର, ପ୍ରତିଷ୍ଠିତ ଗାଇନୋକୋଲୋଜି ସୁପର ସ୍ପେଶାଲିଷ୍ଟ ପ୍ରଫେସର ରବୀନ୍ଦ୍ର କୁମାର ବେହେରା, ଋଷିଆ ଦେଶର ବାହାନେନ୍ କୋମାରିଆ ପ୍ରଫେସର ଗୋପାଳ ଚରଣ ନନ୍ଦଙ୍କୁ ତାଙ୍କର କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ବୋଲି ଡଃ ମହାପାତ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ଡଃ ମହାପାତ୍ରଙ୍କ ଲିଖିତ ଓ ସଂଯୋଜିତ ୧୨ଖଣ୍ଡ ପୁସ୍ତକକୁ ଲୋକାର୍ପଣ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦ୍ରାପଡ଼ା,୬।୧୨(ସଂଚାର ବ୍ୟୁରୋ): ଜିଲ୍ଲା ପୋଲିସ ମୁଖ୍ୟାଳୟ ରିଜର୍ଭ ପୋଲିସ ପଡିଆରେ ଶନିବାର ୬୩ତମ ରାଜ୍ୟ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ମିଳିତ ପ୍ୟାରେଡର ନେତୃତ୍ୱ ନେଇଥିଲେ ଗୃହରକ୍ଷୀ ବନବିହାରୀ ନାୟକ । ପ୍ରଥମେ ୧୯୪୨ ମସିହାରେ ବମ୍ବେ ଠାରେ ସାମ୍ପ୍ରଦାୟିକ ଦଙ୍ଗାକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପୋଲିସ ବାହିନୀ ନଥିବାରୁ ସେତେବେଳେ ପୋଲିସ ସଂସ୍ଥାକୁ ସାହାଯ୍ୟ କରିବାକୁ ଗୃହରକ୍ଷୀ ବାହିନୀ ଗଠନ କରାଯାଇଥିବା ବେଳେ ପୁନଶ୍ଚ ୧୯୬୨ ମସିହା ଡିସେମ୍ବର ୬ତାରିଖରେ ଚୀନ ଭାରତ ଉପରେ ଆକ୍ରମଣ କରିବା ସମୟରେ ଗୃହରକ୍ଷୀ ସଂସ୍ଥାକୁ ସାରାଦେଶରେ ମାନ୍ୟତା ମିଳିବା ସହିତ ପୋଲିସ ପଛକୁ ନିଷ୍କାମ ସେବାରେ ମହାନ ବ୍ରତ ନେଇ ଏକ ସହାୟକ ସଂସ୍ଥା ଭାବରେ ସାମିଲ କରାଯାଇଥିଲା ବୋଲି ଏସ.ପି. ଶ୍ରୀ କଟାରିଆ ବକ୍ତବ୍ୟ ରଖିଥିଲେ । ତେଣୁ ସେହିଦିନ ଠାରୁ ସାରା ଭାରତବର୍ଷରେ ଡିସେମ୍ବର ୬ ତାରିଖକୁ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଇଆସୁଅଛି।



ଗୃହରକ୍ଷୀମାନେ ନିଷ୍ଠାର ସହିତ ସେବା ମନୋଭାବ ନେଇ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆରକ୍ଷୀ ଅଧିକ୍ଷକ ଶ୍ରୀ କଟାରିଆ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଡିଏସପି(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, କେନ୍ଦ୍ରାପଡା ଏସଡିପିଓ. ଜ୍ୟୋତିରଞ୍ଜନ ଗୌଡା, ଉପ ଆରକ୍ଷୀ ଅଧିକ୍ଷକ ସରୋଜ କୁମାର ସାହୁ, ରିଜର୍ଭ ଇନିସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ଇନସପେକ୍ଟର(ଆର୍ମସ) ଅକ୍ଷୟ କୁମାର ଘଡେଇ, ଟାଉନଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଭାରତରତ୍ନ ଆମ୍ବେଦକରଙ୍କ ପରିନିର୍ଭାନ ଦିବସ

କେନ୍ଦ୍ରାପଡା,୬।୧୨(ସଂଚାର ବ୍ୟୁରୋ): ଭାରତରତ୍ନ ସମ୍ବିଧାନ ପ୍ରଣେତା ଡ଼ଃ ବାବା ସାହେବ ବି ଆର୍ ଆମ୍ବେଦକର ଙ୍କର ୬୯ତମ ପରିନିର୍ଭାନ ଦିବସ ରାଜ୍ୟ ସମତା ସୈନିକ ଦଳ ସଭାପତି ସୁଧିର କୁମାର ମଲିକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହେଇଯାଇଛି । କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ରଘୁରାମ ଆରା ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଳିତା ଦାସ, ପୌର ଅଧକ୍ଷା ସରିତା ସାହୁ, କଂଗ୍ରେସର ବରିଷ୍ଠ ନେତା ତଥା ଆଇନଜିବୀ ହଳଧର ସେଠୀ, ପ୍ରମୁଖ ଉପସ୍ଥିତ ରହି ଭାରତରତ୍ନ ବାବା ସାହେବ ଆମ୍ବେଦକର ଙ୍କ ଅଦର୍ଶ, ଜୀବନୀ ଓ ସମ୍ବିଧାନ ପ୍ରଣେତା ସଂପର୍କରେ ଆଲୋକପାତ କରିଥିଲେ । ସବା ପ୍ରାରମ୍ଭରେ ତାଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାପର୍ଣ କରାଯାଇଥିଲା । ଶେଷରେ ଆଇନଜିବୀ ଅପୂର୍ବ ରଂଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ଟୁନି ମଲିକ, ମନୋରଂଜନ ମଲିକ, ତ୍ରିଲୋଚନ ମଲିକ, ମମତାମୟୀ ମଲିକ, ପ୍ରଶାନ୍ତ ମହାପାତ୍ର, ସୂର୍ଯ୍ୟକାନ୍ତ ମଲିକ, ଗୟାଧର ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୬।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା



ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆ ମହିଳା ମହାବିଦ୍ୟାଳୟର ଅଧକ୍ଷା ପଦ୍ମାଳୟା ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମନୋବିଜ୍ଞାନ ପ୍ରାଧାପକ ମୁରଲୀଧର ରଥ, ଶିକ୍ଷକ ନାରାୟଣ ସ୍ୱାଇଁ, ସମାଜସେବୀ ନଗେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଜୀବନରେ ଶିକ୍ଷା ଗ୍ରହଣ ସହିତ କ୍ରୀଡାର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ପ୍ରଥମରୁ ଦାଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସମ୍ପାଦକ ରାଜଗୋପାଳ ମହାନ୍ତି ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ



ପଟ୍ଟାମୁଣ୍ଡାଇ,୬।୧୨(ସଂଚାର ବ୍ୟୁରୋ): ସମ୍ବିଧାନ ପ୍ରଣେତା ଭି.ଆର ଆମ୍ବେଦକରଙ୍କ ୭୦ତମ ତିରୋଧାନ ଦିବସ ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ,ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଡ଼ ଅଶୋକ ରାଉତ, ନାରୀନେତ୍ରୀ ରିଜୁ ୱାନା ବେଗମ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଆମ୍ବେଦକରଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସ୍ମୃତି ସଂସଦ ସମ୍ପାଦକ କାଉନସିଲର ଗୋପୀବଲ୍ଲଭ ନାୟକ ବିବରଣୀ ପାଠ କରିଥିଲେ । ଏହି ସଭାରେ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ, ବିଜୟ ସାହୁ, ଶ୍ରୀଧର ରାଉତ, ଗୌରାଙ୍ଗ ମହାନ୍ତି କାଉନସିଲର ସୁବାଷ ମଲିଜ, ଆଡ଼ଭୋକେଟ ପ୍ରମୋଦ ସାହୁ ଦଶରଥ ମଲିକ, ବିଷ୍ଣୁ ମଲିକ, ନବକିଶୋର ପଣ୍ଡା, ଦିଲ୍ଲୀପ ମଲିକ, ରବୀନ୍ଦ୍ର ପାତ୍ର,ତପରଞ୍ଜନ ବେହେରା ମଳୟ ମଲିକ ପ୍ରଶାନ୍ତ ସୂତାର, ଗୋବିନ୍ଦ ସେଠୀ ରବୀନ୍ଦ୍ର ସାହୁ, ଚିତ୍ତ ରଞ୍ଜନ ସେଠୀ, ସନ୍ତୋଷ ଦାସ, ଗୋପୀନାଥ ମଲିକ,ବାବୁ ମଲିକ, ରଂଜିତ ମଲିକ, ହାଡିବନ୍ଧୁ ନାୟକ ଅଜୟ ନାୟକ, କିଶୋର ବାରିକ କୃପାସିନ୍ଧୁ ନାୟକ,ଅଶୋକ ବାରିକ ରାଜକିଶୋର ମଲିକ, ଜାକିର ହୁସେନ, ଏସ କେ ଅମରୁଲ ଏସ କେ ମଦାନୀ ପ୍ରମୁଖ ଭାଷଣ ଦେଇଥିଲେ ।

## ନବଘନଙ୍କ ପରି ଶିକ୍ଷକ ଛାତ୍ର ସମାଜ ପାଇଁ ଆଲୋକବର୍ତ୍ତିକା



ମାର୍ଶାଘାଇ,୬।୧୨(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ହାଇସ୍କୁଲ ଶାସନିପଡା ଠାରେ ଆଦର୍ଶ ପ୍ରଧାନ ଶିକ୍ଷକ, ସଂଗଠକ ତଥା ସମାଜସେବୀ ନବଘନ ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନବଘନ ମହାରଣାଙ୍କ ପରି ଆଦର୍ଶ ଶିକ୍ଷକ ନିଜ ଜୀବନରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ଓ ପଥ ପଦର୍ଶକ ହେବା ସହ ଛାତ୍ର ସମାଜ ପାଇଁ ଆଲୋକ ବର୍ତ୍ତିକା ସାଜିଥିଲେ ବୋଲି ମତବ୍ୟକ୍ତ କରିଥିଲେ ।

# ମାହାଙ୍ଗା ବିଜେପି ପକ୍ଷରୁ ବନ୍ଦେ ମାତରମ୍ ୧୫୦ବର୍ଷ ପୂର୍ତ୍ତି ପାଳନ



ମାହାଙ୍ଗା,୬।୧୨(ସଂଚାର ବ୍ୟୁରୋ): ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଆଜି ମାହାଙ୍ଗା ନିର୍ବାଚନ ମଣ୍ଡଳ ଭାରତୀୟ ଜନତା ପାର୍ଟି ମାହାଙ୍ଗା କ୍ଷେତ୍ର ପକ୍ଷରୁ ଉମର ଗ୍ରାମ ପଞ୍ଚାୟତ ନାଳିପଡ଼ିଆ ଠାରେ ମାହାଙ୍ଗା ଜୋନ୍ ନଂ-୪୧ ବିଜେପି ସଭାପତି ନିର୍ମଳ କୁମାର ରାଉତଙ୍କ ସଭାପତିତ୍ୱରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି, ସମୂହ ଗାନ ଓ ଆତ୍ମନିର୍ଭର ଭାରତ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେପି ଜାତୀୟ ସୋସିଆଲ ମିଡ଼ିଆ ସଂଯୋଜିକା ସୁଜାତା ପାଢ଼ୀ ଯୋଗ ଦେଇ ବନ୍ଦେ ମାତରମ୍ ହେଉଛି ଦେଶର ପ୍ରଥମ ବୈପ୍ଲବିକ ଶ୍ଳୋଗାନ୍, ବନ୍ଦେ ମାତରମ୍ କେବଳ ଏକ ଜାତୀୟତାବାଦ୍ ଭିତ୍ତିକ ସଙ୍ଗୀତ ନୁହେଁ ଏହା ଦେଶ ମାତୃକାର ବନ୍ଦନା ଯାହା ୦୭ ନଭେମ୍ବର ୧୯୭୫ରେ ଯେତେବେଳେ ତାଙ୍କ ଅମରକୃତୀ ଆନନ୍ଦ ମଠ' ମାଧମରେ ବନ୍ଦେ ମାତରମ୍ ପ୍ରଥମ ପ୍ରକାଶିତ ହୋଇଥିଲା, ସେତେବେଳେ ହିଁ ଏକ ନୂଆଯୁଗର ଆରମ୍ଭ ହେଲା, ସେତେବେଳେ ସ୍ୱାଧୀନତା ସଂଗ୍ରାମୀମାନେ ରାଜରାସ୍ତାରେ ଏହି ଜାତୀୟତାବାଦ ଗୀତର ତାଳେ ତାଳେ ବ୍ରିଟିଶ ଶାସନକୁ ବିରୋଧ କରୁଥିଲେ। କାର୍ଯ୍ୟକ୍ରମରେ ଯୁବ ପିଢୀମାନଙ୍କୁ ଆହ୍ୱାନ ଦେଇ ଦେଶପ୍ରେମର ଭାବନା କେବଳ ଇତିହାସ ପଢ଼ିଦେଲେ ହୁଏନି ତାହାକୁ ଜୀବନରେ ବାସ୍ତବରେ ଅନୁସରଣ କରିବା ଆବଶ୍ୟକତା ରହିଛି। ଶ୍ରୀମତୀ ପାଢ଼ୀ ଉପସ୍ଥିତ ସମସ୍ତ ବିଜେପି କର୍ମୀମାନଙ୍କୁ ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ସଂକଳ୍ପ ଶପଥ କରାଇଥିଲେ।

**AFFIDAVIT**

I, Smt. Manjulata Panda, aged 40 years, w/o Sri Padmalochan Panda of Vill- Jagannathpur, P.O.- Janhia Manatri, P.S.-Soro, Dist- Balasore- 756045, do hereby solemnly affirm and state as follows:-

1) That, I am the deponent of this affidavit and permanent resident of the above mentioned address.

2) That, I have purchased a piece of land measuring Ac 0.25 decs. from Smrutikanta Sadangi, S/o Bishnu Mohan Sadangi on dtd. 06/03/2013 and on the same day Sri Smrutikanta Sadangi had given his original Sale Deed No. 1613 atd. 01-05-06 to me.

3) That, on dtd. 23-11-20 25 while I was coming to Balasore to consult with my Advocate about case matter on the way, the bag containing Original R.S.D. No. 1613 dtd. 01/05/2006 along with R.O.R. and other land documents had been fallen some where on the way and inspite of my best effort I am unable to trace out the same till date.

4) That, the affidavit is submitted before appropriate authority for obtaining of Certified copy. of the lost documents. Hence, this affidavit is sworn in.

VERIFICATION

I, Smt. Manjulata Panda the deponent named above being present in the court premises at Balasore on this the 25/11/2025, do hereby declare that the facts stated above are all true to the best of my knowledge and belief.



## ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ପୁରୀ ବୀରହରେକୃଷ୍ଣପୁର ଶାସନରେ ଜନ୍ମଗ୍ରହଣ କରିଥିବା ଜୟୀ ରାଜଗୁରୁ କେବଳ ରାଜପୁରୋହିତ ନ ଥିଲେ, ଜ୍ଞାନୀ, ଗୁଣୀ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଓ ଶାସ୍ତ୍ର ବିଶାରଦ ଭାବେ ବି ପରିଚିତ ଥିଲେ। ଜୟୀ ରାଜଗୁରୁ ବୀର ପାଇକ ଜାତି ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରି ନିଜ ଅଞ୍ଚଳର ସୁରକ୍ଷା ପାଇଁ ଇଂରେଜମାନଙ୍କ ବିରୋଧରେ ଶସ୍ତ୍ର ଉଠାଇବା ପାଇଁ ସେ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ଆଜି ବି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଆଜି ତାଙ୍କ ଶ୍ରାଦ୍ଧଦିବସରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୂଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁର୍‌ବୀର୍ ସିଂ ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ପ୍ରମୁଖ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି।

# ଆଜିଠୁ ମା' ତାରିଣୀଙ୍କ ପୀଠର ନୂଆ କାୟାକଳ୍ପ

- ଆଜି କେନ୍ଦୁଝର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ
- ମା'ଙ୍କ ଦର୍ଶନ ସହ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ




**ଘଟଗାଁ/ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ନିଜ ଜିଲ୍ଲା କେଉଁଝର ଗସ୍ତ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କେବଳ ନିଜ ଜିଲ୍ଲା ଗସ୍ତ ନୁହେଁ; ଜିଲ୍ଲାର ମୂଳ ସାଂସ୍କୃତିକ ପରିଚୟ ମା' ତାରିଣୀ ପୀଠରେ ସର୍ବାଙ୍ଗୀନ ବିକାଶ ପାଇଁ ନୂଆ ଯୋଜନା ନେଇ ଯାଉଛନ୍ତି ମୁଖ୍ୟମନ୍ତ୍ରୀ। ମା' ତାରିଣୀଙ୍କ ପୀଠ ଓଡ଼ିଶାର ସାଂସ୍କୃତିକ ଓ ପର୍ଯ୍ୟଟନ ମାନଚିତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ କେଉଁଝର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଯୋଜନାର ଏକ ପ୍ରମୁଖ ଅଂଶ ହେଉଛି ମା' ତାରିଣୀ ପୀଠର ବିକାଶ। ଆସନ୍ତାକାଲିଠୁ ଆରମ୍ଭ ହେବ ମା'ଙ୍କ ପୀଠର କାୟାକଳ୍ପ। ମୁଖ୍ୟମନ୍ତ୍ରୀ ପାଖାପାଖି ୬୦ ଏକର ପରିମିତ ଜମି ଉପରେ ମା'ତାରିଣୀ ମନ୍ଦିରର ସର୍ବାଙ୍ଗୀନ ବିକାଶ ମୂଳଦୁଆ ରଖିବେ। ଏହି ପ୍ରକଳ୍ପ ସମୂହରେ ୩୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ସକାଶେ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅନୁମୋଦନ ମିଳିସାରିଛି। ବିଶେଷକରି ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ୫୦୦ ଲୋକଙ୍କ ଏକ ସଙ୍ଗେ ପ୍ରସାଦ ସେବନ ପାଇଁ ସୁବନ୍ଦୋବସ୍ତ, ନଡ଼ିଆ ଗୋଦାମ ସହ ମା'ତାରିଣୀ ମନ୍ଦିର ସମ୍ବନ୍ଧୀୟ ଏକ ସୁନ୍ଦର ବ୍ୟାଖ୍ୟାନ କେନ୍ଦ୍ର ଭଳି ଅତ୍ୟାଧୁନିକ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଯୋଜନା କରିଛନ୍ତି। ଏଥିସହ ଯାତ୍ରୀ ସୁବିଧା କେନ୍ଦ୍ର, ଖାଦ୍ୟ ପ୍ରାଙ୍ଗଣ, ୱାଚ ଟାୱାର ଆଦି ଯୋଜନା ମଧ୍ୟ ରହିଛି।

ଆହୁରି ମା'ତାରିଣୀ ମନ୍ଦିର ସଂଲଗ୍ନ ଅଞ୍ଚଳଗୁଡ଼ିକର ବିକାଶ ସହ ଯାତ୍ରୀ ସୁବିଧା ପାଇଁ ପାଖାପାଖି ଅଞ୍ଚଳରେ ଅନେକ ଆନୁଷଙ୍ଗିକ ବ୍ୟବସ୍ଥା ଯୋଜନା ବି ହୋଇଛି। ଏଥିରେ ସୁଦୀର୍ଘ ପାର୍କିଂ ବ୍ୟବସ୍ଥା, ଜଳ ଯୋଗାଣ, ବିଦ୍ୟୁତ ଓ ଆଲୋକୀକରଣ ବ୍ୟବସ୍ଥା, ଡ୍ରେନେଜ୍ ସୁବିଧା, ମନ୍ଦିର ସୀମା ପ୍ରାଚୀର ନିର୍ମାଣ, ଆଲୋକ ଓ ଧ୍ୱନି ବ୍ୟବସ୍ଥା ସମେତ ମନ୍ଦିର ଭିତରେ ଯାତ୍ରୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ଧାଡ଼ି ପରିଚାଳନା ପାଇଁ ସୁବନ୍ଦୋବସ୍ତ ପ୍ରମୁଖ।

ସେହିପରି ପୁଷ୍କରିଣୀ ଧର୍ମୀୟ ଭାବନାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହାକୁ ଧ୍ୟାନରେ ରଖି ବୃହତ ପୁଷ୍କରିଣୀର ବିକାଶ, ଛୋଟ ପୁଷ୍କରିଣୀ ତଥା ମନ୍ଦିରର ପଛ ପାର୍ଶ୍ୱରେ ପୁଷ୍କରିଣୀ ଓ ଶିଶୁ ଖେଳ ପଡ଼ିଆ ନିକଟରେ ପୁଷ୍କରିଣୀକୁ ବିକାଶ ମାଧ୍ୟମରେ ସୁଦୃଶ୍ୟ କରିବା ଯୋଜନାରେ ବି ରହିଛି। ତା'ଛଡ଼ା ସଡ଼କ ବିକାଶ ଏହି ଯୋଜନାର ପ୍ରମୁଖ ଅଙ୍ଗ। ଜାତୀୟ ରାଜପଥ ତଥା ହରିଚନ୍ଦନପୁରକୁ ୧୨ ମିଟର ଚଉଡ଼ା ରାସ୍ତା ସଂଯୋଗ କରିବ। ଏଥିସହ ମନ୍ଦିର ଆଭ୍ୟନ୍ତରୀଣ ସଂଯୋଗକାରୀ ରାସ୍ତାର ନବୀକରଣ ତଥା ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି।

### ● ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା

# ଦାଦନକୁ ରୋକିପାରିବ ଅତିରିକ୍ତ ନିଯୁକ୍ତି ବ୍ୟବସ୍ଥା



**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଲୋକସେବା ଭବନ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ସମର୍ଥିତ ଅତିରିକ୍ତ ୨୦୦ ଦିନର ନିଯୁକ୍ତିର ପ୍ରଭାବଶାଳୀ ବ୍ୟବସ୍ଥା ମାଧ୍ୟମରେ ଦାଦନପ୍ରବଣ ଅଞ୍ଚଳରେ ଦାଦନ ସମସ୍ୟାକୁ ରୋକିବା ଉପରେ ବିଶେଷ ଧ୍ୟାନ ଦେଇ ମନ୍ତ୍ରୀ ଏମ୍‌ଜିନରେଗା କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି। ସେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମଜୁରୀ ପ୍ରଦାନ, ଗୁଣାତ୍ମକ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି ସହ ସ୍ଥାୟୀ ଜୀବିକା ବୃଦ୍ଧି ନିମନ୍ତେ ପ୍ରଥମ ୧୦୦ ଦିନ ପାଇଁ ୯୮ ଟଙ୍କା ଓ ପରବର୍ତ୍ତୀ ୨୦୦ ଦିନ ପାଇଁ ୩୭୧ ଟଙ୍କା ଅତିରିକ୍ତ ରାଜ୍ୟ ସହାୟତା ଜାରି ରଖିବା ଉପରେ ମନ୍ତ୍ରୀ ଶ୍ରୀ ନାଏକ ଗୁରୁତ୍ୱ ଦେଇଛନ୍ତି।

ଏହାଛଡ଼ା ମନ୍ତ୍ରୀ ବୈଠକରେ ଶ୍ରମକାର୍ଡ ପଞ୍ଜୀକରଣ ଓ ଲାଭ ବଣ୍ଟନ ସମୀକ୍ଷା କରି ସମସ୍ତ ଯୋଗ୍ୟ ଶ୍ରମିକଙ୍କୁ କାର୍ଡ ପ୍ରଦାନ କରିବା ସହ ସେମାନଙ୍କୁ ସମୟସୀମା ମଧ୍ୟରେ ସ୍ୱଚ୍ଛ ଭାବେ ସମସ୍ତ ଗ୍ରହଣୀୟ ସୁବିଧା ପ୍ରଦାନକୁ ସୁନିଶ୍ଚିତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଓ ଅନ୍ୟାନ୍ୟ ଜାରି ରହିଥିବା ପଦକ୍ଷେପ ସମେତ ରାଜ୍ୟବ୍ୟାପୀ ପାନୀୟ ଜଳ ଯୋଗାଣ ଭିତ୍ତିଭୂମିର ଅଗ୍ରଗତି ବାବଦରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିବା ସକାଶେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ପେସାର କାର୍ଯ୍ୟାନ୍ୱୟନ ସ୍ଥିତିର ବି ସମୀକ୍ଷା କରାଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗରୁ ମତାମତ ଗ୍ରହଣ କରାଯାଇଛି ଏବଂ ଡ୍ରାଫ୍ଟ ନିୟମାବଳୀକୁ ଆଗାମୀ ବୈଠକରେ ଜନଜାତୀୟ ପରାମର୍ଶଦାତା କମିଟି ସମ୍ମୁଖରେ ଅବଲୋକନ ପାଇଁ ରଖାଯିବ ବୋଲି ସୂଚନା ଦିଆଯାଇଛି।

### ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

## ଉଦ୍ୟମିତା ଓ ନବସୃଜନ ଗ୍ରହଣ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ




**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ସ୍ନାତକମାନେ ଉଦ୍ୟମିତା ଓ ନବସୃଜନକୁ ଗ୍ରହଣ କରିବା ପାଇଁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଆଜି ସେଞ୍ଚୁରିଓନ ବିଶ୍ୱବିଦ୍ୟାଳୟର (ସିୟୁଟିଏମ୍)ର ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇବା ସହ କେବଳ ଚାକିରି ନଖୋଜି ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଉତ୍ସାହିତ କରିଛନ୍ତି।

ଉଦ୍ୟମିତା କେବଳ ବ୍ୟବସାୟ ଆରମ୍ଭ କରିବା ବିଷୟରେ ନୁହେଁ, ଏହା ଏକ ମାନସିକତା । ପଦକ୍ଷେପ ନେବା, ସମସ୍ୟା ସମାଧାନ କରିବା, ନିଜର ଚିନ୍ତାଧାରାକୁ ରୂପ ଦେବା ଏବଂ ବାସ୍ତବ ବିଶ୍ୱ ଚ୍ୟାଲେଞ୍ଜରେ ଶିକ୍ଷାକୁ ପ୍ରୟୋଗ କରିବା ହେଉଛି ଏହାର ଉଦ୍ଦେଶ୍ୟ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି ରାଜ୍ୟପାଳ ସ୍ନାତକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ସ୍ନାତକମାନେ ଏକ ଦ୍ରୁତ ବିକଶିତ ବିଶ୍ୱରେ ପାଦ ଥାପିବାକୁ ଯାଉଥିବା ବେଳେ ଭାରତ ଅର୍ଥନୀତି ସ୍ଥିର ଭାବେ ବୃଦ୍ଧି ପାଉଛି। ପ୍ରଯୁକ୍ତିବିଦ୍ୟାର ଉନ୍ନତି ବିଶ୍ୱ ସ୍ତରରେ ପ୍ରଶଂସିତ ହେଉଛି ଓ ଦେଶର ଯୁବପିଢ଼ି ସର୍ବଶ୍ରେଷ୍ଠ ଶକ୍ତି ଭାବେ ଉଭା ହୋଇଛି। ତେଣୁ ସୁଯୋଗ ଅପାର, କିନ୍ତୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବାଧା ଏବଂ ବିଶ୍ୱ ପରିବର୍ତ୍ତନ ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜ ବି ଗୁରୁତ୍ୱପୂର୍ଣ୍ଣ। ତେଣୁ ଏ କ୍ଷେତ୍ରରେ ଗ୍ରହଣୀୟତା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ମହାକାଶ ବିଭାଗ ସଚିବ ଏବଂ ମହାକାଶ ଓ ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ)ର ମହାସଚିବ ଡ. ବିକେ ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସିୟୁଟିଏମ୍‌ର ଭାଇସ-ଚାନସେଲର ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ ରିପୋର୍ଟକ ଉପସ୍ଥାପନ କରିଥିଲେ।

# ୧୦ ମାଉଜର ଜବତ, ୨ ଗିରଫ

## ଗୋଡ଼ାଇ ଗୋଡ଼ାଇ ଧରିଲା ଏସ୍‌ସିୟୁ



**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ରାଜଧାନୀରୁ ଆଜି କମିଶନରେଟ୍ ପୁଲିସ୍ ୧୦ଟି ମାଉଜର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ବିହାରରୁ ବ୍ରହ୍ମପୁର ଅଭିମୁଖେ ଚାଲାଣ ହେଉଥିବା ସମୟରେ ପୁଲିସ୍‌ର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ) ସ୍ଥାନୀୟ ଖଣ୍ଡଗିରି ଛକଠାରେ ଗୋଡ଼ାଇ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଛି।

ମିଳିଥିବା ସୂଚନାନୁଯାୟୀ, ଏକ କାରରେ ଚୋରା ମାଉଜର ଓ କାଇବାଇନ୍ ଚାଲାଣ ହେଉଥିଲା। ଏହା ବିହାରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଏ ସମ୍ପର୍କରେ ଗୁଇନ୍ଦା ସୂତ୍ରରୁ ଖବର ମିଳିବା ପରେ କମିଶନରେଟ୍ ପୁଲିସର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ଚଢାଉ କରିଥିଲା। କାରଟିକୁ ପିଛା କରିଥିଲା। ପୁଲିସକୁ ଦେଖି ଅଭିଯୁକ୍ତ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲା। ହେଲେ ଏସଟିଏଫ୍ ଟିମ୍ କାର୍ଟିକୁ ଗୋଡାଇ ଗୋଡାଇ ଖଣ୍ଡଗିରି ଛକରେ କାବୁ କରିଛି। କାର୍ଟିକୁ ଯାଞ୍ଚ କରିବାରୁ ଏହା ଭିତରୁ ୧୦ ମାଉଜର, କାରବାଇନ୍ ଓ ଜୀବନ୍ତ ଗୁଳି ସହ ଗୋଟିଏ ବୋଲେରୋ ଓ ୩ଟି ମୋବାଇଲ୍ ଜବତ ହୋଇଛି। ସେହିପରି ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଅନୁଗୁଳ ବଅଁରପାଳର ସୁମନ୍ତ ନାଏକ (୩୦) ଓ ଢେଙ୍କାନାଳ ପରଜଙ୍ଗର ସୌଭାଗ୍ୟ ନାଏକ (୩୦)।

## ଏଏନ୍‌ଏମ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ବର୍ଷିଲା ବିଜେଡି

### ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନାରେ ସରକାର ବିଫଳ




**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଗତକାଲି ଏଏନଏମ ପ୍ରଶ୍ନପତ୍ର ପ୍ରଘଟ ଓ ତଜ୍ଜନିତ ପରୀକ୍ଷା ବାତିଲ୍ ପରେ ଏନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିରୋଧୀ ବିଜେଡି। ଆଜି ସ୍ଥାନୀୟ ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ତ୍ରୁଟିଶୂନ୍ୟ ପରୀକ୍ଷା କରାଇବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏନେଇ ଚିନ୍ମୟ କହିଛନ୍ତି ଯେ ରାଜ୍ୟରେ ୧୮ ମାସ ତଳେ କ୍ଷମତାକୁ ଆସିଥିବା ବିଜେପି ସରକାର ଅମଳରେ ୧୮ରୁ ଊର୍ଦ୍ଧ୍ୱ ପରୀକ୍ଷା ବାତିଲ ହୋଇସାରିଛି। ଏହା ରାଜ୍ୟ ସରକାରଙ୍କ ବିଫଳତା ଓ ଅପାରଗତାକୁ ପଦାରେ ପକାଉଛି। ରାଜ୍ୟ ସରକାରଙ୍କ ଏହି ୧୮ ମାସ କେବଳ ପ୍ରଚାର ସର୍ବସ୍ୱ ହୋଇଛି। ରାଜ୍ୟର ଯୁବବର୍ଗ ଚାକିରି ହାସଲ କରିବା ଲକ୍ଷ୍ୟରେ ଅକ୍ଲାନ୍ତ ପରିଶ୍ରମ କରି ପରୀକ୍ଷା ହଲରେ ପହଞ୍ଚିଲା ବେଳକୁ ପରୀକ୍ଷା ବାତିଲ ହୋଇଯାଉଛି। କିନ୍ତୁ ଏହା ଥମିବାର ନାଁ ଧରୁନଥିବା ବେଳେ ସରକାର ପ୍ରଚାରରେ ବ୍ୟସ୍ତ ରହିବା ସହ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ ରହିଛନ୍ତି। ପରୀକ୍ଷା ବିଭ୍ରାଟ ରୋକିବାକୁ ସରକାର ଆଣିଥିବା ଆଇନ ସ୍ଥିତି କ'ଣ, ତା' କେହି ଜାଣନ୍ତିନାହିଁ। ବାରମ୍ବାର ପରୀକ୍ଷା ବାତିଲ ହେବା ଦ୍ୱାରା ରାଜ୍ୟର ଯୁବବର୍ଗ ଆଗାମୀ ଦିନରେ ଏ ସରକାରକୁ ଉଚିତ ଜବାବ ଦେବେ ବୋଲି ଚିନ୍ମୟ କହିଛନ୍ତି। ସେହିପରି ଇପ୍ସିତା କହିଛନ୍ତି ଯେ ବିଜେପିର ବରିଷ୍ଠ ନେତାମାନେ ଓଡ଼ିଶାକୁ ୟୁପି ମଡେଲ କରିବାକୁ ଚାହୁଁଛନ୍ତି। କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଓଡ଼ିଶା ଏବେ ବିହାରକୁ ଟପିବାକୁ ବସିଲାଣି। ବିଜେପି ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବ ବୋଲି କହିଥିଲା। ତେବେ ଓଡ଼ିଶା କେଉଁଥିରେ ଏକ ନମ୍ବର ସ୍ଥାନ ହାସଲ କରୁ କି ନ କରୁ, ପ୍ରଶ୍ନପତ୍ର ପ୍ରଘଟ କ୍ଷେତ୍ରରେ ଏହି ସ୍ଥାନ ସୁନିଶ୍ଚିତ। ରାଜ୍ୟର ଯୁବ ଛାତ୍ର ବର୍ଗଙ୍କୁ ବାରମ୍ବାର ହତାଶ କରୁଥିବା ଏହି ସରକାରଙ୍କୁ ଯୁବବର୍ଗ କଦାପି ବରଦାସ୍ତ କରିବେ ନାହିଁ। ଏଥିସହ ଏହା ପ୍ରତିବାଦରେ ଆଗାମୀ ଦିନରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଖୁବ୍‌ଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ଇପ୍‌ସିତା ଚେତାବନୀ ଦେଇଛନ୍ତି।

## କାର୍ ଧକ୍କାରେ ଜଣେ ମୃତ, ଦୁଇ ଆହତ

**ବାଉଁଶୁଣୀ,୬।୧୨(ସଂଚାର ବ୍ୟୁରୋ):** ୫୭ ନଂ. ଜାତୀୟ ରାଜପଥର ମନମୁଣ୍ଡା ଥାନା ଚୌରିଆପଦର ନିକଟରେ ଆଜି ଅପରାହ୍ନ ୪ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏକ କାର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହାଛଡ଼ା ଏହି ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ସୂଚନାନୁସାରେ, ମନମୁଣ୍ଡା ଥାନା ଚୌରିଆପଦର ଗ୍ରାମର ଲିଙ୍ଗରାଜ ମେହେର ସାଇକେଲ ଯୋଗେ ଶନିବାର ସାପ୍ତାହିକ ବଜାରକୁ ପରିବା କିଣିବା ପାଇଁ ଯାଉଥିଲେ। ଏହି ସମୟରେ ଚୌରିଆପଦର ଓ ଦହ୍ୟା ସୀମାବର୍ତ୍ତୀ ପୋଖରୀ ନିକଟରେ ସମାନ ଦିଗରୁ ଆସୁଥିବା ଏକ କାର ଧକ୍କା ଦେଇ ଫେରାର ହୋଇଯାଇଥିଲା। ରାସ୍ତାରେ ଯାଉଥିବା ଅନ୍ୟ ଦୁଇଟି ସାଇକେଲ ଆରୋହୀଙ୍କୁ ମଧ୍ୟ ଧକ୍କା ଦେବାରୁ ସେମାନେ ଆହତ ହୋଇଛନ୍ତି। ଧକ୍କା ଦେଇ କାର୍‌ଟି ଫେରାର ହେଉଥିବା ବେଳେ ବହିରା ନିକଟ ସଦେଇପୁର ଛକ ନିକଟରେ ଲୋକଙ୍କ ଦ୍ୱାରା ଅଟକ ରହିଛି। ଧକ୍କା ଦେଇଥିବା ସାଇକେଲକୁ କାରଟି ୧୧ କିମି ଦୂରକୁ ଘୋଷାଡ଼ି ନେଇଥିଲା। ଖବର ପାଇ ବାଉଁଶୁଣୀ ପୁଲିସ କାରକୁ ଅଟକ ରଖିଥିବା ବେଳେ ଡ୍ରାଇଭର କୌଶଳ କ୍ରମେ ଫେରାର ହୋଇଯାଇଛି। ଏହି ମାମଲାରେ ଅନ୍ୟ ଜଣକୁ ପୁଲିସ୍ ଅଟକ ରଖିଛି। ଦୁର୍ଘଟଣାସ୍ଥଳରେ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଫଳରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି। ଘଟଣାସ୍ଥଳରେ ମନମୁଣ୍ଡା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି।

## ଅଙ୍ଗନବାଡ଼ି କେନ୍ଦ୍ରରେ ବେଦାନ୍ତର 'ଶିଶୁ ସଞ୍ଜୀବନୀ' କାର୍ଯ୍ୟକ୍ରମ

### ଉପକୃତ ହେଉଛନ୍ତି ୬ ଶହରୁ ଊର୍ଦ୍ଧ୍ୱ ପିଲା



**ଭୁବନେଶ୍ୱର, ୬।୧୨ (ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କାଶୀପୁର ଓ ଭବାନୀପାଟଣାର ୨୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ସଞ୍ଜୀବନୀ ନାମକ ଏକ ପୁଷ୍ଟିକର ପରିପୂରକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଶିଶୁମାନଙ୍କ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି, ଯାହାଦ୍ୱାରା ୩ରୁ ୬ ବର୍ଷ ବୟସର ୬୦୦ରୁ ଊର୍ଦ୍ଧ୍ୱ ପିଲା ଉପକୃତ ହେଉଛନ୍ତି। ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଦ୍ୱାରା ବିକଶିତ ଶିଶୁ ସଞ୍ଜୀବନୀ ଆଇସିଏମ୍‌ଆର୍-ଏନ୍‌ଆଇଏନ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱରେ ସମୃଦ୍ଧ, ଯାହା ଅଙ୍ଗନବାଡି କର୍ମୀଙ୍କ ଜରିଆରେ ନିରାପଦ ଓ ନିୟମିତ ପୁଷ୍ଟିକର ଖାଦ୍ୟ ଗ୍ରହଣ ସୁନିଶ୍ଚିତ କରିଥାଏ। ଏହି ପଦକ୍ଷେପର ଉଦ୍ଦେଶ୍ୟ ପିଲାମାନଙ୍କର ପୁଷ୍ଟିକର ମୂଳଦୁଆକୁ ଶୈଶବରୁ ସୁଦୃଢ଼ କରିବା, ଅପପୁଷ୍ଟି ହ୍ରାସ କରିବା ଓ ସାମଗ୍ରିକ ବିକାଶକୁ ସମର୍ଥନ କରିବା।

ଏହି କାର୍ଯ୍ୟକ୍ରମ ବେଦାନ୍ତର ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ନନ୍ଦ ଘର'କୁ ସହଯୋଗ କରିବ। ୨୦୧୫ରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ସହଭାଗିତାରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନର ପକ୍ଷରୁ ଆରମ୍ଭ ହୋଇଥିବା 'ନନ୍ଦ ଘର' ମାଧ୍ୟମରେ ବେଦାନ୍ତ ଦେଶବ୍ୟାପୀ ଅଙ୍ଗନବାଡ଼ି ଭିତ୍ତିଭୂମିର ଆଧୁନିକୀକରଣ କରିଛି। କେବଳ ଓଡ଼ିଶାରେ ୫୩୧ଟି ନନ୍ଦ ଘର ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପୁଷ୍ଟିକର ଖାଦ୍ୟ ଏବଂ ଘରକୁ ରାସନ ପ୍ରଦାନ, ସହାୟକ ନର୍ସମାନଙ୍କ ମାଧ୍ୟମରେ ମୌଳିକ ସ୍ୱାସ୍ଥ୍ୟସେବା ଓ ମହିଳାମାନଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରଦାନ କରିଆସିଛି।

### ଗଞ୍ଜେଇ କାରବାରରେ ସଂପୃକ୍ତି ସନ୍ଦେହ

## ଢାବା ମାଲିକଙ୍କ ଘରେ ଚଢ଼ଉ



**ଫୁଲବାଣୀ,୬।୧୨(ସଂଚାର ବ୍ୟୁରୋ):** ସହର ଉପକଣ୍ଠ ମେଡିକାଲ କଲେଜ ନିକଟରେ ଥିବା ଏକ ଢାବାରେ ଆଜି ପୁଲିସ ଚଢ଼ଉ କରିଛି। ସମ୍ପୃକ୍ତ ଢାବା ମାଲିକ ବେଆଇନ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଏବଂ ଏଥିରୁ ବିପୁଳ ଅର୍ଥ ଠୁଳ କରିଥିବା ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ଜଣାପଡିଛି। ଢାବା ମାଲିକଙ୍କ ଏକ ଦାମୀ ଗାଡି, ବ୍ୟାଙ୍କ୍ ପାସ୍ ବୁକ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି ପୁଲିସ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକ ଓ ସମ୍ପର୍କୀୟ ମାନେ ମଧ୍ୟ ବେଆଇନ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରେ ଜଣାପଡିଛି। ତାଙ୍କ ଘରେ ମଧ୍ୟ ଚଢାଉ କରାଯାଇଛି। ଆଜି ସକାଳୁ ଆରମ୍ଭ ହୋଇ ଚଢାଉ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିଥିଲା।

# ଭଙ୍ଗାଦଦରା ଘରେ ବିତୁଛି ସୋମବାରୀଙ୍କ ପରିବାର

### ଅନ୍ଧାରକୁ ଠେଲି ହୋଇଯାଉଛି ଦୁଇ ପିଲାଙ୍କ ଭବିଷ୍ୟତ



**କେନ୍ଦୁଝର,୬।୧୨(ସଂଚାର ବ୍ୟୁରୋ):** ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ ଘୁଙ୍ଗି ଗାଁର ସ୍ୱର୍ଗତଃ ସଦା ଜୁଆଙ୍ଗର ବିଧବା ସ୍ତ୍ରୀ ଓ ପିଲାମାନେ ଭଙ୍ଗା ଦଦରା ଘରେ ଅତି ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି। ସମସ୍ତ ଯୋଗ୍ୟତା ସତ୍ତ୍ୱେ ନା ସେମାନଙ୍କୁ ବିଜୁ ପକ୍କା ଘର କି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ହେବାର ସୁଯୋଗ ମିଳିନାହିଁ। ଜଙ୍ଗଲ, ପାହାଡ଼ିଆ ଅଞ୍ଚଳରେ ବିଭିନ୍ନ ସରୀସୃପର ଭୟ ଥିବାରୁ କେତେବେଳେ ସେମାନେ ଅଘଟଣର ଶିକାର ହେବେ, ସେପରି ଏକ ଭୟଭାବ ଦେଇ ସେମାନେ ଗତି କରୁଛନ୍ତି। ଘୁଙ୍ଗି ଗାଁର ସଦା ଜୁଆଙ୍ଗ ଜଣେ ଆଦିମ ଜନଜାତି ହୋଇଥିବା ବେଳେ ସ୍ତ୍ରୀ ସହ ୪ ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। କିନ୍ତୁ ରହିବାକୁ ମାତ୍ର ଗୋଟିଏ ବଖରା ଘର। ଅବଶ୍ୟ ଇତିମଧ୍ୟରେ ତାଙ୍କର ୩ ଝିଅଙ୍କ ବିବାହ ହୋଇସାରିଛି। ସେହିପରି ୩ ବର୍ଷ ତଳୁ ସଦା ମଧ୍ୟ ଆର ପାରିକୁ ଚାଲିଯାଇଛନ୍ତି। ଏପରି ସ୍ଥିତିରେ ତାଙ୍କ ବିଧବା ସ୍ତ୍ରୀ ସୋମବାରୀ ଝିଅ ମାଣିକ (୧୫) ଓ ପୁଅ ରଘୁ (୧୨)କୁ ନେଇ ଭଙ୍ଗାଦଦରା ଘରେ ରହୁଛନ୍ତି। ତେବେ ସଦା ମୃତ୍ୟୁବରଣ କରିବା ପରେ ବିଧବା ପତ୍ନୀ ସୋମବାରୀଙ୍କୁ କିଛି ବି ସରକାରୀ ସହାୟତା ମିଳିନଥିଲା। କେବଳ ବିଧବା ଭତ୍ତା ଗଣ୍ଡାକ ଧରାଇଦେଇ ସରକାର ଚୁପ୍ ହୋଇ ବସିଗଲେ। ନା ସ୍ଥାନୀୟ ଲୋକପ୍ରତିନିଧି ନା ପ୍ରଶାସନିକ ଅଧିକାରୀ କେହି ବି ସୋମବାରୀଙ୍କ ଦୁଃଖ ପ୍ରତି ଦୃଷ୍ଟି ଦେଲେନାହିଁ। ତାଙ୍କୁ ସରକାରୀ ଯୋଜନାରେ ପକ୍କା ଘରଟିଏ ଦେଲ ନାହିଁ। ତେଣୁ ସୋମବାରୀଙ୍କ ପରିବାରକୁ ଛପର ଉଡ଼ିଯାଇଥିବା ଭଙ୍ଗା ଦଦରା ଘରେ ଜରି ପାଲ ତଳେ ଜୀବନ କଟାଇବାକୁ ପଡୁଛି।

ସେହିପରି ଅର୍ଥାଭାବରୁ ଇତିମଧ୍ୟରେ ମାଣିକ ଓ ରଘୁର ପଢ଼ା ଅଧାରୁ ବନ୍ଦ ହୋଇଯାଇଛି। ପରିବାର ପାଖରେ କୌଣସି ଜମିବାଡ଼ି ନ ଥିବାରୁ ଚାଷବାସ ସାତସପନ ହୋଇଥିବା ବେଳେ ପିଡିଏସ୍‌ରେ ମିଳୁଥିବା ଚାଉଳ ଓ ଭତ୍ତା ହିଁ ଏକମାତ୍ର ସମ୍ବଳ। କିନ୍ତୁ ମାସକୁ ମାତ୍ର ୧୫ କିଗ୍ରା ଚାଉଳ ପରିବାର ପାଇଁ ଯଥେଷ୍ଟ ହେଉନଥିବାରୁ ଦୁଃଖ କଷ୍ଟରେ ବିତୁଛି ଜୀବନ। ଆଦିବାସୀ ପରିବାରଙ୍କ ପାଇଁ ସମସ୍ତେ କାନ୍ଦୁଥିଲେ ମଧ୍ୟ ସୋମବାରୀଙ୍କ ପରିବାର ଯାହାକୁ ଯେତେ ଗୁହାରୀ କଲେ ବି ସେମାନଙ୍କୁ ଘର ଖଣ୍ଡିଏ ଯୋଗାଇ ଦିଆଯାଉନାହିଁ। ତେବେ ପରିବାରର ଏପରି ଦୁଃସ୍ଥିତି ସମ୍ପର୍କରେ ଜାଣିବାକୁ ପାଇ ସ୍ୱେଚ୍ଛାସେବୀ ସଂଗଠନ 'ଆଶା' ସହଯୋଗ ପାଇଁ ଆଗେଇ ଆସିଛି। ସୋମବାରୀଙ୍କ ପରିବାରକୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବା ନିମନ୍ତେ ଉଚ୍ଚ ସ୍ତରରେ 'ଆଶା' ପକ୍ଷରୁ ଉଦ୍ୟମ କରାଯାଇଛି। ତା'ଛଡ଼ା ପରିବାରଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନମଣ୍ଡଳୀର ବାସିନ୍ଦା ହୋଇଥିବାରୁ ଏ ଦିଗରେ ସରକାର ଠୋସ୍ ପଦକ୍ଷେପ ନେବେ ବୋଲି 'ଆଶା' ପକ୍ଷରୁ ଆଶା ରହିଛି।

## ଅବକାରୀ ରାଜସ୍ୱ, ପ୍ରତିବର୍ଷ ଲକ୍ଷ୍ୟ ଟପୁଛି

**ଭୁବନେଶ୍ୱର,୬।୧୨:** ଅବକାରୀ କାରବାରରୁ ରାଜ୍ୟ ସରକାର ଯେତିକି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରୁଛନ୍ତି ପ୍ରତିବର୍ଷ ତାହାଠାରୁ ଅଧିକ ରାଜସ୍ୱ ପାଉଛନ୍ତି। ଗତ ୫ବର୍ଷର ଅବକାରୀ ରାଜସ୍ୱ ଆଦାୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଓ ମିଳିଥିବା ରାଜସ୍ୱରୁ ଏହା ଲକ୍ଷ୍ୟ କରାଯାଇଛି। ୨୦୨୦-୨୧ ବର୍ଷରେ ରାଜ୍ୟ ସରକାର ଅବକାରୀ ରାଜସ୍ୱ ବାବଦରେ ୫୨୫୦ କୋଟି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ତେବେ ବର୍ଷ ଶେଷରେ ଦେଖାଗଲା ଯେ ଏହି କ୍ଷେତ୍ରରୁ ସରକାର ୫୪୦୦ କୋଟି ୨୧ଲକ୍ଷ ଟଙ୍କା ପାଇଛନ୍ତି। ସେହିଭଳି ୨୦୨୧-୨୨ ବର୍ଷରେ ଅବକାରୀ ରାଜସ୍ୱରୁ ରାଜକୋଷକୁ ୫୫୦୦ କୋଟି ଟଙ୍କା ଆସିବ ବୋଲି ସରକାର ଆକଳନ କରିଥିବାବେଳେ ଆସିଥିଲା ୭୬୨୨ କୋଟି ୪୧ଲକ୍ଷ ଟଙ୍କା। ଉକ୍ତ ବର୍ଷରେ ଭାଟ୍‌କୁ ବାଦ ଦେଲେ ସରକାର ଧାର୍ଯ୍ୟ ଲକ୍ଷ୍ୟର ୧୦୧ ପ୍ରତିଶତ ରାଜସ୍ୱ ଆଦାୟ କରିଥିଲେ। ଏଥିସହ ୨୦୯୪ କୋଟି ଟଙ୍କା ଭାଟ୍ ମିଶିବା ଫଳରେ ରାଜସ୍ୱ ପରିମାଣ ଢେର ବୃଦ୍ଧି ପାଇଥିଲା। ୨୦୨୨-୨୩ବର୍ଷରେ ଅବକାରୀ ରାଜସ୍ୱରୁ ୬୫୦୦ କୋଟି ଟଙ୍କା ପାଇବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ଏହିବର୍ଷ ରାଜକୋଷକୁ ଆସିଥିଲା ୮୯୬୭ କୋଟି ୪୯ଲକ୍ଷ ଟଙ୍କା। ଏଥି ମଧ୍ୟରେ ୨୫୧୨ କୋଟି ଟଙ୍କାର ଭାଟ୍ ଅନ୍ତର୍ଭୁକ୍ତ ଥିଲା। ୨୦୨୩-୨୪ ବର୍ଷରେ ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟକୁ ୭୮୦୦କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ବର୍ଦ୍ଧିତ ରାଜସ୍ୱ ଆଦାୟଧାରା ଜାରି ରହିବା ସହିତ ସେହିବର୍ଷ ଅବକାରୀ ରାଜସ୍ୱ ୧୦ହଜାର କୋଟି ଟଙ୍କାକୁ ଅତିକ୍ରମ କରିଯାଇଥିଲା। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ଧାର୍ଯ୍ୟ ଲକ୍ଷ୍ୟକୁ ୮୬୮୦ କୋଟି ଟଙ୍କାକୁ ବଢାଇ ଦେଇଥିବାବେଳେ ରାଜସ୍ୱ ଆକାରରେ ପାଇଥିଲେ ୧୧,୪୨୯ କୋଟି ଟଙ୍କା।

ରାଜ୍ୟରେ ଏବେ ଅବକାରୀ ରାଜସ୍ୱର ମୁଖ୍ୟ ଆୟ ମଦରୁ ହେଉଛି। କାରଣ ରାଜ୍ୟରେ ବହୁଭାବେ ବ୍ୟବହାର ହେଉଥିବା ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ନିଶା ସାମଗ୍ରୀ ବିକ୍ରି ବେଆଇନ୍ ହୋଇଥିବାରୁ ସରକାର ସେଥିରୁ କୌଣସି ପ୍ରକାର ଟିକସ ପାଆନ୍ତି ନାହିଁ। ତେଣୁ ଭାରତ ତିଆରି ବିଦେଶୀ ମଦ, ବିୟର, ବାହାର ଭାଟି ମଦ ଓ ଦେଶୀ ମଦ ବିକ୍ରି ହିଁ ସରକାରଙ୍କର ଅବକାରୀ ରାଜସ୍ୱର ମୁଖ୍ୟ ଉତ୍ସ ପାଲଟିଛି।(ତଥ୍ୟ)

# ପରୀକ୍ଷା ଦୁର୍ନୀତି

ଆଧୁନିକ ସମାଜରେ ଶିକ୍ଷା ହେଉଛି ଯୁବକମାନଙ୍କର ଭବିଷ୍ୟତର ଆଧାର। ପରୀକ୍ଷା ହେଉଛି ଏହି ଶିକ୍ଷା ପ୍ରକ୍ରିୟାର ଏକ ମୁଖ୍ୟ ଅଂଶ, ଯାହା ଛାତ୍ରଛାତ୍ରୀମାନଙ୍କର ଜ୍ଞାନ, କୌଶଳ ଏବଂ ଯୋଗ୍ୟତାକୁ ମୂଲ୍ୟାଙ୍କନ କରିଥାଏ। କିନ୍ତୁ ବର୍ତ୍ତମାନ ସମୟରେ ପରୀକ୍ଷା ପ୍ରକ୍ରିୟାରେ ଦୁର୍ନୀତି ଏକ ଗମ୍ଭୀର ସମସ୍ୟା ହୋଇ ଉଠିଛି। ପ୍ରଶ୍ନପତ୍ର ଲିକ୍, ନକଲି ପ୍ରମାଣପତ୍ର, ବ୍ରିବରୀ ଏବଂ ଅନ୍ୟାନ୍ୟ ଦୁର୍ନୀତିଗ୍ରସ୍ତ କାର୍ଯ୍ୟକଳାପ ଯୁବକମାନଙ୍କର କ୍ୟାରିଅରକୁ ନଷ୍ଟ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଛି। ଏହି ଦୁର୍ନୀତି କେବଳ ବ୍ୟକ୍ତିଗତ ଭାବରେ ଯୁବକମାନଙ୍କୁ ପ୍ରଭାବିତ କରୁନାହିଁ, ବରଂ ସମଗ୍ର ସମାଜ ଏବଂ ରାଷ୍ଟ୍ରର ବିକାଶକୁ ବାଧାପ୍ରାପ୍ତ କରୁଛି।



ପରୀକ୍ଷା ଦୁର୍ନୀତିର ମୂଳ କାରଣଗୁଡ଼ିକୁ ବୁଝିବା ଆବଶ୍ୟକ। ଆଜିର ପ୍ରତିଯୋଗିତାମୂଳକ ଦୁନିଆରେ ଯୁବକମାନେ ଉଚ୍ଚ ମାର୍କ ଏବଂ ଭଲ ଚାକିରି ପାଇଁ ଚାପରେ ରହୁଛନ୍ତି। ପିତାମାତାମାନଙ୍କର ଅତ୍ୟଧିକ ଆଶା, ସମାଜର ଦୃଷ୍ଟିକୋଣ ଏବଂ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ବ୍ୟବସାୟିକ ମନୋଭାବ ଏହି ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛି। ଉଦାହରଣ ସ୍ୱରୂପ, ଭାରତରେ ବିଭିନ୍ନ ରାଜ୍ୟରେ ହୋଇଥିବା ପରୀକ୍ଷା ଦୁର୍ନୀତି ମାମଲାଗୁଡ଼ିକ ଯେମିତି ବିହାରର ଟପର୍ ସ୍କାମ୍ କିମ୍ବା ବ୍ୟାପମ୍ ସ୍କାମ୍, ଏହା ଦର୍ଶାଉଛି କିପରି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ପରୀକ୍ଷା ପ୍ରକ୍ରିୟାକୁ ନିଜର ଲାଭ ପାଇଁ ବ୍ୟବହାର କରୁଛନ୍ତି। ଏହି ଦୁର୍ନୀତିରେ ଶିକ୍ଷାବିତ୍, ରାଜନେତା ଏବଂ ପ୍ରଶାସନିକ ଅଧିକାରୀମାନେ ସମ୍ପୃକ୍ତ ଥାଆନ୍ତି, ଯାହା ସମସ୍ୟାକୁ ଆହୁରି ଗମ୍ଭୀର କରିଥାଏ।

ଏହି ଦୁର୍ନୀତିର ପ୍ରଭାବ ଯୁବକମାନଙ୍କର କ୍ୟାରିଅର ଉପରେ ବହୁତ ଗଭୀର। ଯେଉଁ ଛାତ୍ରମାନେ ଦୁର୍ନୀତିର ଶିକାର ହୁଅନ୍ତି, ସେମାନଙ୍କର ପରିଶ୍ରମ ବ୍ୟର୍ଥ ହୋଇଯାଏ। ନକଲି ମାର୍କ ସହିତ ପାସ୍ ହୋଇଥିବା ଯୁବକମାନେ ପରବର୍ତ୍ତୀ ସ୍ତରରେ ଅସଫଳ ହୁଅନ୍ତି, କାରଣ ସେମାନଙ୍କର ମୂଳ ଜ୍ଞାନ ଅଭାବ ରହିଥାଏ। ଏହା ସେମାନଙ୍କର ଆତ୍ମବିଶ୍ୱାସକୁ ହ୍ରାସ କରିଥାଏ ଏବଂ ମାନସିକ ଚାପ ସୃଷ୍ଟି କରିଥାଏ। ଅନେକ ସମୟରେ ଏହି ଦୁର୍ନୀତି ଆତ୍ମହତ୍ୟା ପର୍ଯ୍ୟନ୍ତ ନେଇଯାଏ, ଯେପରି ବିହାରରେ ହୋଇଥିବା ଘଟଣାଗୁଡ଼ିକରେ ଦେଖାଯାଇଛି। ଏହା ବ୍ୟତୀତ, ଦୁର୍ନୀତିଗ୍ରସ୍ତ ପରୀକ୍ଷା ଫଳାଫଳ ଯୋଗୁଁ ଯୋଗ୍ୟ ପ୍ରାର୍ଥୀମାନେ ଚାକିରିରୁ ବଞ୍ଚିତ ହୁଅନ୍ତି, ଯାହା ସମାଜରେ ଅସନ୍ତୋଷ ସୃଷ୍ଟି କରିଥାଏ। ସମାଜର ବିଭିନ୍ନ ସ୍ତରରେ ଏହି ଦୁର୍ନୀତିର ପ୍ରଭାବ ଦେଖାଯାଏ। ରାଷ୍ଟ୍ରୀୟ ସ୍ତରରେ ଏହା ଯୋଗ୍ୟ ନାଗରିକମାନଙ୍କର ଅଭାବ ସୃଷ୍ଟି କରିଥାଏ, ଯାହା ଅର୍ଥନୀତି ଏବଂ ବିକାଶକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ, ଡାକ୍ତରୀ କିମ୍ବା ଇଞ୍ଜିନିୟରିଂ ପରୀକ୍ଷାରେ ଦୁର୍ନୀତି ଯୋଗୁଁ ଅଯୋଗ୍ୟ ବ୍ୟକ୍ତିମାନେ ପ୍ରବେଶ କରନ୍ତି, ଯାହା ସମାଜର ସୁରକ୍ଷା ଏବଂ ବିକାଶକୁ ବିପଦରେ ପକାଇଥାଏ। ଓଡ଼ିଶାରେ ମଧ୍ୟ ଏହିପରି ମାମଲା ଦେଖାଯାଇଛି, ଯେପରି କିଛି ବର୍ଷ ପୂର୍ବରୁ ହୋଇଥିବା ମେଡିକାଲ୍ ଏଣ୍ଟ୍ରାନ୍ସ ସ୍କାମ୍, ଯାହା ଅନେକ ଯୁବକଙ୍କର ଭବିଷ୍ୟତକୁ ଅନ୍ଧକାରମୟ କରିଦେଇଛି।

ଏହି ସମସ୍ୟାର ସମାଧାନ ପାଇଁ କଡ଼ା ପଦକ୍ଷେପ ଆବଶ୍ୟକ। ସରକାର ପରୀକ୍ଷା ପ୍ରକ୍ରିୟାକୁ ଡିଜିଟାଲ୍ ଏବଂ ସ୍ୱଚ୍ଛ କରିବା ଉଚିତ୍। ବାୟୋମେଟ୍ରିକ୍ ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ ଏବଂ କଡ଼ା ନିୟମାବଳୀ ଏହି ଦୁର୍ନୀତିକୁ ରୋକିପାରିବ। ଶିକ୍ଷାବିତ୍ ଏବଂ ଅଧିକାରୀମାନଙ୍କୁ ଦାୟିତ୍ୱବାନ୍ କରିବା ପାଇଁ କଡ଼ା ଶାସ୍ତି ବ୍ୟବସ୍ଥା ଲାଗୁ ହେବା ଉଚିତ୍। ପିତାମାତା ଏବଂ ସମାଜ ଛାତ୍ରମାନଙ୍କୁ ସତ୍ୟତା ଏବଂ ପରିଶ୍ରମର ମୂଲ୍ୟ ଶିଖାଇବା ଉଚିତ୍। ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବ୍ୟବସାୟିକ ମନୋଭାବରୁ ମୁକ୍ତ କରି ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଶେଷରେ, ପରୀକ୍ଷା ଦୁର୍ନୀତି ଯୁବକମାନଙ୍କର ଭବିଷ୍ୟତକୁ ନଷ୍ଟ କରୁଥିବା ଏକ ଗମ୍ଭୀର ସମସ୍ୟା। ଏହାକୁ ରୋକିବା ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ। ଯଦି ଆମେ ଏହାକୁ ନଜରଅନ୍ଦାଜ କରିବୁ, ତେବେ ଆମର ଯୁବପିଢ଼ିର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଆସନ୍ତୁ ଆମେ ସମସ୍ତେ ମିଳିତ ହୋଇ ଏହି ଦୁର୍ନୀତି ବିରୁଦ୍ଧରେ ଲଢ଼ିବା ଏବଂ ଏକ ସ୍ୱଚ୍ଛ ଶିକ୍ଷା ବ୍ୟବସ୍ଥା ଗଢ଼ିବା।

# ବାଟ ଓଷାର ପଣ୍ଡେଇ ପୂଜା

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ବାଟ ଓଷା ବା ଦାଣ୍ଡ ପହଁରା ଓଷା ପୌଷମାସ କୃଷ୍ଣ ଦ୍ୱିତୀୟା ତିଥିରେ ପାଳନ କରାଯାଏ। ଏହି ଓଷା ଯମରାଜଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ। ପ୍ରତ୍ୟେକ ମା'ମାନେ ନିଜ ପୁତ୍ରମାନଙ୍କ ଦୀର୍ଘାୟୁ ହେବା ନିମନ୍ତେ ରାତିରେ ଉପବାସ ରହି ବଜ୍ରମୂଳି ଗଛରେ ଦାଣ୍ଡ ପହଁରି ନିଜ ନିଜର ପୁତ୍ରମାନଙ୍କୁ ଝାଡ଼ି ଥାନ୍ତି। ଇନ୍ଦ୍ରଙ୍କର ଅମୋଘ ଅସ୍ତ୍ର ହେଉଛି ବଜ୍ର। ସେଥିପାଇଁ ପ୍ରବାଦ ଅଛି ମାତାମାନେ ନିଜ ସନ୍ତାନର ଦୀର୍ଘଜୀବନ କାମନା କରି ଓଷା ମଣ୍ଡପର ଚତୁପାର୍ଶ୍ୱକୁ ବଜ୍ରମୂଳିରେ ପହଁରିବା ପରେ ସେଥିରେ ସନ୍ତାନମାନଙ୍କୁ ଝାଡ଼ିଥାନ୍ତି। ପୌରାଣିକ ମତେ ମୃତ୍ୟୁର ଦେବତା ଯମ ଅତ୍ୟନ୍ତ କଠୋର ଓ ମର୍ମନ୍ତୁଦା ସେ ପ୍ରାଣୀର କର୍ମ ଅନୁସାରେ ମୃତ୍ୟୁ ପରେ ଦଣ୍ଡବିଧାନ କରନ୍ତି। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ନୂଆ ଧାନ କୁଟି ମଣ୍ଡାପିଠା, ମୁଢ଼ି, ଖଇ, ମୁଆଁ, ଚୁଡ଼ା, କଦଳୀ, ମୂଳା, ଆଖୁ, କରମଙ୍ଗା, କନ୍ଦମୂଳ, ତୁଷ ଓ କୁଣ୍ଡା ଆଦି ନୈବେଦ୍ୟ ଭୋଗ କରାଯାଏ। ଗାଁ ଦାଣ୍ଡ ବା ବନସ୍ତରେ ଗାତ ଖୋଳାଯାଇ, ଗୋଟିଏ ପାତ୍ରରେ ସିନ୍ଦୂରରେ ଯମଙ୍କ ପ୍ରତିମା ସ୍ଥାପନ ପୂର୍ବକ ମାତାମାନେ ଚାରିପଟେ ଚାଙ୍ଗୁଡ଼ା ଧରି, ବଜ୍ରମୂଳି ଉପରେ ରଖି କପଡ଼ା ଢ଼ାଙ୍କି ବସନ୍ତି ଏବଂ ଯମ ଦେବତାଙ୍କୁ ଷୋଡ଼ଶୋପଚାରରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରନ୍ତି। ତାହା ପରେ ମାତାମାନେ ନିଜ ସନ୍ତାନମାନଙ୍କର ଦୀର୍ଘଜୀବନ କାମନା କରି ଯମଙ୍କୁ ସ୍ମରଣ କରିଥାନ୍ତି।

ପୌରାଣିକ କଥାବସ୍ତୁ ଅନୁଯାୟୀ କୋଶଳ ଦେଶର ରାଜା ସୁଦର୍ଶନ ଓ ରାଣୀ ଲୀଳାବତି, ଦୁହେଁ ପରୋପକାରୀ ଓ ପ୍ରଜାବତ୍ସଳ ହୋଇଥିଲେ ମଧ୍ୟ ପୁତ୍ରସନ୍ତାନ ନଥିବାରୁ ମନସ୍ତାପ କରିଥିଲେ। ବିଜ୍ଞ ବ୍ରାହ୍ମଣ, ଜ୍ୟୋତିଷ ଦାଣ୍ଡ ପହଁରା ବା ବାଟ ଓଷା କରିବା ଦ୍ୱାରା ଯମଙ୍କୁ ସନ୍ତୁଷ୍ଟ କଲେ ପୁତ୍ରପ୍ରାପ୍ତି ହେବେ ବୋଲି ପରାମର୍ଶ ଦେଇଥିଲେ। ଓଷା କରିଥିବା ରାଜ୍ୟର ଗୃହିଣୀମାନଙ୍କ ଠାରୁ ପ୍ରସାଦ ପାଇ ରାଣୀ ଗର୍ଭବତୀ ହେବା ସହ ଉତ୍ତମ ପୁତ୍ରପ୍ରାପ୍ତ କରିଥିଲେ। ଯାହାର ନାମ ବୀରସେନ। କିନ୍ତୁ ପୁତ୍ରପ୍ରାପ୍ତି ପରେ ରାଣୀ ଆଉ ଯଦମଦେବତାଙ୍କ ବାଟ ଓଷା ନକରିବା ଯୋଗୁଁ ଯମ ବୀରସେନଙ୍କୁ ଅପହରଣ କରି ନେଇଗଲେ ଏବଂ ନିଜର ମାତାଙ୍କୁ ମାରି ରୋଷେଇ କରି ଖାଇବାକୁ ଦେବା ପାଇଁ କହିଥିଲେ। ତତ୍‌ପରେ ଯମ ସ୍ନାନ କରିବାକୁ ଚାଲିଗଲେ।

ଇତ୍ୟବସରରେ ବୀରସେନଙ୍କ ନାକରେ ଦୁଇଖଣ୍ଡ କାଠି ପୂରାଇ ପୂଜା ସମୟରେ ଛିଙ୍କିବା ପାଇଁ ଯମଙ୍କ ମାତା ଶିଖାଇ ଦେଲେ। ବୀରସେନ ଯମମାତାଙ୍କ କହିବା ଅନୁସାରେ ନାକରେ କାଠି ପୁରାଇ ଛିଙ୍କିଥିଲେ। ଏହି ସମୟରେ ଯମମାତା ଅଛମର ହୁଅ ବୋଲି କହିଥିଲେ। ଯାହା ଫଳରେ ଯମଦେବ ବୀରସେନଙ୍କୁ ନମାରି ବାଟ ଓଷା ନକଲେ ପୁନର୍ବାର ନେଇ ଯିବେ ବୋଲି ବୀରସେନଙ୍କ ମାତାଙ୍କୁ କହି ଘରେ ଛାଡ଼ି ଦେଇଗଲେ। ପରିବାରବର୍ଗ ବୀରସେନଙ୍କୁ ଯାଇ ଅତ୍ୟନ୍ତ ଖୁସି ହୋଇଥିଲେ ମଧ୍ୟ କାହିଁକି ରୁଷି ଥିଲେ ବୋଲି ପଚାରିବାରୁ ଉତ୍ତରରେ କହିଲେ, ତୁମେ ଯମଦେବଙ୍କ ବାଟ ଓଷାକୁ ଭୁଲି ଯାଇଥିବାରୁ ମୋତେ ଧରି ନେଇଥିଲେ ବୋଲି କହିଥିଲେ। ଶେଷରେ ରାଜଗୃହରେ ମାତା କୌଶଲ୍ୟା ଯମଦେବଙ୍କ ବାଟ ଓଷା କରି ଦାଣ୍ଡ ପହଁରି ପୁତ୍ରର ଦୀର୍ଘ ଜୀବନ କାମନା କରିଥିଲେ। ଏହି ପୂଜାର ନିୟମ ସବୁ ପ୍ରସାଦ ପୂଜା ମଣ୍ଡପକୁ ନେବେ ଏବଂ ଘରେ ଲୋଭବଶତଃ ପୂଜାଦ୍ରବ୍ୟ ରଖିଲେ ଯମ ଅସନ୍ତୋଷ ହୋଇଥାନ୍ତି। ପୂଜା ଅନ୍ତେ ସମସ୍ତ ପ୍ରସାଦକୁ ବାଳକ, ବୃଦ୍ଧ ଓ ପରିବାରବର୍ଗଙ୍କ ମଧ୍ୟରେ ବାଣ୍ଟିଦେବା ବିଧେୟ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**



# ୬୦ବର୍ଷ ପରେ ନେହେରୁଙ୍କ ଭୁଲ୍ ଖୋଜିବା ବନ୍ଦ ହେଉ



ଗୋପାଳ ମହାପାତ୍ର

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମୃତ୍ୟୁର ୬୦ବର୍ଷରୁ ଅଧିକ ସମୟ ବିତିଗଲାଣି କିନ୍ତୁ ଏବେ ବି ତାଙ୍କର ଭୁଲତୃଟି ଖୋଜା ଚାଲିଛି। ଭାରତର ଅନେକ ସମସ୍ୟା ପାଇଁ ତାଙ୍କୁ ଦାୟୀ କରାଯାଇ ତାଙ୍କର ସମାଲୋଚନା କରାଯାଉଛି। ଅରବିନ୍ଦ ପନଗଡ଼ିଆଙ୍କ ଲିଖିତ ପୁସ୍ତକ "ଦି ନେହେରୁ ଏରା ଇକୋନୋମିକ ହିଷ୍ଟ୍ରି ଆଣ୍ଡ ଥଟ ଆଣ୍ଡ ଦେୟାର ଲାଷ୍ଟିଙ୍ଗ ଇମ୍ପାକ୍ଟ" ପୁସ୍ତକ ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଲେଖକ ତାଙ୍କ ପୁସ୍ତକରେ ନେହେରୁଙ୍କ ଆର୍ଥୀକ ଭୁଲ ତୃଟି ବାବଦରେ ଉଲ୍ଲେଖ କରି କହିଛନ୍ତି ଯେ ନେହେରୁଙ୍କ ଭୁଲକୁ ପରବର୍ତ୍ତୀ ସମୟରେ ସୁଧାରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ନେହେରୁ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ କେତେକ ଭୁଲ କରିଥିବେ ନିଶ୍ଚୟ କିନ୍ତୁ ପୁସ୍ତକରେ ତାଙ୍କ ବାବଦରେ ସମାଲୋଚନା କିନ୍ତୁ ସୀମା ଠାରୁ ଅଧିକ ହୋଇଯାଇଛି। ୧୯୬୬ ମସିହାରେ ନେହେରୁ ଶାସନରୁ ଯିବା ପର୍ଯ୍ୟନ୍ତ ଭାରତର ଆର୍ଥୀକ ପ୍ରଦର୍ଶନ ଏସିଆର ପଡ଼ୋଶୀ ଦେଶ ମାନଙ୍କଠାରୁ ପଛରେ ନଥିଲା। ସେତେବେଳେ ଦେଶର ପ୍ରତି ବ୍ୟକ୍ତିର ଆୟ ଥାଇଲ୍ୟାଣ୍ଡ ଠାରୁ କିଛି କମ୍ ଥିଲେ ମଧ୍ୟ ଚୀନ ଓ କୋରିଆଠାରୁ ଅଧିକ ଥିଲା। ୧୯୭୦ ଦଶକ ପରେ ଚୀନ ଓ କୋରିଆ ଠାରୁ ଭାରତର ପ୍ରତିବ୍ୟକ୍ତିର ଆୟ ମଧ୍ୟ ଅଧିକଥିଲା। ଅନ୍ୟପକ୍ଷରେ ନେହେରୁ ରାଜ୍ୟ-ଆଧାରିତ ଆମଦାନୀ ପ୍ରତିସ୍ଥାପନ ମଡ଼େଲକୁ ସମର୍ଥନ କରୁଥିଲେ। ଉପନିବେଶବାଦର ଉନ୍ମୂଳନ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ବିକାଶଶୀଳ ଦୁନିଆକୁ ଅନେକ ଭାଗରେ ବିଭକ୍ତ କରାଯାଇଥିଲା। ଲାଟିନ ଆମେରିକା ଠାରୁ ଆଫ୍ରିକାର ଅଧିକାଂଶ ଅଂଶ (ଦେଶ) ଏବଂ ଚୀନ ଓ ପୂର୍ବ ଏସିଆରେ ନେହେରୁଙ୍କ ମଡ଼େଲ ଲୋକପ୍ରିୟଥିଲା। କିନ୍ତୁ ଭାରତରେ ଲାଇସେନ୍ସ ରାଜ ଥିଲା ଓ ଘରୋଇ କ୍ଷେତ୍ରକୁ ଉତ୍ପାଦନ କୋଟା ଦିଆଯାଉଥିଲା। ୧୯୪୭ ର ଔଦ୍ୟୋଗିକ ବିବାଦ ଅଧିନିୟମ ଅନୁସାରେ ୧୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଥିବା ସଂସ୍ଥାର କର୍ମଚାରୀଙ୍କୁ ଛଟେଇ କରିବା ମୁସ୍କିଲ ହୋଇଯାଉଥିଲା। ଲେଖକ ଡ଼ଃ ପନଗଡ଼ିଆଙ୍କ ଏ ପ୍ରସଙ୍ଗରେ ସୂଚନା ରୁ ସ୍ପଷ୍ଟ ଯେ ନେହେରୁ ସମାଜବାଦୀ ବିଚାରକୁ ବିକଶିତ କରିଥିଲେ। ଏହି ବିଚାର ସେ ସମୟରେ ପ୍ରଚଳିତ ଥିଲା।

ବାସ୍ତବରେ ୧୯୪୪ ମସିହାରେ ବିରଳା ଏବଂ ଟାଟାଙ୍କ ନେତୃତ୍ୱରେ ପୁଞ୍ଜିପତିମାନଙ୍କର ଏକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା "ବମ୍ବେଯୋଜନା" ମଧ୍ୟ ୧୯୫୬ରେ ନେହେରୁ ଏବଂ ମହାଲେନବିସଙ୍କ ଦ୍ୱାରା ଅଣାଯାଇଥିବା ସମାଜବାଦୀ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସହ ସମାନ ଥିଲା। ଡଃ ପନଗଡ଼ିଆ ଅନେକ ମନଗଢା କାହାଣୀର ବ୍ୟାଖ୍ୟା କରି ଲେଖିଛନ୍ତି ଯେ ଏହି ପୁଞ୍ଜିପତି ମାନଙ୍କୁ ନେହେରୁଙ୍କ ମାନସିକତା ବାବଦରେ ପୂର୍ବରୁ ଜଣା ଥିଲା। ଏଇଥିପାଇଁ ସେମାନେ "ବମ୍ବେ ଯୋଜନା" ପ୍ରସ୍ତୁତ କରିଥିଲେ ଯାହାକୁ ବାଧ୍ୟହୋଇ ନେହେରୁ କାର୍ଯ୍ୟକାରୀ କରିଥିଲେ। ଡ଼ଃ ପନଗଡ଼ିଆ ଏକଥା ବୁଝିପାରି ନାହାଁନ୍ତି ଯେ ଗାନ୍ଧୀଙ୍କ



ସମୟର ଏହି ଶକ୍ତିଶାଳୀ ଉଦ୍ୟୋଗପତି ମାନେ ୧୯୪୪ରେ ନେହେରୁଙ୍କୁ ଡ଼ରୁଥିଲେ କାହିଁକି? ମେଘନାଦ ଦେଶାଇ ଏବଂ ସଞ୍ଜୟ ବାରୁଙ୍କ ଦ୍ୱାର ସମ୍ପାଦିତ "ଦି ବମ୍ବେ ପ୍ଲାନ" ଉପରେ ଲିଖିତ ଏକ ପୁସ୍ତକରେ ଲେଖା ଯାଇଛି ଯେ ଭାରତୀ ଉଦ୍ୟୋଗ ଯେଉଁଥିରେ ଔଦ୍ୟୋଗୀକରଣ ପାଇଁ ସରକାରୀ ସମର୍ଥନ ମଗାଯାଇଥିଲା। ଏହା ପରିବର୍ତ୍ତେ ନେହେରୁ ଏଭଳି ଏକ ଯୋଜନା ପ୍ରସ୍ତୁତ କରିଥିଲେ ଯାହା ଫଳରେ ପ୍ରମୁଖ ଉଦ୍ୟୋଗ ରାଜ୍ୟ ଅଧିନରେ ରହିଲା କିନ୍ତୁ ଉପଭୋକ୍ତା ବସ୍ତୁକୁ ଘରୋଇ କ୍ଷେତ୍ର ପାଇଁ ଛାଡି ଦିଆଗଲା।

୧୯୯୧ର ଆର୍ଥୀକ ସଙ୍କଟ ପର୍ଯ୍ୟନ୍ତ ଭାରତର ନୀତି ବଦଳି ନଥିଲା ଏବଂ ସେ ପର୍ଯ୍ୟନ୍ତ ବିଶାଳ ଏବଂ ବିସ୍ତାରିତ ସାର୍ବଜନିକ କ୍ଷେତ୍ର ରହିଥିଲା। ବାସ୍ତବରେ ନେହେରୁଙ୍କ ଉତ୍ତରାଧିକାରୀ ମାନେ ନେହେରୁଙ୍କ ଅନେକ ଅସଫଳ ମଡେଲକୁ କାର୍ଯ୍ୟକାରୀ କରିଥିଲେ। ଇନ୍ଦିରାଗାନ୍ଧୀ ବ୍ୟାଙ୍କିଙ୍ଗ ପ୍ରଣାଳୀର ରାଷ୍ଟ୍ରୀୟ କରଣ କରିଥିଲେ ଯାହା ନେହେରୁ କଳ୍ପନା କରିନଥିଲେ। ନେହେରୁଙ୍କ ସମୟରେ ୫ଟି ସାର୍ବଜନିକ କ୍ଷେତ୍ରର ସଂସ୍ଥା (ପିଏସ୍‌ୟୁ) ଆରମ୍ଭ ହୋଇଥିଲା। ନେହେରୁଙ୍କ ମୃତ୍ୟୁର ୧ବର୍ଷ ପରେ ୧୯୬୫ ବେଳକୁ ଏହାର ସଂଖ୍ୟା ୮୦ରେ ପହଞ୍ଚିଥିଲା। ୧୯୯୧ରେ ଯେତେବେଳେ ଆର୍ଥୀକ ସୁଧାର କଥା ଉଠିଲା ସେତେବେଳକୁ ପିଏସ୍‌ୟୁ ସଂଖ୍ୟା ୨୪୬ ହୋଇଯାଇଥିଲା ଓ ୨୦୧୪-୧୫ ବେଳକୁ ଏହି ସଂଖ୍ୟା ୨୯୮ରେ ପହଞ୍ଚିଥିଲା। ମୋଦୀ ସରକାର ସମୟରେ ଏହି ସଂଖ୍ୟା ମଧ୍ୟ ବଢ଼ିଛି। ମହାରତ୍ନ (ବୃହତ୍ ସାର୍ବଜନିକ ଉପକ୍ରମ) ସଂଖ୍ୟା ୭ରୁ ୧୪ ହୋଇଛି ଓ ୨୦୧୮ରେ ଆମଦାନୀ ସଂରକ୍ଷଣ ନୀତିକୁ ପୁଣି ଲାଗୁ କରାଯାଇଛି। ମୋଦୀ ସରକାରଙ୍କ ଶ୍ରମ ନୀତି ଉତ୍ସାହଜନକ ନିଶ୍ଚୟ। ୫ବର୍ଷ ପୂର୍ବେ ପ୍ରଣୟନ କରାଯାଇଥିବା ଶ୍ରମ ନୀତି ଅନୁସାରେ ଶ୍ରମିକ ଛଟେଇ ପାଇଁ ଆବଶ୍ୟକ ପଡୁଥିବା ସଂଖ୍ୟା ୧୦୦କୁ ବୃଦ୍ଧି କରାଯାଇ ୩୦୦ କରାଯାଇଥିଲା ଓ ଅନ୍ୟ କେତେକ ତତ୍ୱକୁ ସାମିଲ କରାଯାଇଥିଲା। ଏଣୁ ଏବେ ମୋଦୀ ସରକାର ଶ୍ରମ ନୀତି ବାବଦରେ ଯେଉଁ ଅଧିସୂଚନା ଜାରିକରିଛନ୍ତି ତାହା ଶ୍ରମିକଙ୍କୁ ଅତିରିକ୍ତ ଫାଇଦା ଦେଇପାରିବ ନାହିଁ ତଥାପି ଏହା ସ୍ୱାଗତ ଯୋଗ୍ୟ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ଏବଂ ମୁଦ୍ରାସ୍ଫିତି ସତ୍ୱେ ଭାରତର ଅର୍ଥନୈତିକ ପ୍ରଦର୍ଶନ ଭଲ ରହିଛି। ଆଶା କରାଯାଉଛି ଆଗାମୀ ବଜେଟ ଏହାଉପରେ କେନ୍ଦ୍ରୀତ ହେବ।

ଏସବୁ ଲେଖିବାର ଉଦେଶ୍ୟ ନୁହେଁ ଯେ ନେହେରୁଙ୍କ ମଡ଼େଲକୁ ସମର୍ଥନ କରିବା। ପ୍ରଖ୍ୟାତ ଅର୍ଥଶାସ୍ତ୍ରୀ ରାଜକୃଷ୍ଣ ନେହେରୁଙ୍କ ମଡ଼େଲର ପ୍ରଖର ସମାଲୋଚକ ଥିଲେ ଓ ରାଇସେନ୍ସ ରାଜର କଠୋର ସମାଲୋଚନା କରୁଥିଲେ। କିନ୍ତୁ କଥା ହେଉଛି ନେହେରୁ ଆମ ପାଇଁ ଯାହା ଛାଡି ଯାଇଥିଲେ ତାକୁ ସୁଧାରିବା ପାଇଁ ଆମ ପାଖରେ ୬୦ ବର୍ଷରୁ ଅଧିକ ସମୟ ଥିଲା କିନ୍ତୁ ତାଙ୍କ ଉତ୍ତରାଧିକାରୀ ମାନେ ଯଦି ସୁଧାରି ପାରିଲେ ନାହିଁ ତେବେ ଏଥିପାଇଁ ନେହେରୁଙ୍କୁ ଦାୟୀ କରାଯିବ କାହିଁକି? ତାଙ୍କ ଆର୍ଥୀକ ନୀତିକୁ ଦେଖିଲେ କିଛି ତୃଟି ଥାଇପାରେ କିନ୍ତୁ ଭୁଲିଯିବା ଉଚିତ୍ ନୁହେଁ ଯେ ସ୍ୱାଧିନତା ପାଇଁ ତାଙ୍କର ଅବଦାନ ଅନେକ। ୬୦ବର୍ଷ ପରେ ତାଙ୍କ ଭୁଲ ଖୋଜିବା ଉତ୍ତମ ମାନସିକତାର ପରିଚୟ ନୁହେଁ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ନିଖୋଜ ଶିଶୁ ଓ ଚିନ୍ତିତ ଅଭିଭାବକ



ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରତିବର୍ଷ ଦେଶରେ ନିଖୋଜ ପିଲାଙ୍କ ସଂଖ୍ୟା ବଢ଼ିବା ସହିତ ସମପରିମାଣରେ ଶିଶୁ ହତ୍ୟା ଘଟିଥାଏ। ଯାହା ଫଳରେ ନିଖୋଜ ଶିଶୁଙ୍କ ଘଟଣା ବୃଦ୍ଧି ପାଉଛି। ସୁପ୍ରିମକୋର୍ଟରେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ସମୟରେ ଜଷ୍ଟିସ୍ ନାଗାରତ୍ନ ମୌଖିକ ଭାବରେ ମନ୍ତବ୍ୟ ଦେଇଥିଲେ, "ମୁଁ ଖବରକାଗଜରେ ପଢ଼ିଛି ଯେ ଦେଶରେ ପ୍ରତି ଆଠ ମିନିଟରେ ଗୋଟିଏ ଶିଶୁ ନିଖୋଜ ହେଉଛି।"

ସୁପ୍ରିମକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ ଯେହେତୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା କଠୋର, ତେଣୁ ଏହାର ଉଲ୍ଲଂଘନ ହେବା ସ୍ୱାଭାବିକ ଓ ଲୋକମାନେ ସନ୍ତାନ ଜନ୍ମ କରିବା ପାଇଁ ବେଆଇନ ଉପାୟ ଅବଲମ୍ବନ କରନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି ନିଖୋଜ ଶିଶୁଙ୍କ ମାମଲା ପରିଚାଳନା ପାଇଁ ଜଣେ ନୋଡାଲ୍ ଅଧିକାରୀ ନିଯୁକ୍ତ କରିବାକୁ ଛଅ ସପ୍ତାହ ସମୟ ଅନୁରୋଧ କରିଥିଲେ। ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିଖୋଜ ଶିଶୁଙ୍କ ମାମଲା ପରିଚାଳନା ପାଇଁ ଜଣେ ନୋଡାଲ୍ ଅଧିକାରୀ ନିଯୁକ୍ତ କରିବାକୁ ଓ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମିଶନ୍ ବାତ୍ସଲ୍ୟ ପୋର୍ଟାଲରେ ପ୍ରକାଶନ ପାଇଁ ସେମାନଙ୍କର ନାମ ଓ ଯୋଗାଯୋଗ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ। ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ ଯେ ଯେତେବେଳେ ପୋର୍ଟାଲରେ ନିଖୋଜ ଶିଶୁ ସମ୍ପର୍କରେ ଅଭିଯୋଗ ଆସେ, ସେତେବେଳେ ସୂଚନା ତୁରନ୍ତ ସମ୍ପୃକ୍ତ ନୋଡାଲ୍ ଅଧିକାରୀଙ୍କ ସହିତ ସେୟାର କରାଯିବା ଉଚିତ୍।

ନିଖୋଜ ପିଲାମାନଙ୍କୁ ଖୋଜିବା ଓ ଏପରି ମାମଲାଗୁଡ଼ିକର ତଦନ୍ତ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଅଧୀନରେ ଏକ ଉତ୍ସର୍ଗୀକୃତ ଅନଲାଇନ୍ ପୋର୍ଟାଲ୍ ସୃଷ୍ଟି କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ କେନ୍ଦ୍ରକୁ କହିଥିଲେ। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ଦାୟିତ୍ୱ ଦିଆଯାଇଥିବା ପୋଲିସ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଉପରେ ମଧ୍ୟ ଖଣ୍ଡପୀଠ ଆଲୋକପାତ କରିଥିଲେ। କୋର୍ଟ କହିଥିଲେ ଯେ ପୋର୍ଟାଲରେ ପ୍ରତ୍ୟେକ ରାଜ୍ୟର ଜଣେ ଉତ୍ସର୍ଗୀକୃତ ଅଧିକାରୀଙ୍କ ନାମ, ଫୋନ୍ ନମ୍ବର ଇତ୍ୟାଦି ରହିପାରିବ। ଯିଏ ସୂଚନା ପ୍ରସାରଣ କରିବା ସହିତ, ନିଖୋଜ ବ୍ୟକ୍ତି ଅଭିଯୋଗର ଦାୟିତ୍ୱରେ ମଧ୍ୟ ରହିପାରିବେ। ଉଲ୍ଲେଖଯୋଗ୍ୟ ଯେ ଏକ ଏନଜିଓ ପୂର୍ବରୁ ସୁପ୍ରିମକୋର୍ଟକୁ ଯାଇଥିଲା ଏବଂ ଅପହୃତ କିମ୍ବା ନିଖୋଜ ଶିଶୁଙ୍କ ଅସମାପ୍ତ ମାମଲା ଏବଂ ଭାରତ ସରକାରଙ୍କ ଦ୍ୱାରା ତଦାରଖ କରାଯାଉଥିବା ଖୋୟା/ପାୟା ପୋର୍ଟାଲରେ ଉପଲବ୍ଧ ସୂଚନା ଆଧାରରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ଆଲୋକପାତ କରିଥିଲା।

ଭାରତରେ ଶିଶୁ ନିଖୋଜ ହେବା ଚିନ୍ତାର ବିଷୟ। ଶିଶୁ ନିଖୋଜର ଅନେକ କାରଣ ଅଛି, ଯେଉଁଥିରେ ଅପରାଧ, ଚାଲାଣ, ହତ୍ୟା ଓ ବେଶ୍ୟାବୃତ୍ତି ଅନ୍ତର୍ଭୁକ୍ତ। ପ୍ରଶାସନିକ ଅବହେଳା ଏକ ପ୍ରମୁଖ କାରଣ ହୋଇପାରେ। ଏଥିପାଇଁ ସଂସ୍କାର ସର୍ବଦା ଆବଶ୍ୟକ ରହିବ। ଭାରତରେ ନିଖୋଜ ଶିଶୁଙ୍କ ସଂଖ୍ୟା ଅତ୍ୟନ୍ତ ଅଧିକ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଅନୁଯାୟୀ, ପ୍ରତିବର୍ଷ ମାନବ ଚାଲାଣ ବୃଦ୍ଧି ପାଉଛି। ଆଇନ କମିଶନଙ୍କ ନ୍ୟାୟିକ ନୀତି ଉପରେ ସଂକ୍ଷିପ୍ତ ବିବରଣୀ ମଧ୍ୟ ଏହି ସମସ୍ୟାକୁ ଉଜାଗର କରେ। ପ୍ରଥମେ ନିଖୋଜ ଶିଶୁମାନଙ୍କୁ ଚିହ୍ନଟ କରିବା ଓ ଚାଲାଣ ସହିତ ସମସ୍ତ ଲିଙ୍କ୍ ତଦନ୍ତ କରିବା ପାଇଁ ଏହି କ୍ଷେତ୍ରରେ ଆଇନଗତ ପରିବର୍ତ୍ତନ ଜରୁରୀ ଆବଶ୍ୟକତା ରହିଛି।

୨୦୧୩ରୁ ୨୦୧୪ ମଧ୍ୟରେ, ଅତି କମରେ ୧୦୦,୦୦୦ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ କରାଯାଇଥିଲା। ତନ୍ମଧ୍ୟରୁ ୬,୭୦୦ ପିଲା ନିଖୋଜ ହୋଇଗଲେ। ଏହି ପିଲାମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ନାବାଳକ ଥିଲେ । ଅନ୍ୟ ଯେଉଁମାନେ ବେଶ୍ୟାବୃତ୍ତି କରିବାକୁ ବାଧ୍ୟ ହୋଇଥିଲେ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଅନୁଯାୟୀ, ମାନବ ଚାଲାଣ ପଛରେ ଅନେକ କାରଣ ରହିଛି। ବଳପୂର୍ବକ ବିବାହ, ଶିଶୁ ଶ୍ରମିକ, ଘରୋଇ ଦାସତ୍ୱ ଓ ଯୌନ ଶୋଷଣ ଏହାର ମୁଖ୍ୟ କାରଣ। ଶିଶୁମାନଙ୍କ ସୁରକ୍ଷା ଏକ ରାଷ୍ଟ୍ରର ନୈତିକ ମୂଲ୍ୟବୋଧ ସହିତ ଜଡିତ। ଭାରତକୁ ମଧ୍ୟ ଏହି କ୍ଷେତ୍ରରେ ଉନ୍ନତି କରିବାକୁ ପଡିବ। ୨୦୨୪-୨୦୨୫ ବର୍ଷରେ, ପ୍ରାୟ ୪୫, ୦୦୦ ଶିଶୁଙ୍କୁ ଶୋଷଣରୁ ଉଦ୍ଧାର କରାଯାଇଥିଲା।




ଏଥିମଧ୍ୟରୁ ୯୦ ପ୍ରତିଶତ ଶିଶୁ ଶ୍ରମିକରେ ନିୟୋଜିତ ଥିଲେ। ଏନସିଆରବି (NCRB) ର ସଦ୍ୟତମ ତଥ୍ୟ ଅନୁଯାୟୀ ୪୭,୦୦୦ ରୁ ଅଧିକ ଶିଶୁ ନିଖୋଜ ତାଲିକାଭୁକ୍ତ ଅଛେ। ଏଥିମଧ୍ୟରୁ ୭୧.୪ ପ୍ରତିଶତ ନାବାଳିକା ଝିଅ। ନିଖୋଜ ଶିଶୁମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଶ୍ରମିକ, ଭିକ୍ଷାବୃତ୍ତି କିମ୍ବା ଯୌନ ଶୋଷଣ କରିବାକୁ ବାଧ୍ୟ ହେଉଛନ୍ତି।

ନବଜାତ ଶିଶୁ ଚୋରି ଓ ଚାଲାଣ ସହିତ ଜଡିତ ଏକ ମାମଲାରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି ସେଭଳି କୌଣସି ହସ୍ପିଟାଲରୁ ନବଜାତ ଶିଶୁ ଚୋରି ହୁଏ, ତେବେ ସେହି ହସ୍ପିଟାଲର ଲାଇସେନ୍ସ ବାତିଲ କରାଯିବା ଉଚିତ୍। ନବଜାତ ଶିଶୁ ଚୋରି କେବଳ ଯେକୌଣସି ସମାଜ ପାଇଁ ଆଇନ ଶୃଙ୍ଖଳା ସମସ୍ୟା ନୁହେଁ, ବରଂ ମାନବ ସମ୍ବେଦନଶୀଳତାର ଅପମାନ। ହସ୍ପିଟାଲରେ ଏପରି ଘଟଣା ଘଟାଇବା ସୁରକ୍ଷା ମାନଦଣ୍ଡ ଓ କର୍ମଚାରୀଙ୍କ କର୍ତ୍ତବ୍ୟ ଓ ଦକ୍ଷତାର ଅଭାବକୁ ଦର୍ଶାଏ।

ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ନୈତିକ ଓ ପ୍ରଶାସନିକ ତଦାରଖର ଗୁରୁତର ଅଭାବ ରହିଛି। ଯେଉଁ ଅନୁଷ୍ଠାନଗୁଡ଼ିକରେ ଏପରି ଅବହେଳା ଆବିଷ୍କୃତ ହୁଏ, ସେମାନଙ୍କର ଲାଇସେନ୍ସ ତୁରନ୍ତ ବାତିଲ କରାଯିବା ଉଚିତ୍। ଦାୟିତ୍ୱରେ ଥିବା ଆଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ଏହି ଲାଇସେନ୍ସ ପ୍ରତ୍ୟାହାର ନୀତି କେବଳ ହସ୍ପିଟାଲ ପରିଚାଳନାକୁ ଦାୟୀ କରିବ ନାହିଁ ବରଂ ଘରୋଇ ଓ ସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷାକୁ ସୁଦୃଢ଼ କରିବାକୁ ବାଧ୍ୟ କରାଯିବା ଆବଶ୍ୟକ।

ନବଜାତ ଶିଶୁଙ୍କ ସୁରକ୍ଷା ସୁବିଧାର ବିଷୟ ନୁହେଁ, ବରଂ ଏକ ବାଧ୍ୟତାମୂଳକ ଦାୟିତ୍ୱ। ଏହି ଦାୟିତ୍ୱରେ ସାମାନ୍ୟ ତ୍ରୁଟି ପାଇଁ "ଶୂନ୍ୟ ସହନଶୀଳତା" ନୀତି ସମାଜ ଓ ନ୍ୟାୟ ଉଭୟର ସ୍ୱାର୍ଥରେ ଲାଗିବା ଦରକାର। ନିଖୋଜ ଶିଶୁ କେବଳ ଏକ ମାମଲା ନୁହେଁ, ବାସ୍ତବରେ ବୁଝିବାକୁ ହେବ ଯେଏହା ରାଜ୍ୟର ଦାୟିତ୍ୱ, ସମାଜର ସତର୍କତା ଓ ପ୍ରଶାସନର ଦାୟିତ୍ୱର ପ୍ରମାଣ। ଏହି ସମୟରେ, ପ୍ରଯୁକ୍ତିବିଦ୍ୟା ସମ୍ବଳର ତୁରନ୍ତ ବ୍ୟବହାର, ସ୍ପଷ୍ଟ ପ୍ରୋଟୋକଲ ଓ ଏକ ସ୍ୱଚ୍ଛ ତଦନ୍ତ ପ୍ରକ୍ରିୟା ସହିତ ଶିଶୁ ସୁରକ୍ଷାକୁ ପ୍ରାଥମିକତା ଦେବା ଅତ୍ୟନ୍ତ ଜରୁରୀ ମନେହୁଏ।

କୌଣସି ଶିଶୁ ବ୍ୟବସ୍ଥାଗତ ବିଫଳତାର ଶିକାର ହେବା ଉଚିତ୍ ନୁହେଁ। ଭାରତରେ ନିଖୋଜ ଶିଶୁ ଓ ମାନବ ଚାଲାଣର ବଢୁଥିବା ନେଟୱାର୍କ ଏବେ ଅନ୍ତର୍ଜାତୀୟ ଶିରୋନାମା ପାଲଟିଛି। ମାନବ ଚାଲାଣ ଏକ ବିଶ୍ୱସ୍ତରୀୟ ଚିନ୍ତାର ବିଷୟ ହୋଇ ରହିଛି। ଏହା ଭାରତ ପାଇଁ ଆହୁରି ଚିନ୍ତାଜନକ, ଯେଉଁଠାରେ ଏପରି ଅପରାଧୀ ଗୋଷ୍ଠୀଗୁଡ଼ିକ ସର୍ବାଧିକ ବୃଦ୍ଧି ପାଆନ୍ତି।

ଏହି ସମସ୍ୟାର ବ୍ୟାପକତାକୁ ଦୃଷ୍ଟିରେ ରଖି, ଏହାର ସମାଧାନ ପାଇଁ ଏକ ଦୃଢ଼ ସଂଗଠନ କିମ୍ବା ପ୍ଲାଟଫର୍ମ ଆବଶ୍ୟକ। ଉଦ୍ଧାର ପିଲାମାନଙ୍କ ପାଇଁ ପର୍ଯ୍ୟାପ୍ତ ପୁନର୍ବାସ ବ୍ୟବସ୍ଥା କରାଯିବା ଆବଶ୍ୟକ। ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ଅନେକ ସ୍ତରରେ ଗୁରୁତର ତ୍ରୁଟି ରହିଛି। ପରିବାର ଦ୍ୱାରା ଦାଖଲ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରାଯାଏ ନାହିଁ। ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ପୋଲିସ ପ୍ରାରମ୍ଭରେ ଧରିନିଏ ଯେ ପିଲାଟି ନିଜେ ଫେରି ଆସିବ, ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ସନ୍ଧାନ ଘଣ୍ଟା ନଷ୍ଟ କରିଦେବ।

ନିଷ୍କର୍ଷରେ କେବଳ କୁହାଯାଇପାରେ ଯେ ପିଲାମାନେ ନିଖୋଜ ହେବା ପଛରେ ଅନେକ ସାମାଜିକ ଓ ମାନସିକ କାରଣ ରହିଛି, ଯାହା ପରିବାର, ସ୍କୁଲ ଓ ସମ୍ପ୍ରଦାୟର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ପରିବାର ମଧ୍ୟରେ ଯୋଗାଯୋଗର ଅଭାବ, ଚାପପୂର୍ଣ୍ଣ ସାମାଜିକ ପରିବେଶ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଓ ସଚେତନତାର ଅଭାବ ଏହି ସମସ୍ୟାକୁ ଆହୁରି ଭୟାବହ ଓ ଜଟିଳ କରିଥାଏ। ସ୍କୁଲଗୁଡ଼ିକରେ ପରାମର୍ଶ ସେବା ସୀମିତ। ଆନୁଷ୍ଠାନିକ ସମ୍ପ୍ରଦାୟ ସ୍ତରରେ ପିଲାମାନଙ୍କ ସୁରକ୍ଷା ଓ ଅଧିକାର ପ୍ରତି ସମ୍ବେଦନଶୀଳତାର ଅଭାବ ମଧ୍ୟ ଯଥେଷ୍ଟ ରହିଛି।

ଅନେକ କ୍ଷେତ୍ରରେ, ପାରିବାରିକ ଦ୍ୱନ୍ଦ, ଘରୋଇ ହିଂସା, ପରୀକ୍ଷାର ଭୟ, ମାନସିକ ଚାପ କିମ୍ବା ପ୍ରେମ ସମ୍ପର୍କ ଯୋଗୁଁ ପିଲାମାନେ ଘରୁ ବାହାରି ଯାଆନ୍ତି। କିଛି କ୍ଷେତ୍ରରେ ନିଯୁକ୍ତି କିମ୍ବା ଏକ ଭଲ ଭବିଷ୍ୟତ ନାମରେ, ପିଲାମାନେ ଏପରି ଫାଶରେ ଫସି ଯାଆନ୍ତି ଯେ ଫେରିବା ପ୍ରାୟ ଅସମ୍ଭବ ହୋଇଯାଏ...!!!

**ତାରା ନିଳୟ, ପ୍ଲଟ: ୮୫୪/ଏ , ଲକ୍ଷ୍ମୀ ନାରାୟଣ ବିହାର, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫**
**ମୋବାଇଲ୍: ୯୦୪୦୧୫୧୪୭୫**

# ସୁପ୍ରିମ୍‌କୋର୍ଟଙ୍କ କଡ଼ା ଆଭିମୁଖ୍ୟ

## ମହିଳାଙ୍କ ପାଇଁ ୩୦% ସଂରକ୍ଷଣ ହେଉ



ନୂଆଦିଲ୍ଲୀ, ୬।୧୨: ଆଗାମୀ ରାଜ୍ୟ ବାର ପରିଷଦ ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୦% ସଂରକ୍ଷଣ ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଦ୍ୱାରା ଏପରି ପ୍ରତିନିଧିତ୍ୱକୁ ବାଧ୍ୟତାମୂଳକ କରାଯାଇଥିବା 'ସାମ୍ବିଧାନିକ ନୀତି' କାର୍ଯ୍ୟକାରୀ ହୋଇପାରିବ। ସିଜେଆଇ ସୂର୍ଯ୍ୟକାନ୍ତ ଓ ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀଙ୍କ ଏକ ଖଣ୍ଡପୀଠ ସୁପ୍ରିମକୋର୍ଟର ଓକିଲ ଯୋଗମାୟା ଏମ.ଜି. ଏବଂ ଶେହଲା ଚୌଧୁରୀଙ୍କ ଦ୍ୱାରା ଦାଖଲ ଦୁଇଟି ଜନସ୍ୱାର୍ଥ ଆବେଦନର ଶୁଣାଣି କରିଥିଲେ। ସାମ୍ବିଧାନିକ ନୀତି, ସାମ୍ପ୍ରତିକ ଆଇନଗତ ପଦକ୍ଷେପ ଓ ସମୟ ସମୟରେ ଏହି କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଆମେ ଆଶା କରୁଛୁ ଯେ, ଭାରତୀୟ ବାର ପରିଷଦ ବିଦ୍ୟମାନ ନିୟମ/ଢାଞ୍ଚାକୁ ନୂତନ ଭାବେ ନିର୍ମାଣ କରିବ। ଯାହା ଦ୍ୱାରା ପ୍ରତ୍ୟେକ ରାଜ୍ୟ ବାର ପରିଷଦରେ ୩୦% ଆସନ ମହିଳା ସଦସ୍ୟଙ୍କ ଦ୍ୱାରା ଦଖଲ କରାଯିବ। ଖଣ୍ଡପୀଠ କହିଛନ୍ତି ଯେ, ସଂରକ୍ଷଣ କେବଳ ନିର୍ବାଚିତ ପଦବୀ ପାଇଁ ନୁହେଁ ବରଂ ପ୍ରତ୍ୟେକ ରାଜ୍ୟ ବାର ପରିଷଦର ପଦାଧିକାରୀଙ୍କ ପଦବୀ ପାଇଁ ମଧ୍ୟ ବିସ୍ତାରିତ ହେବ। ଏପରି ସଂରକ୍ଷଣକୁ ଅନ୍ତର୍ଭୁକ୍ତ କରିବା ପାଇଁ କାର୍ଯ୍ୟକ୍ଷମ ନିୟମଗୁଡ଼ିକୁ ସଂଶୋଧିତ ବୋଲି ବିବେଚନା କରି ଖଣ୍ଡପୀଠ ଡିସେମ୍ବର ୮ ସୁଦ୍ଧା ପାଳନ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ରେକର୍ଡରେ ରଖିବାକୁ ବିସିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଓକିଲ ଗୁରୁକୁମାର କହିଥିଲେ ଯେ, ଏପରି ସଂରକ୍ଷଣ ପ୍ରଚଳନ କରିବା ଦ୍ୱାରା ୧୯୬୧ ଆଇନରେ ସଂଶୋଧନ ଆବଶ୍ୟକ ହେବ। ସେ ଆହୁରି ଦର୍ଶାଇଥିଲେ ଯେ, ଅନେକ ରାଜ୍ୟ ବାର କାଉନସିଲ ପୂର୍ବରୁ ସେମାନଙ୍କର ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଯାହା ଏତେ କମ୍ ସମୟର ନୋଟିସରେ କୌଣସି ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରିବା କଷ୍ଟକର କରିଦେଇଛି। ତଥାପି, ମୁଖ୍ୟ ବିଚାରପତି ବାର୍ ସଂଗଠନକୁ ଆଶ୍ୱାସନା ଦେଇଥିଲେ ଯେ, କୋର୍ଟ ଏପରି ସଂରକ୍ଷଣ କାର୍ଯ୍ୟାନ୍ୱୟନ ତଦାରଖ କରିବେ। ଆମେ ସମସ୍ୟାଗୁଡ଼ିକ ଆସିଲେ ସମାଧାନ କରିବୁ।

## ମନ୍ଦିରକୁ ଦାନ କରାଯାଇଥିବା ଟଙ୍କା ଦେବତାଙ୍କର

ନୂଆଦିଲ୍ଲୀ୬।୧୨: ମନ୍ଦିରକୁ ଦାନ ଭାବରେ ଦିଆଯାଇଥିବା ଟଙ୍କା ସମ୍ପର୍କରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ମନ୍ଦିରକୁ ଦାନ କରାଯାଇଥିବା ଟଙ୍କା ଦେବତାଙ୍କର। ଏହାକୁ କୌଣସି ସମବାୟ ବ୍ୟାଙ୍କକୁ ସଞ୍ଚୟ କିମ୍ବା ସମୃଦ୍ଧ କରିବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ।

ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ କେରଳର କିଛି ସମବାୟ ବ୍ୟାଙ୍କର ଆବେଦନର ଶୁଣାଣି କରୁଥିଲେ। ଯେଉଁଥିରେ ଥିରୁନେଲି ମନ୍ଦିର ଦେବସ୍ୱମର ଜମା ଫେରାଇବା ପାଇଁ କେରଳ ହାଇକୋର୍ଟଙ୍କର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମକୋର୍ଟ ପଚାରିଥିଲେ ଯେ, କେରଳ ହାଇକୋର୍ଟଙ୍କର ନିର୍ଦ୍ଦେଶରେ କ'ଣ ଭୁଲ ଅଛି? ସିଜେଆଇ ସୂର୍ଯ୍ୟକାନ୍ତ ପଚାରିଥିଲେ, ଆପଣ ମନ୍ଦିରର ଟଙ୍କାକୁ ବ୍ୟାଙ୍କକୁ ବଞ୍ଚାଇବା ପାଇଁ ବ୍ୟବହାର କରିବାକୁ ଚାହୁଁଛନ୍ତି। ମନ୍ଦିରର ଟଙ୍କା ଅଧିକ ସୁଧ ପ୍ରଦାନ କରିପାରୁଥିବା ସମବାୟ ବ୍ୟାଙ୍କରେ ରଖିବା ପରିବର୍ତ୍ତେ ଜାତୀୟ ବ୍ୟାଙ୍କକୁ ଯିବାରେ କ'ଣ ଅସୁବିଧା ଅଛି? ସେ କହିଥିଲେ ଯେ, ମନ୍ଦିରର ଟଙ୍କା ଦେବତାଙ୍କର, ତେଣୁ ଏହାର ସୁରକ୍ଷିତ ସଂରକ୍ଷଣ ଏବଂ କେବଳ ମନ୍ଦିର ପାଇଁ ବ୍ୟବହାର କରାଯିବା ଉଚିତ୍। ଏହା ଏକ ସମବାୟ ବ୍ୟାଙ୍କର ଆୟ କିମ୍ବା ଅସ୍ତିତ୍ୱର ଆଧାର ହୋଇପାରିବ ନାହିଁ। ଆବେଦନକାରୀ ବ୍ୟାଙ୍କଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ମନୁ କୃଷ୍ଣନ୍ ଯୁକ୍ତି ଦେଇଥିଲେ ଯେ, ଦୁଇ ମାସ ମଧ୍ୟରେ ଜମା ଫେରସ୍ତ କରିବାକୁ ହାଇକୋର୍ଟଙ୍କ ହଠାତ୍ ନିର୍ଦ୍ଦେଶ ଅସୁବିଧା ସୃଷ୍ଟି କରୁଛି। ସିଜେଆଇ ଉତ୍ତର ଦେଇଥିଲେ, ଆପଣଙ୍କୁ ଜନସାଧାରଣଙ୍କ ନିକଟରେ ଆପଣଙ୍କର ବିଶ୍ୱସନୀୟତା ସ୍ଥାପନ କରିବାକୁ ପଡିବ। ଆପଣ ଗ୍ରାହକ ଏବଂ ଜମାକୁ ଆକର୍ଷିତ କରିପାରିବେ ନାହିଁ ଏହା ଆପଣଙ୍କର ସମସ୍ୟା।

### ସେନାକୁ ମିଳିବ ଇସ୍ରାଏଲ ନିର୍ମିତ ଘାତକ ଅସ୍ତ୍ର

## ଆସିବ ୪୦,୦୦୦ ହାଲୁକା ମେସିନ୍ ଗନ୍

ନୂଆଦିଲ୍ଲୀ, ୬।୧୨: ଆତଙ୍କବାଦ ବିରୋଧୀ ଅଭିଯାନରେ ଭାରତୀୟ ସେନାର ଶକ୍ତି ଆହୁରି ବଢିବାକୁ ଯାଉଛି। କାରଣରୁ ଇସ୍ରାଏଲରୁ ଆସୁଛି ଏକ ସ୍ୱତନ୍ତ୍ର ଧରଣର ହାଲକା ମେସିନ ଗନ (ଏଲଏମଜି) ସିକ୍ୟୁବି କାର୍ବାଇନ୍। ଆସନ୍ତା ବର୍ଷ ପ୍ରଥମଭାଗରେ ପ୍ରାୟ ୪୦ ହଜାର ଏଲଏମଜି ଆସିବ ବୋଲି ଜଣାପଡ଼ିଛି।



ଇସ୍ରାଏଲର ପ୍ରମୁଖ ପ୍ରତିରକ୍ଷା କମ୍ପାନୀ ଇସ୍ରାଏଲ ୱେପନ୍ ଇଣ୍ଡଷ୍ଟ୍ରିଜ୍ କହିଛି ଯେ, ଏହା ଆସନ୍ତା ବର୍ଷ ଆରମ୍ଭରୁ ଭାରତକୁ ପ୍ରଥମ ଦଫାରେ ୪୦ ହଜାର ଏଲଏମଜିର ଯୋଗାଣ କରିବାକୁ ଯାଉଛି। ଏହା ସହିତ, ପ୍ରାୟ ୧.୭ ଲକ୍ଷ ନୂତନ ପିଢ଼ିର କ୍ଲୋଜ୍ କ୍ୱାର୍ଟର ବ୍ୟାଟେଲ୍ କାର୍ବାଇନ୍ ରାଇଫଲ୍ ଯୋଗାଣ ପାଇଁ ଚୁକ୍ତି ସ୍ୱାକ୍ଷର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇସ୍ରାଏଲ ୱେପନ୍ ଇଣ୍ଡଷ୍ଟ୍ରିଜର ସିଇଓ ଶୁକି ସ୍ୱାର୍ଜ୍ କହିଛନ୍ତି ଯେ, ତାଙ୍କ କମ୍ପାନୀ ପିସ୍ତଲ, ରାଇଫଲ୍ ଏବଂ ମେସିନ୍ ଗନ୍ ସମେତ ଏହାର ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ଗୃହ ମନ୍ତ୍ରଣାଳୟର ବିଭିନ୍ନ ଏଜେନ୍ସି ସହିତ କାମ କରୁଛି। ସେ କହିଛନ୍ତି, ଆମେ ବର୍ତ୍ତମାନ ତିନୋଟି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଅଛୁ। ପ୍ରଥମଟି ହେଉଛି ଗତ ବର୍ଷ ସ୍ୱାକ୍ଷରିତ ୪୦,୦୦୦ ହାଲୁକା ମେସିନ୍ ଗନ୍ ପାଇଁ ଚୁକ୍ତି। ସମସ୍ତ ପରୀକ୍ଷଣ, ପରୀକ୍ଷଣ ଏବଂ ସରକାରୀ ଯାଞ୍ଚ ସମାପ୍ତ ହୋଇଛି। ଆମେ ଉତ୍ପାଦନ ଲାଇସେନ୍ସ ମଧ୍ୟ ପାଇଛୁ। ନୂତନ ବର୍ଷର ପ୍ରାରମ୍ଭରେ ଆମେ ପ୍ରଥମ କନସାଇନ୍ମେଣ୍ଟ ଯୋଗାଣ କରିବାକୁ ଚାହୁଁଛୁ। ଏଲଏମଜିର ସମ୍ପୂର୍ଣ୍ଣ ଯୋଗାଣ ୫ ବର୍ଷ ମଧ୍ୟରେ ସମାପ୍ତ ହେବ, କିନ୍ତୁ ଆମେ ଏହାକୁ ଆହୁରି ଶୀଘ୍ର କରିପାରିବୁ। ପ୍ରଥମ କନସାଇନମେଣ୍ଟ ଜାନୁଆରୀ-ଫେବୃଆରୀରେ ହିଁ ଆସିବ।

## ବେଙ୍ଗଲରେ ବାବ୍ରୀ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ



### ସାଉଦି ଆରବରୁ ଆସିଲେ ମୁସଲିମ ଧର୍ମଗୁରୁ

### ବେଲଡାଙ୍ଗାରେ କଡ଼ା ସୁରକ୍ଷା ବ୍ୟବସ୍ଥା

କୋଲକାତା, ୬।୧୨: ଟିଏମସିରୁ ବିଦା ହେବା ପରେ ମଧ୍ୟ ବାବ୍ରି ମସଜିଦର ଶିଳାନ୍ୟାସ କରିଛନ୍ତି ହୁମାୟୁନ କବୀର। ବିଧାୟକ ହୁମାୟୁନ କବୀର ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ବେଲଡାଙ୍ଗାରେ ବାବ୍ରି ମସଜିଦ୍ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସମୟରେ ମୌଲବୀମାନଙ୍କ ସହିତ ସେ ରିବନ କାଟି କାର୍ଯ୍ୟ ଆରମ୍ଭ ଲାଗି ଆହ୍ୱାନ ଦେଇଛନ୍ତି। ଏହି ସମୟରେ 'ନାରା-ଏ-ତକବୀର' ଏବଂ 'ଆଲ୍ଲାହୁ ଆକବର' ଭଳି ସ୍ଲୋଗାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୨ ଲକ୍ଷରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ବେଙ୍ଗଲର ବିଭିନ୍ନ ଜିଲ୍ଲାରୁ ଲୋକମାନେ ସଭାସ୍ଥଳରେ ପହଞ୍ଚିଥିଲେ। କେହି ନିଜ ମୁଣ୍ଡରେ, କିଏ ଟ୍ରାକ୍ଟର-ଟ୍ରଲିରେ ଏବଂ କେତେ ଜଣ ରିକ୍ସା କିମ୍ବା ଭ୍ୟାନରେ ଇଟା ନେଇ ସେଠାରେ ପହଞ୍ଚିଥିଲେ। ଏହି ଘଟଣା ପାଇଁ ଆଜି ସକାଳଠାରୁ ବେଲଡାଙ୍ଗା ଏବଂ ଆଖପାଖ ଅଞ୍ଚଳ ହାଇ ଆଲର୍ଟରେ ରହିଛି। କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ୧୯ଟି ଦଳ, ରାପିଡ୍ ଆକ୍ସନ୍ ଫୋର୍ସ, ସୀମା ସୁରକ୍ଷା ବଳ ଏବଂ ଅନେକ ସ୍ଥାନୀୟ ପୁଲିସ ବେଲଡାଙ୍ଗା ଏବଂ ଏହାର ଆଖପାଖ ଅଞ୍ଚଳରେ ମୁତୟନ ହୋଇଛନ୍ତି। ହୁମାୟୁନ୍ କବୀର ନଭେମ୍ବର ୨୫ ତାରିଖରେ କହିଥିଲେ ଯେ, ସେ ଡିସେମ୍ବର ୬ ତାରିଖରେ ଅଯୋଧ୍ୟାରେ ବିବାଦୀୟ ଢାଞ୍ଚା ଭଙ୍ଗାଯିବାର ୩୩ ବର୍ଷ ପୂର୍ତ୍ତି ଅବସରରେ ବାବ୍ରୀ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ତୃଣମୂଳ କଂଗ୍ରେସ ଡିସେମ୍ବର ୪ରେ ହୁମାୟୁନ୍ କବୀରଙ୍କୁ ଦଳରୁ ନିଲମ୍ବିତ କରିଥିଲା। ପ୍ରକାଶଥାଉ କି, ଶୁକ୍ରବାର କୋଲକାତା ହାଇକୋର୍ଟ ମସଜିଦର ନିର୍ମାଣ ଉପରେ ରୋକ ଲଗାଇବାକୁ ମନା କରିଦେଇଥିଲେ। କୋର୍ଟ ରାୟ ଦେଇଥିଲେ ଯେ, ସମାରୋହ ସମୟରେ ଶାନ୍ତି ବଜାୟ ରଖିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ, ହୁମାୟୁନ୍ କବୀର ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଜିର ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଲାଗି ସାଉଦି ଆରବରୁ ମୁସଲିମ ଧର୍ମଗୁରୁ ଆସିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ୧୫୦ ଫୁଟ ଲମ୍ବା ଏବଂ ୮୦ ଫୁଟ ଚଉଡା ମଞ୍ଚ ନିର୍ମାଣ କରାଯାଇଥିଲା। ୪୦୦ ରୁ ଅଧିକ ଲୋକଙ୍କ ପାଇଁ ବସିବା ବ୍ୟବସ୍ଥା କରାଯାଇଥିଲା। ଉପସ୍ଥିତ ଲୋକଙ୍କ ପାଇଁ ୬୦,୦୦୦ ରୁ ଅଧିକ ବିରିୟାନି ପ୍ୟାକେଟ ପ୍ରସ୍ତୁତ କରାଯାଇଥିଲା। ୨୦୦୦ ରୁ ଅଧିକ ସ୍ୱେଚ୍ଛାସେବୀ ବ୍ୟବସ୍ଥା ପରିଚାଳନା କରିଥିଲେ।

## ଏବେ ୧୪ ବର୍ଷର ପିଲାଙ୍କ ଉପରେ ହେବ ମୋକଦ୍ଦମା!

### ସଂସଦରେ ଉପସ୍ଥାପନ ହେବ ପ୍ରାଇଭେଟ ବିଲ୍



ନୂଆଦିଲ୍ଲୀ ୬।୧୨: ଦିଲ୍ଲୀ ବିଜେପି ସାଂସଦ ମନୋଜ ତିୱାରୀ କହିଛନ୍ତି ଯେ, ସେ କିଶୋର ନ୍ୟାୟ ଅଧିନିୟମ ୨୦୧୫ରେ ଜଘନ୍ୟ ଅପରାଧ ନିମନ୍ତେ କିଶୋରଙ୍କ ଆୟୁ ସୀମା ହ୍ରାସ କରି ୧୪ ବର୍ଷ କରିବାକୁ ପ୍ରସ୍ତାବ ଦେବେ। ଏଥିପାଇଁ ସେ ଲୋକସଭାରେ ଏକ ପ୍ରାଇଭେଟ ବିଲ୍ ଉପସ୍ଥାପନ କରି ଏହି ପ୍ରସ୍ତାବ ପେସ୍ କରିବା ପାଇଁ ଯୋଜନା କରୁଛନ୍ତି। ସେ କହିଛନ୍ତି ଯେ, ୧୭ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ କିଶୋର କୁହାଯାଏ ଓ ଏଥିଲାଗି ଆମର କିଶୋର ନ୍ୟାୟ ଅଧିନିୟମ ୨୦୧୫ ରହିଛି। ସେ କହିଛନ୍ତି ଯେ, ଏକ ସର୍ଭେକ୍ଷଣରୁ ଜଣାପଡିଛି ୧୫-୧୭ ବର୍ଷ ବୟସର ପିଲାଏ ଜଘନ୍ୟ ଅପରାଧରେ ଶାମିଲ ହେଉଛନ୍ତି। ଏଣୁ ଆମେ କିଶୋର ଆୟୁକୁ ହ୍ରାସ କରି ୧୪ କରିବାକୁ ପ୍ରସ୍ତାବ ଦେବୁ, କାରଣ ମୁଁ ଏପରି ଅନେକ ଉଦାହରଣ ଦେଖିଲାଣି । ଜଣେ କିଶୋର ୩ ହତ୍ୟା ପାଇଁ ଦାୟୀ ଥିଲା। ଏଥିପାଇଁ ସେ ସୁଧାର ଗୃହ ଯାଇଥିଲା ସେଠାରୁ ଫେରି ପୁଣି ହତ୍ୟା କରିଛି। ଏଣୁ ଏହା ଉପରେ ନିଶ୍ଚିତ ରୂପେ ବିଚାର କରାଯିବା ଦରକାର। ଅନେକ ଚିନ୍ତା କରିବା ପରେ ମୁଁ ଏହି ପ୍ରସଙ୍ଗକୁ ଏକ ପ୍ରାଇଭେଟ ବିଲ୍ ମାଧ୍ୟମରେ ଉପସ୍ଥାପନ କରିବାକୁ ଯାଉଛି।

### ରାହୁଲ ବିରୋଧରେ ମାନହାନୀ ମୋକଦ୍ଦମା

## ଆସିଲେନି ସାକ୍ଷୀ, ଶୁଣାଣି ସ୍ଥଗିତ



ଠାଣେ ୬।୧୨: ମହାରାଷ୍ଟ୍ର ଠାଣେ ଜିଲ୍ଲାର ଏକ କୋର୍ଟ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜନୈକ ସ୍ୱୟଂ ସେବକଙ୍କ ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ଆଗତ ଅପରାଧିକ ମାନହାନୀ ମୋକଦ୍ଦମାର ଶୁଣାଣିକୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ କରିଦେଇଛନ୍ତି। ଶନିବାର ମାମଲାର ଶୁଣାଣି କାଳରେ ଅଭିଯୋଗକାରୀଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ କୋର୍ଟରେ ହାଜର ନ ହେବାରୁ ଏହି ନିଷ୍ପତ୍ତି ନିଆଯାଇଛି। ରାହୁଲ ଗାନ୍ଧିଙ୍କ ଓକିଲ ନାରାୟଣ ଆୟର ଶୁଣାଣି ସ୍ଥଗିତ ହୋଇଥିବା ପୁଷ୍ଟି କରିଛନ୍ତି। ସେ କହିଛନ୍ତି ଯେ, ମାମଲାର ସାକ୍ଷୀ ଅଶୋକ ସାୟକର ବ୍ୟକ୍ତିଗତ କାରଣରୁ କୋର୍ଟରେ ହାଜର ହୋଇ ପାରିନାହାନ୍ତି। ସାୟକର ଏବେ ସୋଲାପୁରର ବାର୍ଶିରେ ପୋଲିସ ଡିଏସପି ଅଛନ୍ତି। ମାମଲାରେ ସାୟକରଙ୍କ ସାକ୍ଷ ଡିସେମ୍ବର ୨୯ ତାରିଖରେ ଗ୍ରହଣ କରାଯାଇପାରେ ବୋଲି ଆୟର କହିଛନ୍ତି। ମାମଲାରେ ସାୟକରଙ୍କ ସାକ୍ଷକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। କାରଣ ୨୦୧୪ ମସିହାରେ ପୁଲିସ ଉପନିରୀକ୍ଷକ ଭାବେ ସେ ଭାରତୀୟ ଦଣ୍ଡ ପ୍ରକ୍ରିୟା ସଂହିତା ଧାରା ୨୦୨ରେ ମାନହାନୀ ମାମଲାର ପ୍ରାରମ୍ଭିକ ଯାଞ୍ଚ କରିଥିଲେ। ସାୟକରଙ୍କ ରିପୋର୍ଟ ଆଧାରରେ କୋର୍ଟ ପରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୫୦୦ରେ ରାହୁଲ ଗାନ୍ଧିଙ୍କ ବିରୋଧରେ ସମନ ଜାରି କରିଥିଲେ। ଆରଏସଏସର ସ୍ଥାନୀୟ କାର୍ଯ୍ୟକର୍ତ୍ତା ରାଜେଶ କୁଣ୍ଟେ ୬ ମାର୍ଚ୍ଚ ୨୦୧୪ରେ ଭିବଣ୍ଡି ନିକଟରେ ଅନୁଷ୍ଠିତ ଏକ ନିର୍ବାଚନ ରାଲିରେ କଂଗ୍ରେସ ନେତାଙ୍କ ସେହି କଥିତ ବୟାନକୁ ନେଇ ଅପରାଧିକ ମାନହାନୀ ମୋକଦ୍ଦମା ରୁଜୁ କରିଥିଲେ ଯେଉଁଥିରେ ରାହୁଲ ଗାନ୍ଧି କହିଥିଲେ ଯେ, ଆରଏସଏସର ଲୋକେ ମହାତ୍ମା ଗାନ୍ଧିଙ୍କ ହତ୍ୟା କରିଥିଲେ। ଏହା ପୂର୍ବରୁ ନଭେମ୍ବର ୧୫ ଶୁଣାଣି ମଧ୍ୟ ସ୍ଥଗିତ ରହିଥିଲା। ପୂର୍ବରୁ ଏହି ମାମଲା ନଭେମ୍ବର ୨୯ ତାରିଖକୁ ନିର୍ଦ୍ଧାରିତ ଥିଲା। କିନ୍ତୁ ରାହୁଲଙ୍କ ଆଇନ ପରାମର୍ଶ ଟିମ୍ ତାଙ୍କ ଅନୁପଲବ୍ଧତାର କାରଣ ଦର୍ଶାଇ ଶୁଣାଣି ସ୍ଥଗିତ କରିବାକୁ ନିବେଦନ କରିଥିଲେ। ଏହା ପରେ ମାମଲାକୁ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ଟାଳି ଦିଆଯାଇଥିଲା। ଏବେ ଡିସେମ୍ବର ୨୦ରେ ମାମଲାର ପୁଣି ଶୁଣାଣି ହେବ।

### ଆଫଗାନିସ୍ତାନ ସୀମାରେ ଗୁଳିଚାଳନା

## ଆଉଟପୋଷ୍ଟ ଛାଡି ପଳାଇଲେ ପାକ୍ ସେନା

ଇସଲାମାବାଦ/କାବୁଲ,୬।୧୨: ଶୁକ୍ରବାର ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମାରେ ପ୍ରବଳ ଗୁଳିଚାଳନା ହୋଇଥିଲା, ଯାହା ପୂର୍ବର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଆହୁରି ବୃଦ୍ଧି କରିଛି। ଆଫଗାନ ସେନାର ପ୍ରଚଣ୍ଡ ଆକ୍ରମଣର ସାମ୍ନା କରି ନପାରି ପାକ୍ ସେନା ଆଉଟପୋଷ୍ଟ ଛାଡ଼ି ଦୌଡ଼ି ପଳାଇଥଇବା ଜଣାପଡ଼ିଛି। ଉଭୟ ପକ୍ଷର ଅଧିକାରୀମାନେ ଗୁଳିଚାଳନା ସମ୍ପର୍କରେ ନିଶ୍ଚିତ କରିଛନ୍ତି। ଚଳିତ ସପ୍ତାହର ପ୍ରାରମ୍ଭରେ, ରିୟାଦରେ ଉଭୟ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇଥିଲା। ଏପର୍ଯ୍ୟନ୍ତ ଅଧିକାରୀମାନେ କୌଣସି କ୍ଷତିର ରିପୋର୍ଟ ଦେଇ ନାହାନ୍ତି। ଆଫଗାନିସ୍ତାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି, ପାକିସ୍ତାନ କାନ୍ଦାହାର ପ୍ରଦେଶର ସ୍ପିନ୍ ବୋଲଡାକ୍ ଅଞ୍ଚଳରେ ଆକ୍ରମଣ କରିଛି। ଏହି ସମୟରେ ପାକିସ୍ତାନ ସରକାର ଆଫଗାନ ସେନା ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମୁଖପାତ୍ର ମୁଶାରଫ ଜୈଦି କହିଛନ୍ତି, ପାକିସ୍ତାନ ସମ୍ପୂର୍ଣ୍ଣ ସତର୍କ ଅଛି। ଦେଶ ନିଜର କ୍ଷେତ୍ରୀୟ ଅଖଣ୍ଡତା ଏବଂ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ପାକିସ୍ତାନ ଏବଂ ଆଫଗାନ ତାଲିବାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଆଫଗାନ ମିଡିଆ ରିପୋର୍ଟ କରିଛି, ପାକିସ୍ତାନୀ ସେନା ୨୦ରୁ ଅଧିକ ଚେକ୍ ପଏଣ୍ଟ ଛାଡି ପଳାଇଛନ୍ତି। ସୂତ୍ର ଅନୁସାରେ ପାକିସ୍ତାନୀ ସେନା ସାଧାରଣ ଲୋକଙ୍କ ଉପରେ ରକେଟ ମାଡ଼ କରିଥିଲା। ଯାହା ଦ୍ୱାରା ସ୍ପିନ୍ ବୋଲଡାକର ଲୋକମାନଙ୍କୁ ବହୁତ ଅସୁବିଧା ହୋଇଥିଲା। ଏହା ପରେ, ଆଫଗାନ ସେନା ପାକିସ୍ତାନ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା।ପାକିସ୍ତାନ ବର୍ତ୍ତମାନ ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନ ପ୍ରଦେଶରେ ଗୁରୁତର ଉଗ୍ରବାଦୀ ହିଂସା ସହିତ ସଂଘର୍ଷ କରୁଛି। ପାକିସ୍ତାନ ଦାବି କରୁଛି ଯେ, ଆଫଗାନ ମାଟିରୁ କାର୍ଯ୍ୟ କରୁଥିବା ଉଗ୍ରବାଦୀମାନେ ସମ୍ପ୍ରତି ଦେଶରେ ଆକ୍ରମଣ କରୁଛନ୍ତି, ଯେଉଁଥିରେ ଆଫଗାନ ନାଗରିକଙ୍କୁ ନେଇ ଆତ୍ମଘାତୀ ବିସ୍ଫୋରଣ ମଧ୍ୟ ଅନ୍ତର୍ଭୁକ୍ତ। ତାଲିବାନ ସରକାର ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରୁଛନ୍ତି ଏବଂ ପାକିସ୍ତାନରେ ହେଉଥିବା ହିଂସା ପାଇଁ ଆଭ୍ୟନ୍ତରୀଣ ସୁରକ୍ଷା ଦାୟୀ ବୋଲି କହିଛନ୍ତି।

## ପାକ୍ ସିଡିଏଫଙ୍କୁ ଟାର୍ଗେଟ କଲେ ଜୟଶଙ୍କର



ନୂଆଦିଲ୍ଲୀ, ୬।୧୨: ଭାରତ-ପାକିସ୍ତାନ ସମ୍ପର୍କ ଏବଂ ପାକିସ୍ତାନର ପ୍ରତିରକ୍ଷା ବାହିନୀର ମୁଖ୍ୟ (ସିଡିଏଫ) ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। ଜୟଶଙ୍କର କହିଛନ୍ତି ଯେ, ଯେପରି ଭଲ ଆତଙ୍କବାଦୀ ଏବଂ ଖରାପ ଆତଙ୍କବାଦୀ ଅଛନ୍ତି, ସେହିପରି ଭଲ ସାମରିକ ନେତା ଏବଂ କମ୍ ଭଲ ସାମରିକ ନେତା ମଧ୍ୟ ଅଛନ୍ତି। ଶନିବାର ଏକ ସାକ୍ଷାତକାର ସମୟରେ, ଏସ. ଜୟଶଙ୍କର କହିଛନ୍ତି, ପାକିସ୍ତାନୀ ସେନାର ବାସ୍ତବତା ସର୍ବଦା ଭାରତ ପାଇଁ ସ୍ପଷ୍ଟ ଏବଂ ଆମର ଅନେକ ସମସ୍ୟା ଏଥିରୁ ଉତ୍ପନ୍ନ ହୋଇଥାଏ। ଭାରତର କୂଟନୀତିକ ଗତିରୋଧ ସମ୍ପର୍କରେ ଜୟଶଙ୍କର କହିଛନ୍ତି, ପାକିସ୍ତାନର ପରିସ୍ଥିତି, ଏହାର ପାର୍ଥକ୍ୟ, ଏହାର କ୍ଷମତା ଏବଂ ଏହାର ପ୍ରତିଷ୍ଠା ଦେଖନ୍ତୁ। ଆମେ ଏଥିରେ ନିଜକୁ ଅତ୍ୟଧିକ ଜଡିତ କରିବା ଉଚିତ୍ ନୁହେଁ। ହଁ, କିଛି ସମସ୍ୟା ଅଛି, ଏବଂ ଆମେ ସେଗୁଡ଼ିକୁ ସମାଧାନ କରିବୁ। ଅପରେସନ୍ ସିନ୍ଦୁର ସମୟରେ ଭାରତର ଭିନ୍ନ ରଣନୀତି ବ୍ୟବହାର ବିଷୟରେ ଜୟଶଙ୍କର କହିଛନ୍ତି, ଆମେ ଯେଉଁ ପ୍ରକାରର ଦେଶ, ଆମକୁ କିଛି ନିୟମ ଏବଂ ମାନଦଣ୍ଡ ପାଳନ କରିବାକୁ ପଡିବ। ସେ କହିଥିଲେ, ମୁଁ ଏହାକୁ ଦୁଇଟି ଉପାୟରେ ଦେଖୁଛି। ଯେପର୍ଯ୍ୟନ୍ତ ଭାରତ ବିଷୟରେ କଥା ଆସୁଛି, ଆମେ କିଛି କାମ କରୁ ଏବଂ କିଛି କରୁନାହୁଁ। ସେଥିପାଇଁ ଆମେ ଭାରତ। ଆମର ନିୟମ ଅଛି, ଆମର ମାନଦଣ୍ଡ ଅଛି। ଯଦି ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ, ତେବେ ଏହି ଦେଶରେ ଆମେ ଜନସାଧାରଣ, ଗଣମାଧ୍ୟମ ଏବଂ ନାଗରିକ ସମାଜ ପ୍ରତି ଉତ୍ତରଦାୟୀ ହେବୁ।

### ଇଭିଏମ୍ ନେଇ ବାପା-ପୁଅ ବିବାଦ

## ଇଭିଏମ୍ ହ୍ୟାକିଂକୁ ବିଶ୍ୱାସ କରେନି: ଓମାର



ନୂଆଦିଲ୍ଲୀ, ୬।୧୨: ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସମ୍ପ୍ରତି ନୂଆଦିଲ୍ଲୀରେ ଆୟୋଜିତ ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ କରିଛନ୍ତି ଯେ, ସେ ଇଭିଏମ୍ ହ୍ୟାକିଂକୁ ବିଶ୍ୱାସ କରନ୍ତି ନାହିଁ, କିମ୍ବା ସେ ବିଶ୍ୱାସ କରନ୍ତି ନାହିଁ ଯେ, ମେସିନରେ କୌଣସି ଚୋରି ହୁଏ। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରସଙ୍ଗରେ ତାଙ୍କର ମତ ତାଙ୍କ ବାପା ଫାରୁକ ଅବଦୁଲ୍ଲାଙ୍କ ଠାରୁ ଭିନ୍ନ ରହିଛି। ଫାରୁକ ବିଶ୍ୱାସ କରନ୍ତି ଯେ ମେସିନରେ ଟ୍ୟାମ୍ପରିଂ ସମ୍ଭବ। ଓମାର କେବଳ ଏତିକି କହିଥିଲେ ଯେ, ଏହି ପ୍ରସଙ୍ଗ ତାଙ୍କ ଘରେ ମଧ୍ୟ ବିତର୍କ ହେଉଛି। ସେ କାର୍ଯ୍ୟକ୍ରମ ମଞ୍ଚରୁ ତାଙ୍କ ବାପାଙ୍କୁ କ୍ଷମା ମାଗି କହିଥିଲେ ଯେ, ବାପା ଏପରି ଏକ ପିଢ଼ିର ଲୋକ ଯେଉଁମାନେ ଫୋନ୍ ମାଧ୍ୟମରେ ପ୍ରାପ୍ତ ପ୍ରତ୍ୟେକ ସୂଚନାକୁ ବିଶ୍ୱାସ କରନ୍ତି। କିନ୍ତୁ ମୁଁ ଏହା ବିଶ୍ୱାସ କରେ ନାହିଁ। ତେବେ ଓମାର ସ୍ୱୀକାର କରିଥିଲେ ଯେ, ନିର୍ବାଚନକୁ ହ୍ୟାକିଂ ମେସିନ ଦ୍ୱାରା ନୁହେଁ, ବରଂ ଅନ୍ୟ ଉପାୟରେ ପ୍ରତାରଣାମୂଳକ ଭାବରେ ପ୍ରଭାବିତ କରାଯାଇପାରିବ। ଜମ୍ମୁ ଏବଂ କଶ୍ମୀରର ଉଦାହରଣ ଦେଇ ସେ କହିଥିଲେ ଯେ, ଭୋଟର ତାଲିକା ପରିବର୍ତ୍ତନ କରି କିମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କରି ସେଠାରେ ଗୋଟିଏ ଦଳକୁ ସମର୍ଥନ କରିବା ପାଇଁ ଚେଷ୍ଟା କରାଯାଇଥିଲା, ଯାହା ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଅନୁକୂଳ ନୁହେଁ। ଭାଷଣ ଦେଇ ଓମାର ଅବଦୁଲ୍ଲା ଖୋଲାଖୋଲି ଭାବରେ ଭାରତୀୟ ଜନତା ପାର୍ଟିର ନିର୍ବାଚନୀ ରଣନୀତିକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆମକୁ ଆମର ବିରୋଧୀଙ୍କ ଶକ୍ତି ଉପରେ ମଧ୍ୟ ନଜର ପକାଇବା ଉଚିତ୍। ବିଜେପି ନେତାମାନେ ପ୍ରତ୍ୟେକ ନିର୍ବାଚନକୁ ପୂର୍ଣ୍ଣ ଶକ୍ତି ସହିତ ଲଢ଼ନ୍ତି। ସତେ ଯେପରି ସେମାନଙ୍କର ସମଗ୍ର ଜୀବନ ସେହି ଗୋଟିଏ ନିର୍ବାଚନ ଉପରେ ନିର୍ଭର କରୁଛି। ସେ ତୁଳନା କରି କହିଛନ୍ତି, ବିହାର ନିର୍ବାଚନ ସମାପ୍ତ ହେବା ମାତ୍ରେ, ବିଜେପି ନେତାମାନେ ଅନ୍ୟ ରାଜ୍ୟରେ ପ୍ରଚାର ପାଇଁ ଧାଇଁ ଯାଉଛନ୍ତି। ଯେତେବେଳେ ଆମେ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ନିର୍ବାଚନର ମାତ୍ର ଦୁଇ ମାସ ପୂର୍ବରୁ ଜାଗ୍ରତ ହୋଇଥାଉ। ଏହା ନିର୍ବାଚନ ଫଳାଫଳରେ ପାର୍ଥକ୍ୟ ପାଇଁ ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି।

### ବେଆଇନ ଅର୍ଥ ମାମଲା

## ରବର୍ଟ ଭଦ୍ରାଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍

ନୂଆଦିଲ୍ଲୀ,୬।୧୨: ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ଲଣ୍ଡନର ପଳାତକ ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରିଙ୍କ ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରବର୍ଟ ଭଦ୍ରାଙ୍କ ବିରୋଧରେ ଦାଖଲ କରାଯାଇଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଉପରେ ଶୁଣାଣି କରିଛନ୍ତି। ଚାର୍ଜସିଟ୍ ସହିତ ଜଡିତ ଅତିରିକ୍ତ କାଗଜପତ୍ର ଦାଖଲ କରିବା ପାଇଁ ଇଡି ସମୟ ମାଗିଥିଲେ। ଏହାକୁ କୋର୍ଟ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର କୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ୨୪ ଜାନୁଆରି ୨୦୨୬କୁ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ଭଦ୍ରାଙ୍କୁ ଅଭିଯୁକ୍ତ ଭାବରେ ଗ୍ରହଣ କରାଯାଇଛି।

### ● ଇଡିକୁ ଅଧିକ ସମୟ ଦେଲେ କୋର୍ଟ

ଏହି ମାମଲା ୨୦୧୬ ମସିହାରେ ଦିଲ୍ଲୀରେ ସଞ୍ଜୟ ଭଣ୍ଡାରିଙ୍କ କିଛି ସମ୍ପତ୍ତି ଉପରେ ଆୟକର ବିଭାଗ ଚଢାଉ ସହିତ ଆରମ୍ଭ ହୋଇଥିଲା। ଭଣ୍ଡାରି ଜଣେ ବିବାଦୀୟ ପ୍ରତିରକ୍ଷା ପରାମର୍ଶଦାତା। ପ୍ରତିରକ୍ଷା ଚୁକ୍ତିରୁ କମିସନ ଗ୍ରହଣ କରି ଅଫଶୋର ସେଲ୍ କମ୍ପାନିଗୁଡ଼ିକ ମାଧ୍ୟମରେ କଳା ଟଙ୍କାକୁ ଧଳା କରିଥିବା ଅଭିଯୋଗ ତାଙ୍କ ଉପରେ ରହିଛି। ଇଡି ତଦନ୍ତ ଅନୁଯାୟୀ, ଭଣ୍ଡାରି ୨୦୦୯ ରୁ ୨୦୧୬ ମଧ୍ୟରେ ୟୁଏଇ-ପଞ୍ଜିକୃତ ସେଲ୍ କମ୍ପାନିଗୁଡ଼ିକ ମାଧ୍ୟମରେ ୟୁକେ ଏବଂ ଦୁବାଇରେ ଥିବା ସମ୍ପତ୍ତିରେ ତାଙ୍କର ବେଆଇନ ଲାଭ ବିନିଯୋଗ କରିଥିଲେ।



ଅଧିକାରୀଙ୍କ ଅନୁଯାୟୀ, ଚଳିତ ବର୍ଷ ଜୁଲାଇରେ ପିଏମଏଲଏ ଅଧୀନରେ ଭଦ୍ରାଙ୍କ ବୟାନ ରେକର୍ଡ କରାଯାଇଥିଲା। ଫେଡେରାଲ ଆଣ୍ଟି-ମନି ଲଣ୍ଡରିଂ ଏଜେନ୍ସି ରବର୍ଟ ଭଦ୍ରାଙ୍କୁ ବିଦେଶୀ ଆର୍ଥିକ କାରବାର ଏବଂ ଭଣ୍ଡାରିଙ୍କ ସହିତ ଜଡିତ ସମ୍ପତ୍ତି ସହିତ ଲିଙ୍କ୍ କରିଥିଲା। ଭଣ୍ଡାରିଙ୍କ ବିରୋଧରେ ପୂର୍ବରୁ ବିଦେଶରେ ଅଘୋଷିତ ସମ୍ପତ୍ତି ରଖିବାର ଅଭିଯୋଗ ରହିଥିଲା। ଭଣ୍ଡାରି ୨୦୧୬ ମସିହାରେ ଭାରତ ଛାଡି ଚାଲିଯାଇଥିଲେ। ଦିଲ୍ଲୀର ଏକ କୋର୍ଟ ତାଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ ଘୋଷଣା କରିଛନ୍ତି। ୨୦୧୬ ମସିହାରେ ଭଣ୍ଡାରିଙ୍କ ଉପରେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯିବା ସହିତ ଇଡି ତଦନ୍ତ ଆରମ୍ଭ ହୋଇଥିଲା। ସେଥିରେ ଭଦ୍ରା ଏବଂ ତାଙ୍କ ସହଯୋଗୀଙ୍କ ସହ ତାଙ୍କର ସମ୍ପର୍କକୁ ସୂଚିତ କରୁଥିବା ଇମେଲ୍ ଏବଂ ଦସ୍ତାବିଜ ସାମ୍ନାକୁ ଆସିଥିଲା। ଇଡି ପୂର୍ବରୁ ଭାରତରେ ଥିବା ଅନେକ ସମ୍ପତ୍ତିକୁ ଆଟାଚ୍ କରିଛି, ଯାହା ଭଦ୍ରା କିମ୍ବା ତାଙ୍କ ସହ ଜଡିତ କମ୍ପାନିଗୁଡ଼ିକ ସହିତ ଜଡିତ ବୋଲି କୁହାଯାଉଛି।

### ୨୬ ବର୍ଷ ପରେ ହଜିଲା ପୁଅ ଘରକୁ ଫେରିଲା

## ଉଜୁଡ଼ା ସଂସାର ସଜାଡ଼ିଲା ଏସ୍‌ଆଇଆର୍



କୋଲକାତା ୬।୧୨: ନିର୍ବାଚନ ଆୟୋଗ ଏବେ ଏସଆଇଆର ଚଳାଇଛନ୍ତି। ଏହା ସାରା ଦେଶରେ ହେବ। ତେବେ ଏହାକୁ ନେଇ ବିବାଦ ଉପୁଜିଛି। କେଉଁଠି ବୁଥ ଲେଭୁଲ ଅଫିସର (ବିଏଲଓ) ଆତ୍ମହତ୍ୟା କରୁଛନ୍ତି ତ ଆଉ କେଉଁଠି ରାଜନୈତିକ ଦଳମାନେ ଭୋଟର ଲିଷ୍ଟରୁ ଲୋକଙ୍କ ନାମ ବାଦ ଦିଆଯାଉଥିବାରୁ ଆନ୍ଦୋଳନ କରୁଛନ୍ତି, ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ତେବେ ଏସଆଇଆରକୁ ସବୁଠୁ ଅଧିକ ବିରୋଧ କରୁଥିବା ପଶ୍ଚିମବଙ୍ଗର ଏକ ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏସଆଇଆର ଯୋଗୁ ୨୬ ବର୍ଷ ହେଲା ନିଖୋଜ ଥିବା ପୁଅକୁ ଫେରି ପାଇଛନ୍ତି ବୃଦ୍ଧ ବାପା-ମା। ପରିବାରକୁ ଫେରିଛି ଖୁସି, ସଜାଡି ହୋଇଯାଇଛି ଉଜୁଡା ସଂସାର।

ଏସଆଇଆରର ଡିଜିଟାଲ ପ୍ରକ୍ରିୟାକରଣରେ ୨୬ ବର୍ଷ ପୁରୁଣା ଏକ ରହସ୍ୟର ସମାଧାନ ହୋଇଯାଇଛି। ହାୱଡାର ଏକ ବୃଦ୍ଧ ଦମ୍ପତି ଯେଉଁମାନେ ଦୀର୍ଘ ଦଶନ୍ଧୀରୁ ନିଜର ପୁଅ ନିଖୋଜ ହେବା ଯୋଗୁ ମାନସିକ ଅଶାନ୍ତିରେ ଥିଲେ ଜଣେ ସ୍ଥାନୀୟ ବୁଥ ଲେଭୁଲ ଅଫିସରଙ୍କ ସାମାନ୍ୟ ଉଦ୍ୟମ ତାଙ୍କ ହଜିଲା ପୁଅକୁ ଖୋଜି ଦେଇଛି। ୪୬ ବର୍ଷ ବୟସ୍କ ପୁଅକୁ ବୋହୂ ଓ ନାତି ସହ ଫେରିପାଇଛନ୍ତି ବୃଦ୍ଧ ଦମ୍ପତି। ହାୱଡାର ଘୋଷ ପାଡା ନିବାସୀ ପ୍ରଶାନ୍ତ ଦତ୍ତ ୨୬ ବର୍ଷ ପୂର୍ବେ ଧାନ ବେପାର କରୁଥିଲେ। ତାଙ୍କର ଏକମାତ୍ର ପୁଅ ତରୁଣ ଦତ୍ତ ବେପାରରେ ବାପାଙ୍କୁ ସହାୟତା କରୁଥିଲା। ଧାନ ବେପାରରେ କ୍ଷତି ଯୋଗୁ ତରୁଣ ଉଧାର କରଜରେ ବୁଡି ଯାଇଥିଲା। ଏଣୁ କରଜଦାତାଙ୍କ ଦ୍ୱାରା ପୀଡ଼ିତ ତରୁଣ ୧୯୯୯ ମସିହାରେ ଘର ଛାଡି କେଉଁଆଡେ ପଳାଇଥିଲେ।

ତରୁଣ ଘରୁ ଯିବା ବେଳେ ତାଙ୍କୁ ୨୦ ବର୍ଷ ବୟସ ହୋଇଥିଲା। ତାଙ୍କ ପିତାମାତା ପ୍ରଶାନ୍ତ ଓ ସନ୍ତ୍ୱନା ପୁଅ ନିଖୋଜ ହେବା ନେଇ ହାୱାଡା ପୁଲିସରେ ଏତଲା ଦେଇଥିଲେ। ଅନେକ ବାର ଥାନାକୁ ଦଉଡାଧାପଡା ବି କରିଥିଲେ ହେଲେ ପୁଅର କୌଣସି ସନ୍ଧାନ ମିଳିନଥିଲା। ପଡୋଶୀ ମାନସ ଚକ୍ରବର୍ତ୍ତି କହିଛନ୍ତି ଯେ, ଗତ କିଛି ବର୍ଷରେ ବୃଦ୍ଧ ଦମ୍ପତି ସେମାନଙ୍କ ଝିଅମାନଙ୍କୁ ବାହା କରାଇଛନ୍ତି, ଜାଗା ଜମି ବିକି ତରୁଣ କରିଥିବା ବାକି କରଜ ସୁଝି ଦେଇଛନ୍ତି। ହେଲେ ତରୁଣର କୌଣସି ଖୋଜ ଖବର ନଥିଲା। ଏଥିରେ ଏସଆଇଆର ପାଇଁ ହାୱଡା ବୁଥ ନମ୍ବର ୨୫୯ର ବିଏଲଓ ତପନ ଧର ଏସଆଇଆର ଫର୍ମ ବାଣ୍ଟିବାକୁ ଦମ୍ପତିଙ୍କ ଘରକୁ ଆସିଥିଲେ। ଏଥିରେ ପ୍ରଶାନ୍ତ ତାଙ୍କ ନିଖୋଜ ପୁଅ ନାମରେ ମଧ୍ୟ ଏକ ଫର୍ମ ପୂରଣ କରି ବିଏଲଓଙ୍କୁ ଦେଇଥିଲେ। ବିଏଲଓ ତପନ ଧର ମ୍ୟାପିଙ୍ଗ ପ୍ରକ୍ରିୟା କାଳରେ ତରୁଣଙ୍କ ସନ୍ଧାନ ପାଇଥିବା ତାଙ୍କ ପିତା ପ୍ରଶାନ୍ତଙ୍କୁ ଜଣାଇଥିଲେ। ତାଙ୍କ ପୁଅ ତରୁଣ ପଶ୍ଚିମ ମେଦିନପୁରର ପିଙ୍ଗଳାସ୍ଥିତ ଦୂଜିପୁର ଗାଁରେ ରହୁଥିବା ପ୍ରଥମରୁ ମ୍ୟାପିଙ୍ଗ ହୋଇଥିବା ପ୍ରଶାନ୍ତଙ୍କୁ କହିଥିଲେ। ଏହା ଛଡା ସେ ବୃଦ୍ଧ ଦମ୍ପତିଙ୍କୁ ସହାୟତା କରିବା ପାଇଁ ତୁରନ୍ତ ତରୁଣ ରହୁଥିବା ଅଞ୍ଚଳର ବିଏଲଓ ରଘୁ ବାବୁଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ। ସେ ପୁଷ୍ଟି କରିଥିଲେ ଯେ ତରୁଣ ସେଠାକାର ଭୋଟର। ତରୁଣ ଏବେ ତାଙ୍କ ପତ୍ନୀ ଓ ପୁଅଙ୍କ ସହ ଦୂଜୀପୁର ଗାଁରେ ରହୁଛନ୍ତି। ଏହି ପୁନର୍ମିଳନ ଯୋଗୁ ବୃଦ୍ଧ ପ୍ରଶାନ୍ତ ଦତ୍ତ ଓ ତାଙ୍କ ପତ୍ନୀ ସାନ୍ତ୍ୱନା ଅପାର ଆଶ୍ୱସ୍ତି ଅନୁଭବ କରିବା ସହିତ ଆନନ୍ଦ ଅନୁଭବ କରୁଛନ୍ତି । ପିତା ପ୍ରଶାନ୍ତ ବିଏଲଓଙ୍କୁ ତାଙ୍କ ପ୍ରୟାସ ପାଇଁ ଧନ୍ୟବାଦ ଦେଇ କହିଛନ୍ତି ଯେ 'ଯଦି ଏସଆଇଆର ପ୍ରକ୍ରିୟା ନ ହୋଇଥାନ୍ତା ତେବେ ଆମ ପୁଅ ଆମକୁ କେବେ ବି ମିଳି ନଥାନ୍ତା'। ଇତି ମଧ୍ୟରେ ପ୍ରଶାନ୍ତ ଦତ୍ତ ଓ ତାଙ୍କ ପତ୍ନୀ ଫୋନ ଯୋଗେ ପୁଅ ଘରକୁ ଫେରି ଆସୁ ବୋଲି କହିଛନ୍ତି।



ତେଲେଙ୍ଗାନାର ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଭକିଟି ଶ୍ରୀହରୀ ମୁଧିରାଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରୁଛନ୍ତି।

# ପିଉସୀଙ୍କ ସହ ବିଜେପିରେ ମିଶିଲେ ସାମଲ ବ୍ରଦର୍ସ

**● ଶତାଧିକ ସମର୍ଥକ ବି ସାମିଲ୍**
**● ସ୍ୱାଗତ କଲେ ରାଜ୍ୟ ସଭାପତି**



ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ): ଭଦ୍ରକ ବିଜେଡିରେ ଆଜି ଭୟଙ୍କର ସ୍ଥିତି ଉପୁଜିଛି। ଦଳର ଅନେକ ପ୍ରମୁଖ ନେତାଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଦଳ ପରିତ୍ୟାଗ କରି ଦିନକୁ ଦିନ କାୟା ବଢ଼ାଉଥିବା ବିଜେପିରେ ସାମିଲ୍ ହୋଇଛନ୍ତି। ଏଥିରେ ବିଜେଡିର ବର୍ଷୀୟାନ୍ ନେତା ପ୍ରଫୁଲ୍ଲ ସାମଲଙ୍କ ତଥା ଭଦ୍ରକ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଉର୍ମିଳା ନାୟକଙ୍କ ସହ ଦୁଇ ପୁଅ ଭଦ୍ରକ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ପ୍ରୟାସକାନ୍ତି ଓ ଭଣ୍ଡାରୀପୋଖରୀ ବ୍ଲକ୍ ଉପାଧ୍ୟକ୍ଷ ପ୍ରଣତିକାନ୍ତି ପ୍ରମୁଖ। ତାଙ୍କ ସହ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଣ୍ଡାରୀପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତି ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ବଦ୍ରି ରାଉତ ମଧ୍ୟ ବିଜେପିରେ ମିଶିଛନ୍ତି। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସ୍ୱାଗତ କରିବା ସହ ବିଜେପି କ୍ରମଶଃ ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ଓ ଆସ୍ଥାଭାଜନ ହେଉଥିବା ବେଳେ ଆଗାମୀ ଦିନରେ ଏହାର ଶକ୍ତି ଆହୁରି ବୃଦ୍ଧି ପାଇବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଗତ ନୂଆପଡ଼ା ଉପନିର୍ବାଚନରେ ଐତିହାସିକ ବିଜୟ ଲାଭ ପରେ ବିଜେପି ପ୍ରତି ଲୋକଙ୍କ ଆକର୍ଷଣ ଆହୁରି ବଢ଼ିବାରେ ଲାଗିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ବିକାଶ ମଡେଲ ସମସ୍ତଙ୍କ ମନରେ ନୂଆ ଆଗ୍ରହ ସୃଷ୍ଟି କରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ସାମଲ କହିଛନ୍ତି। ଏହି ମିଶ୍ରଣ ପର୍ବରେ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ବିଧାୟକ ବାବୁ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ସ୍ମୃତି ପଟ୍ଟନାୟକ, ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ବଦ୍ରିନାରାୟଣ ଧଳ ଉପସ୍ଥିତ ଥିଲେ।

# ଘୁ. ଉଦୟଗିରି ତାପମାତ୍ରା ୫.୬ ଡିଗ୍ରି

ଘୁ.ଉଦୟଗିରି, ୬।୧୨(ସଂଚାର ବ୍ୟୁରୋ) : କିଛି ଦିନର ବ୍ୟବଧାନ ପରେ ପୁଣି ଘୁ.ଉଦୟଗିରି ଅଞ୍ଚଳକୁ ଫେରିଛି ହାଡ଼ଭଙ୍ଗା ଶୀତ। ଗତକାଲି ପାରଦ ୧୦.୪ ଡିଗ୍ରି ଥିବା ବେଳେ ଆଜି ୫.୬ ଡିଗ୍ରି ରେକର୍ଡ କରାଯାଇଛି। ପାରଦ ଖସିବା ସହ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଓଡ଼ିଶାର ସବୁଠାରୁ କମ୍ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଘୁ.ଉଦୟଗିରି ଚିହ୍ନଟ ହୋଇଥିବା ବେଳେ ଡିସେମ୍ବର ମାସ ଆରମ୍ଭରେ ଶୀତ ତାର ପ୍ରକୋପ ଦେଖାଇବା ଆରମ୍ଭ କରିଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ତଳ ମୁହାଁ ହେବା ଆଶଙ୍କା କରିଛି ପାଣିପାଗ ବିଭାଗ। ସଞ୍ଜ ନଇଁଲେ ତାପମାତ୍ରା ଖସିବା ସହ ଶୀତର ପ୍ରକୋପ ବଢି ରାତିରେ ଜାଡ଼ ଆରମ୍ଭ ହୋଇଯାଉଛି। ଓଡ଼ିଶାର ଦାର୍ଜିଲିଂ ଭାବେ ପରିଚିତ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରିର ପାରଦ ତଳ ମୁହାଁ ହୋଇଛି। ପାରତଦ ତଳମୁହାଁ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପୁଣି ଥରେ ଶୀତର ପ୍ରକୋପ ବଢିବାରେ ଲାଗିଛି। ଲଘୁଚାପ, ଘୂର୍ଣ୍ଣିବଳୟ ଯୋଗୁ ବର୍ଷା ଏବଂ ପରବର୍ତ୍ତୀ ସମୟରେ ପାଗ ମେଘୁଆ କାରଣରୁ ଏକ ସପ୍ତାହ ହେଲା ଶୀତ କମିଯାଇ ଥିବା ବେଳେ କାଲି ଠାରୁ ହଠାତ ଅନୁଭୂତ ହୋଇଛି ଶୀତ।

# ଭୁଶୁଡ଼ିଲା ନିର୍ମାଣାଧୀନ ହସ୍ପିଟାଲ ପୋର୍ଟିକ

**● ଗୁରୁତର ୪ ଶ୍ରମିକ ହସ୍ପିଟାଲରେ ଭର୍ତ୍ତି**

ନୟାଗଡ଼,୬।୧୨ (ସଂଚାର ବ୍ୟୁରୋ): ଭୁଶୁଡ଼ି ପଡ଼ିଲା ନିର୍ମାଣାଧୀନ ହସ୍ପିଟାଲର ପୋର୍ଟିକ। ଫଳରେ କାର୍ଯ୍ୟରତ ୪ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହାତମାନଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ କରାଯାଉଛି। ଆହାତମାନେ ହେଲେ ଇଟାମାଟି ଥାନା ଅଞ୍ଚଳର ବୋଲି ଜଣାପଡିଛି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଗଣିଆ ମେଡିକାଲ ପରିସରରେ ନିର୍ମାଣାଧୀନ ଥିବା ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ପୋର୍ଟିକ ଭୁଶୁଡି ପଡିଛି। ଉକ୍ତ ପୋର୍ଟିକର ଛାତ ଆଜି ପଡିଥିବା ବେଳେ ଛାତ ଉପରେ ଛିଡା ହୋଇ କାମ କରୁଥିବା ୪ ଜଣ ଶ୍ରମିକ ଗୁରୁତର ହୋଇ ଗଣିଆ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଶ୍ରମିକ ନୟାଗଡ ଇଟାମାଟି ଥାନା ଅନ୍ତର୍ଗତ ଶରଧାପୁର ପଞ୍ଚାୟତର କାଳିଆ ଜେନା, ଦିଲ୍ଲୀପ ନାୟକ, ରାଜା ପ୍ରଧାନ, କାଳିଆ ପ୍ରଧାନ ବୋଲି ଜଣାପଡିଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ରାଜନେତା ମାନସିକ ଦାରିଦ୍ର୍ୟରୁ ମୁକ୍ତ ହେବା ଦରକାର: ଅରୁଣ



ଭୁବନେଶ୍ୱର,୬।୧୨ (ସଂଚାର ବ୍ୟୁରୋ): ଦେଶ ଓ ରାଜ୍ୟର ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷ, ସଂସ୍ଥା କିମ୍ବା ଦଳ ମାନସିକ ଦାରିଦ୍ର୍ୟରୁ ମୁକ୍ତ ନହେଲେ ସମାଜକୁ ସଠିକ ଦିଗଦର୍ଶନ ଦେଇପାରିବ ନାହିଁ। ବର୍ତ୍ତମାନ ସମୟ ମାନସିକ ଦାରିଦ୍ର୍ୟରୁ ମୁକ୍ତ ହେବାର ପ୍ରକୃଷ୍ଟ ସମୟ ବୋଲି ଡକ୍ଟର ଅରୁଣ ସାହୁ କହିଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିରରେ ସାମାଜିକ ନ୍ୟାୟ ସାମ୍ମୁଖ୍ୟ ଅନୁକୂଲ୍ୟରେ ଅନୁଷ୍ଠିତ ଆମେ କେଉଁଠି-ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାରେ ଯୋଗଦେଇ ସେ ଏହା କହିଥିଲେ। ସେ କହିଥିଲେ ଯେ, ରାଜନୀତି ସବୁ ନିୟନ୍ତ୍ରଣ କରେ। କେତେକ ଭାବନ୍ତି, ରାଜନୀତିରୁ ସେମାନେ ଦୂରରେ। ହେଲେ ରାଜନୀତି ପରୋକ୍ଷ ଓ ପ୍ରତ୍ୟକ୍ଷରେ ସମାଜର ସବୁ ଜିନିଷକୁ ନିୟନ୍ତ୍ରଣ କରିଥାଏ। ତେଣୁ ଜନଗଣ ଅଜ୍ଞାନତା ହିଁ ଭ୍ରଷ୍ଟ ରାଜନେତାଙ୍କ ଶକ୍ତି ହୋଇଛି। ବ୍ୟବସ୍ଥା ଏପରି ହୋଇଗଲାଣି ଭଲ ଲୋକ ଆଉ ନିର୍ବାଚିତ ହୋଇ ପାରୁନାହାନ୍ତି। ସରକାରୀ ଅଫିସର ଚରିତ୍ର ବଦଳିଗଲାଣି। ଯିଏ ଭୋଟ ଦିଏ ସିଏ ଜାଣିନି, ତା' ଭୋଟର ମୂଲ୍ୟ କେତେ। ଅନୁରୂପ ଭାବେ ଯିଏ ଭୋଟ ପାଉଛି ସେ ଜାଣୁନାହିଁ ଭୋଟର ମୂଲ୍ୟ କ'ଣ। ରାଜନୈତିକ ନେତୃତ୍ୱ ଆଜି ଆତ୍ମକୈନ୍ଦ୍ରିକ ହୋଇଯାଇଛି। ଏଥିସହ ସେ ବର୍ତ୍ତମାନର ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଥିଲେ। ଅର୍ଥନୈତିକ ଦିଗ ଉପରେ ଆଲୋଚନା କରି ସେ କହିଥିଲେ ଯେ, ଆମେ ଓଡିଶାବାସୀ ଆଗେଇଛେ। କିନ୍ତୁ ସେତେ ମାତ୍ରାରେ ନୁହେଁ। ଆମ ସମ୍ପଦର ସୁବିନିଯୋଗ କରିପାରିନାହେଁ। ସେଥିପାଇଁ ଆମ ରାଜନୈତିକ ନେତୃତ୍ୱଙ୍କ ଦୂରଦୃଷ୍ଟି ହିଁ ଦାୟୀ। ବିଜୁ ପଟ୍ଟନାୟକଙ୍କ ଆର୍ଥିକ ସ୍ୱାଧୀନତା ଦାବି ଆଜି ଅଧିକ ପ୍ରାସଙ୍ଗିକ ବୋଲି ଅରୁଣ କହିଥିଲେ। କମ୍ ସମୟରେ ଅଧିକ ରୋଜଗାର, ପ୍ରସିଦ୍ଧି ପାଇବାର ଇଚ୍ଛା ଆମକୁ ମାରିଦେଉଛି। ଉଚିତ ପରିଶ୍ରମ-ଉଚିତ ପ୍ରଚେଷ୍ଟା ହିଁ ଦୀର୍ଘମିଆଦୀ ସଫଳତା ଆଣିଦେବ। ଓଡିଶାର ସ୍ଥିତିକୁ ନେଇ ଅରୁଣ କହିଥିଲେ ଯେ, ଯୁବସମାଜ ନିଶାଗ୍ରସ୍ତ, ଜୁଆ ଖେଳୁଛନ୍ତି, କାରଣ ଯୋଗ୍ୟତାଭିତିକ ନିଯୁକ୍ତି ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ହୋଇଚାଲିଛି। ବିଶ୍ୱ ଶିକ୍ଷା ମାନଚିତ୍ରରେ ଆମ ଶିକ୍ଷାନୁଷ୍ଠାନର ସ୍ଥାନ ନଗଣ୍ୟ। ସ୍ୱାଧୀନତା ନାଁରେ ଆଜି ନିଆରା ଢଙ୍ଗରେ ସମସ୍ତେ ପରାଧୀନ ବୋଲି ସେ କହିଥିଲେ।

**■ ସୁପ୍ରିମକୋର୍ଟ ନିର୍ଦ୍ଦେଶ ପରେ ସରକାର ଚେତିଥିଲେ**

# ଶେଷରେ ଘରକୁ ଫେରିଲେ ସୋନାଲି



କୋଲକାତା,୬।୧୨(ସଂଚାର ବ୍ୟୁରୋ): ଦେଶକୁ ଫେରିଲେ ସୋନାଲି ଖାତୁନ୍। ଶୁକ୍ରବାର ସନ୍ଧ୍ୟାରେ ଅନ୍ତସତ୍ତ୍ୱା ସୋନାଲି ଏବଂ ତାଙ୍କର ୮ ବର୍ଷର ନାବାଳକ ସନ୍ତାନ ମାଲଦା ଜିଲ୍ଲାର ଭାରତ-ବାଂଲାଦେଶ ସୀମାରେ ଥିବା ମହଦିପୁର ସୀମା ଦେଇ ଦେଶକୁ ଫେରିଲେ। ତାଙ୍କ ଫେରିବା ସମୟରେ, ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ସୀମାରେ ଥିଲେ। କିନ୍ତୁ ସୋନାଲିଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଫେରି ନ ଥିବାରୁ ମାଲଦା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିପିକା ବର୍ମନ ଏବଂ ସୀମାରେ ଉପସ୍ଥିତ ଅନ୍ୟ ତୃଣମୂଳ ନେତାମାନେ କ୍ରୋଧିତ ହୋଇଥିଲେ। ସେମାନେ ଏ ବିଷୟରେ ବାଂଲାଦେଶରେ କାର୍ଯ୍ୟରତ ଭାରତୀୟ ଡେପୁଟି ହାଇକମିଶନରଙ୍କୁ ପ୍ରଶ୍ନ କରିଛନ୍ତି। ତୃଣମୂଳ ନେତୃତ୍ୱ ଦାବି କରିଛନ୍ତି ଯେ, ବାକି ଲୋକଙ୍କୁ ମଧ୍ୟ ଫେରାଇ ଅଣାଯାଉ। ବୀରଭୂମର ପାଇକର ନିବାସୀ ସୋନାଲି ବିବି ଏବଂ ସ୍ୱିଟି ବିବିଙ୍କ ପରିବାର କାମ ସନ୍ଧାନରେ ଦିଲ୍ଲୀ ଯାଇଥିଲେ। ଅଭିଯୋଗ ଅନୁଯାୟୀ, ବୈଧ ଭାରତୀୟ ନାଗରିକତା କାଗଜପତ୍ର ଥିବା ସତ୍ତ୍ୱେ, ସେମାନଙ୍କୁ ଜୁନ୍ ୧୭ ତାରିଖରେ ଦିଲ୍ଲୀ ପୁଲିସ ଗିରଫ କରିଥିଲା। ସେମାନେ କେବଳ ବଙ୍ଗଳାରେ କଥା କହିବାରୁ ସେମାନଙ୍କୁ ବାଂଲାଦେଶୀ ବୋଲି ସନ୍ଦେହ କରାଯାଇଥିଲା। ସେହି ସନ୍ଦେହକୁ ଆଧାର କରି, ଜୁନ୍ ୨୬ ତାରିଖରେ ଆସାମର ଭାରତ-ବାଂଲାଦେଶ ସୀମାଦେଇ ୬ ଜଣଙ୍କୁ ବାଂଲାଦେଶକୁ 'ପୁଶ୍‌ବ୍ୟାକ' କରାଯାଇଥିଲା। ସେତେବେଳେ ସୋନାଲି ଗର୍ଭବତୀ ଥିଲେ। ବାଂଲାଦେଶକୁ ଫେରାଇ ଦିଆଯିବା ପରେ, ଦୀର୍ଘଦିନ ଧରି ବାଂଲାଦେଶ ଜେଲରେ ଥିଲେ। କାରଣ, ବାଂଲାଦେଶର ଚାପାଇ ନବାବଗଞ୍ଜର ପୁଲିସ ସେମାନଙ୍କୁ ଅନୁପ୍ରବେଶକାରୀ ଭାବରେ ଗିରଫକରି ମାମଲା ରୁଜୁ କରିଥିଲା। ସେମାନେ ୧୦୦ରୁ ଅଧିକ ଦିନ ଧରି ସ୍ଥାନୀୟ ସୁଧାରଗୃହରେ ବନ୍ଦୀ ଥିଲେ। ପରେ, ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୋନାଲିଙ୍କ ପରିବାର ଦାବି କରିଥିଲେ ଯେ, ସୋନାଲି ଭାରତୀୟ। ସବୁକିଛି ଶୁଣିବା ପରେ, କୋର୍ଟ କେନ୍ଦ୍ରସରକାରଙ୍କୁ ସୋନାଲିଙ୍କ ଦେଶକୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏକ ଲମ୍ବା ଆଇନଗତ ପ୍ରକ୍ରିୟା ପରେ ବାଂଲାଦେଶ ସରକାର ସୋନାଲିଙ୍କୁ ଭାରତକୁ ହସ୍ତାନ୍ତର କରିଛି।

# ଝାଲିଆବେଢ଼ା ଜଙ୍ଗଲରେ ୫୦ ଟିକିଆ ହାତୀ ପଲ

ଚମ୍ପୁଆ, ୬।୧୨(ସଂଚାର ବ୍ୟୁରୋ): କିଛି ସପ୍ତାହର ବ୍ୟବଧାନ ପରେ ପୁଣି ଚମ୍ପୁଆ ଅଂଚଳକୁ ଫେରିଛନ୍ତି ହାତୀପଲ। ଗତ ରାତି ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ପଂଚାୟତ ଝାଲିଆବେଢ଼ା ଜଙ୍ଗଲରେ ୫୦ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି। ଗତମାସ ପାଟଣା ରେଞ୍ଜ ମଧ୍ୟ ଦେଇ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ସେକ୍ସନକୁ ଚାଲି ଯାଇଥିବା ୨୮ ଟିକିଆ ହାତୀପଲ ଗତରାତି ପୁଣି ବୈତରଣୀ ନଦୀ ପାର ହେଇ ପଦ୍ମପୁର ଗାଁ ମଧ୍ୟ ଦେଇ ଚମ୍ପୁଆ ରେଞ୍ଜର ଝାଲିଆବେଢ଼ା ଗାଁ ଜଂଗଲରେ ପ୍ରବେଶ କରିଥିବାବେଳେ ବାଲିବନ୍ଧ ସେକ୍ସନରୁ ୨୨ ଟିକିଆ ହାତୀପଲ ଉଖୁଣ୍ଡା ସେକ୍ସନ ମଧ୍ୟ ଦେଇ ଏହି ଜଂଗଲରେ ପ୍ରବେଶ କରିଛନ୍ତି। ହାତୀପଲ ଝାଲିଆ ବେଡା ଜଂଗଲରେ ଏକାଠି ହେଇଥିବା ବନ ବିଭାଗ ସୂଚନା ଦେଇଛି।



୯ ତାରିଖର ବାରବାଟୀ ଟି-୨୦ ପାଇଁ ଭୁବନେଶ୍ୱରରେ ପହଞ୍ଚିଛନ୍ତି ଟିମ୍ ଇଣ୍ଡିଆ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟା

# ମମତାଙ୍କ ଅହଂକାର ଭାଙ୍ଗିବି: ହୁମାୟୁନ

କୋଲକାତା,୬।୧୨(ସଂଚାର ବ୍ୟୁରୋ): ୧୫ ବର୍ଷ ମଧ୍ୟରେ ସଂଖ୍ୟାଲଘୁମାନେ କ'ଣ ହାସଲ କରିଛନ୍ତି? ବାବ୍ରୀ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ହୁମାୟୁନ୍ କବୀର ଏହି ପ୍ରଶ୍ନ ଉଠାଇଲେ। ତାଙ୍କର ଦାବି ବଙ୍ଗଳାରେ ୩୭ ପ୍ରତିଶତ ସଂଖ୍ୟାଲଘୁ ଅଛନ୍ତି। ମମତା ସେମାନଙ୍କ ଭୋଟର ସଂଖ୍ୟାଗରିଷ୍ଠତା ପାଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେଥିରେ ସେ ବହୁତ ଅହଂକାରୀ ହୋଇଛନ୍ତି ବୋଲି ହୁମାୟୁନ୍ ମନ୍ତବ୍ୟ ଦେଇଛନ୍ତି। ହୁମାୟୁନ୍ କହିଛନ୍ତି, 'ମୁଁ ବିଧାନସଭା ଯିବି'। ଆବଶ୍ୟକ ହେଲେ ମୁଁ ବିରୋଧୀ ଆସନରେ ବସିବି। ମୁଁ ସରକାରଙ୍କଠାରୁ ସଂଖ୍ୟାଲଘୁଙ୍କ ବିକାଶ ଦାବି କରିବି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆକାଉଣ୍ଟାଣ୍ଟ୍‌ଙ୍କୁ...

ସକାଶେ ଉଦ୍ଦିଷ୍ଟ କୋଡ୍ ଦେବା ସକାଶେ ବାରମ୍ବାର ନିବେଦନ କରିଆସୁଥିଲେ। କିନ୍ତୁ ଶ୍ରୀ ବେହେରା ଏଥିପ୍ରତି ଦୃଷ୍ଟି ଦେଉନଥିଲେ। ଜାଣିଶୁଣି ସେ ଉକ୍ତ ହିତାଧିକାରୀଙ୍କୁ ପାଖାପାଖି ମାସେ ଧରି ହଇରାଣ ହରକତ କରିଆସୁଥିଲେ। ଶେଷରେ ସେ ଉକ୍ତ କୃଷକଙ୍କଠାରୁ ଏ ବାବଦରେ ଅଢ଼େଇ ହଜାର ଟଙ୍କାର ଲାଞ୍ଚ ଦାବି କରିଥିଲେ। କିନ୍ତୁ ଏହି ଟଙ୍କା ଦେବା ସକାଶେ ଅସମର୍ଥ ଥିବାରୁ କୃଷକ ଜଣଙ୍କ ଏନେଇ ଭିଜିଲାନ୍ସ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ। ଆଜି ପୂର୍ବ ଯୋଜନା ଅନୁସାରେ, ସମ୍ପୃକ୍ତ କୃଷକ ଜଣଙ୍କ ଶ୍ରୀ ବେହେରାଙ୍କୁ ଲାଞ୍ଚ ବାବଦରେ ଅଢ଼େଇ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଭିଜିଲାନ୍ସ କର୍ମଚାରୀମାନେ ଶ୍ରୀ ବେହେରାଙ୍କୁ ମାଡ଼ ବସିଥିଲେ। ଏଥିସହ ଭିଜିଲାନ୍ସ କର୍ମଚାରୀମାନେ ଅଭିଯୁକ୍ତ ଶ୍ରୀ ବେହେରାଙ୍କଠାରୁ ଲାଞ୍ଚ ଟଙ୍କା ମଧ୍ୟ ଉଦ୍ଧାର କରିଥିଲେ। ଏନେଇ ଗତକାଲି ବାଲେଶ୍ୱର ଭିଜିଲାନ୍ସରେ ୧୮/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ପରେ ଶ୍ରୀ ବେହେରାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସେହିପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଶ୍ରୀ ବେହେରାଙ୍କ ସହ ଜଡ଼ିତ ତାଙ୍କ କାର୍ଯ୍ୟାଳୟ ସହ ଖୁଣ୍ଟା ଥାନା ଅନ୍ତର୍ଗତ ନିଜସ୍ୱ ଗ୍ରାମ ଗଦାଧର କୁମାରୀପୁରରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି ।

## ଇଣ୍ଡିଗୋ...

ସମୟରେ ଏୟାର ଲାଇନ୍ସ କମ୍ପାନୀ ଯେଉଁ ପରି ଅନୁଚିତ ଲାଭ କରୁଛନ୍ତି ସେଥି ପାଇଁ କିଛି ଗାଇଡଲାଇନ ଆସିପାରେ। କୋଭିଡ ସମୟରେ ସରକାର ଭଡ଼ା ନିର୍ଦ୍ଧାରଣ କରିଦେଇଥିଲେ, ଏବେ ମଧ୍ୟ ସରକାର ଭଡ଼ା ନିର୍ଦ୍ଧାରଣ କରିଛନ୍ତି। ଏହା ଛଡା ବଡ଼ ପର୍ବପର୍ବାଣୀ କାଳରେ ଏୟାରଲାଇନ୍ସର ପାଇଁ କିଛି ନିୟମ କରାଯାଇପାରେ। ତେବେ ତଦାରଖ ପ୍ରଣାଳୀକୁ ମଜଭୁତ କଲେ ଏହା ହୋଇ ପାରିବ। ତଦାରଖ ବ୍ୟବସ୍ଥାକୁ ନିୟମିତ କରିବା ଓ ଉଚ୍ଚସ୍ତରରେ ଏହାର ରିପୋର୍ଟିଂ କରିବାକୁ ଡିଜିସିଏଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପୁଜିଥିବା ପରିସ୍ଥିତି ସ୍ୱାଭାବିକ ହେବା ପରେ ଡିଜିସିଏ ଆଗାମୀ ଦିନମାନଙ୍କରେ କୁହୁଡ଼ି କାରଣରୁ ପ୍ରଭାବିତ ହେବାକୁ ଥିବା ଉଡାଣ ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି।

## ଯୁବପିଢ଼ି...

କେନ୍ଦ୍ରଗୁଡ଼ିକରେ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ, ଔଷଧ ଓ ମାନସିକ ସାମାଜିକ ସହାୟତା ଯୋଗାଇ ଦିଆଯାଏ। ଆବଶ୍ୟକ ହେଲେ ରୋଗୀମାନଙ୍କୁ ଜିଲ୍ଲା ସ୍ତରରେ ୧୦ ଶଯ୍ୟା ବିଶିଷ୍ଟ ୱାର୍ଡରେ ମଧ୍ୟ ଭର୍ତ୍ତି କରାଯାଇପାରିବ ବୋଲି ଉକ୍ତ ଉତ୍ତରରେ ସ୍ପଷ୍ଟ କରାଯାଇଛି।

## ଖୋଜା...

ବିଭିନ୍ନ ସ୍ତରରେ ଆଲୋଚନା ଚାଲିଥିବା ବେଳେ ଏଥିରେ କିଛି ଅବସରପ୍ରାପ୍ତ ଆଇପିଏସ୍ ଅଫିସର ପ୍ରମୁଖ ଭୂମିକା ନିର୍ବାହ କରୁଥିବା କୁହାଯାଉଛି। ଉଲ୍ଲେଖନୀୟ ଯେ ସରକାର ଗଠନ ପରେ ଆଇପିଏସ୍ ସ୍ତରରେ ସେଭଳି ବଡ଼ ଧରଣର ପରିବର୍ତ୍ତନ ହୋଇନାହିଁ। ମଝିରେ ମଝିରେ ଆବଶ୍ୟକତାକୁ ଦେଖି ସରକାର ତଳିଆ ବାବୁମାନଙ୍କୁ ବଦଳି କରିଦେଉଛନ୍ତି। ଏବେ କିନ୍ତୁ ନେଡ଼ି ଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ଉପର ସ୍ତରର ଖାକିବାବୁମାନଙ୍କୁ ବଦଳି କରିବା ସହ ନିଜର ବିଶ୍ୱସ୍ତ ଅଫିସରଙ୍କୁ ଠିକଣା ସ୍ଥାନରେ ବସାଇବା ପାଇଁ କସରତ ଆରମ୍ଭ ହୋଇଯାଇଛି।

## ୩୮ ଏସ୍ଏଚ୍‌ଜି...

ପରିଡ଼ା କହିଛନ୍ତି।

ସୂଚନାଯୋଗ୍ୟ ଯେ ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ରାମଗିରି ଗ୍ରାମରେ ନିମ୍ନ ମାନର ଛତୁଆ ଖାଇ ୨ ଭଉଣୀ ମୃତ୍ୟୁବରଣ କରିଥିଲେ। ସେମାନେ ଛତୁଆ ଭାବେ ଦିଆଯାଇଥିବା ଖାଦ୍ୟକୁ ଖାଇଥିବା ବେଳେ ତାହା ଅଟା ଓ ବେସନର ମିଶ୍ରଣ ଥିଲା ବୋଲି ସ୍ଥାନୀୟ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ।

## ଭାରତର...

କକ ଓ ଟେମ୍ବା ବାଭୁମା ଲଢୁଆ ବ୍ୟାଟିଂ କରି ସ୍ଥିତିକୁ ସମ୍ଭାଳିଥିଲେ। ବାଭୁମା ୪୮ ରନ କରି ଆଉଟ ହୋଇଥିବା ବେଳେ ଡି କକ୍ ନିଜର ବ୍ୟାଟିଂ ଜାରି ରଖି ଶତକ ପୂରଣ କରିଥିଲେ। ସେ ୧୦୬ ରନର ଏକ ଆକର୍ଷଣୀୟ ପାଳି ଖେଳିଥିଲେ। ସେହିପରି ମାଥ୍ୟୁ ବ୍ରିଜକେ ୨୪ ରନ କରିଥିବା ବେଳେ ଡି ବ୍ରେଭିସ ୨୯ ରନ କରିଥିଲେ। ତେବେ ଦଳର ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଦଳ ୨୭୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ କୁଳଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ୪ଟି ଲେଖାଏଁ ୱିକେଟ ନେଇଥିଲେ। ବିରାଟ କୋହଲିଙ୍କୁ ମ୍ୟାନ ଅଫ ଦ ସିରିଜ ଘୋଷଣା କରାଯାଇଥିବା ବେଳେ ଦିନିକିଆରେ ପ୍ରଥମ ଶତକ ହାସଲ କରିଥିବା ଯଶସ୍ୱୀ ଜୟସ୍ୱାଲଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା।

## ଜାନୁଆରୀ...

ଲଗ୍ ଇନ୍ କରି ସେମାନଙ୍କ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ପରୀକ୍ଷା ସମ୍ବନ୍ଧୀୟ ଅଧିକ ଅପଡେଟ୍ ପାଇଁ ନିୟମିତ ଭାବେ ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିବାକୁ ପ୍ରାର୍ଥୀମାନଙ୍କୁ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ବିଏସ୍‌ଇ ଓଡ଼ିଶା ପକ୍ଷରୁ ଆକାଂକ୍ଷୀ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ଓଏସ୍ଏସ୍‌ଟିଇଟି ପରିଚାଳିତ ହୋଇଆସୁଥିବା ବେଳେ ଏହାଦ୍ୱାରା ଶିକ୍ଷକମାନେ କଳା, ବିଜ୍ଞାନ, ହିନ୍ଦୀ, ଶାସ୍ତ୍ରୀୟ ଏବଂ ଶାରୀରିକ ଶିକ୍ଷାର ବିଭିନ୍ନ ବିଷୟ ପଢ଼ାଇବା ପାଇଁ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରମାଣିତ ହୋଇଥାଏ।

## ୨୦୩୬ ସୁଦ୍ଧା...

ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନ ଥିଲା। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ଘଟୁଥିଲା। ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା। କିନ୍ତୁ ଗତ ଏକ ଦଶନ୍ଧିରେ ଏସବୁରେ ଯଥେଷ୍ଟ ଉନ୍ନତି ଆସିଛି ଓ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ତଥା ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇଛି। ଯେକୌଣସି ଦେଶ, ରାଜ୍ୟ କିମ୍ବା ସମାଜର ନିରନ୍ତର ବିକାଶ ପାଇଁ ପର୍ଯ୍ୟାପ୍ତ ଶକ୍ତି ଆବଶ୍ୟକ। ବିଦ୍ୟୁତ୍ ଉତ୍ପାଦ ସହ ବିଦ୍ୟୁତ୍ ଆବଣ୍ଟନ ପାଇଁ ଭିତ୍ତିଭୂମି ଗଠନ ମଧ୍ୟ ଆବଶ୍ୟକ। ସଂପ୍ରତି ତାପଜ ଉତ୍ସରୁ ଭାରତର ବିଦ୍ୟୁତ୍ ଉତ୍ପାଦନ ମାତ୍ର ୫୧ ପ୍ରତିଶତ। ଏହା କିଛି ଦିନ ମଧ୍ୟରେ ଆହୁରି ହ୍ରାସ ପାଇବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସ୍ଥାୟୀ ଭାବେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟ ସରକାର ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଏମିସନ ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଓଡ଼ିଶାର ଶିଳ୍ପ ନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନବୀକରଣୀୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଯୋଗଦେଇ ନବୀକରଣୀୟ ଶକ୍ତିରେ ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେ ରାଜ୍ୟ ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ମଧ୍ୟ ଅନୁମୋଦନ ହୋଇଥିବା ନେଇ ସୂଚନା ଦେଇଛନ୍ତି। ଫଳରେ ରାଜ୍ୟର ପ୍ରାୟ ୮ ଲକ୍ଷ ଲୋକ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱରେ ଦେଶର ସୌରଶକ୍ତି କ୍ଷମତା ୨୦୧୪ର ୨.୮ ଗିଗାୱାଟ ତୁଳନାରେ ଏବେ ୧୩୦ ଗିଗାୱାଟରେ ପହଞ୍ଚିଛି। ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ଯୋଶୀ କହିଛନ୍ତି। ଏଥିସହ କାର୍ଯ୍ୟକ୍ରମରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଆଭାସୀ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରିବା ସହ ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ କୋଣାର୍କ ସୂର୍ଯ୍ୟ ମନ୍ଦିର ଶକ୍ତି ସହ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶବିଶେଷ ହୋଇଆସିଛି ବୋଲି ମନେ ପକାଇ ଦେଉଛି। ୨୦୩୦ ସୁଦ୍ଧା ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ସେତେବେଳକୁ ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବା ସକାଶେ ଉଦ୍ୟମ ଆରମ୍ଭ କରିଛୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଦିଲ୍ଲୀ ଶକ୍ତି ମନ୍ତ୍ରୀ ଆଶିଷ ସୁଦ, ରାଜସ୍ଥାନ ଶକ୍ତି ମନ୍ତ୍ରୀ ହୀରା ଲାଲ ନାଗର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେସନ୍ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ।

## ଡାକ୍ତରୀ...

ଯୋଜନାବଦ୍ଧ, ରଣନୈତିକ ଓ କ୍ଲଷ୍ଟର-ଗଠନର ରୋଡମ୍ୟାପ୍ ପ୍ରସ୍ତୁତ କରିବ। ଏହା ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡ଼ିଶା ୨୦୩୬ ଦୃଷ୍ଟିକୋଣ ଏବଂ ବିକଶିତ ଭାରତ ୨୦୪୭ ଗଠନରେ ସହାୟକ ହେବ। ଏହି ନୀତିରେ ଆବଶ୍ୟକୀୟ ଶିଳ୍ପ ଭିତ୍ତିଭୂମିର ସୁଯୋଗ ସୃଷ୍ଟି କରିବାକୁ ଓଡ଼ିଶା ଫାର୍ମା ପାର୍କ ଓ ଓଡ଼ିଶା ମେଡଟେକ୍ ପାର୍କର ପରିକଳ୍ପନା କରାଯାଇଛି। ଓଡ଼ିଶା ଔଷଧ ବିକାଶ ସେଲ (ଓପିଡିସି) କ୍ଷେତ୍ରୀୟ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିବ। ଇପିକଲ ଓ ଇଡ୍‌କୋ ସ୍ୱଚ୍ଛ, ସମୟ ସୀମାବଦ୍ଧ ସୁବିଧା ଏବଂ ଆର୍ଥିକ ପରିଚାଳନାକୁ ସୁଲଭ କରିବ। ମତ୍ସ୍ୟ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଏବଂ ମତ୍ସ୍ୟ କ୍ଷେତ୍ରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟକାରିତା ପାଇଁ ସାମାଜିକ ଦାୟିତ୍ୱ ନ୍ୟସ୍ତ ଥିବା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ବର୍ଦ୍ଧିତ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଓଡ଼ିଶା ମତ୍ସ୍ୟ ସେବା (ଓଏଫଏସ) କ୍ୟାଡରରେ ପୁନଃଗଠନକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଦ୍ୱାରା ବରିଷ୍ଠ ସ୍ତରରେ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ବୃଦ୍ଧି ହେବା ଏବେ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୨ରୁ ୪କୁ, ମିଳିତ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୩ରୁ ୧୯କୁ ଏବଂ ଉପ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୧୮ରୁ ୧୧୯କୁ ବୃଦ୍ଧି ହେବ। ସେହିଭଳି ଲେଭଲ୍-୧୨ରେ ଏକ ନୂଆ ପଦବୀ, ବ୍ଲକ୍ ମତ୍ସ୍ୟ ଅଧିକାରୀ ବା ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ସୃଷ୍ଟି କରାଯାଇଛି, ଯାହାର ମୋଟ ପଦବୀ ସଂଖ୍ୟା ୧୯୫ ହେବ।

ସେହିଭଳି ସୁପ୍ରିମକୋର୍ଟଙ୍କ ଗତ ମେ' ୨୦ର ଆଦେଶ ପାଳନ ପାଇଁ ରାଜ୍ୟ ସରକାର ଓଡ଼ିଶା ସୁପରିଅର ଜୁଡିସିଆଲ୍ ସର୍ଭିସ୍ ଓ ଓଡ଼ିଶା ଜୁଡିସିଆଲ୍ ସର୍ଭିସ୍-୨୦୦୭ ନିୟମାବଳୀରେ ସଂଶୋଧନ ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରମୁଖ ପରିବର୍ତ୍ତନ ମଧ୍ୟରେ ନିଯୁକ୍ତି ବର୍ଷ ପ୍ରଚଳନ, ସଂଶୋଧିତ ଜିଲ୍ଲା ଜଜ୍ ନିଯୁକ୍ତିର ଅନୁପାତ, ସିଭିଲ୍ ଜଜ୍ (ବରିଷ୍ଠ ବିଭାଗ) ପାଇଁ ପଦୋନ୍ନତି ଓ ସିଭିଲ ଜଜ (ଜନିଷ୍ଠ ବିଭାଗ) ପଦ ପାଇଁ ୩ ବର୍ଷ ଅଭ୍ୟାସ ସହ ସିଧାସଳଖ ନିଯୁକ୍ତି ପାଇଁ ଉପର ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହ ପାଠ୍ୟକ୍ରମ, ପରୀକ୍ଷା, ତାଲିମ ଓ ବରିଷ୍ଠତା ପ୍ରକ୍ରିୟାକୁ ମଧ୍ୟ ସହଜ କରାଯାଇଛି । ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାକୁ ମଧ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି। ଏହି ଯୋଜନା ରାଜ୍ୟର ରେଶମ ଶିଳ୍ପକୁ ଅଧିକ ସଶକ୍ତ ଏବଂ ସମ୍ପ୍ରସାରିତ କରିବା, ଭିତ୍ତିଭୂମି ବୃଦ୍ଧି କରିବା, ଦକ୍ଷତା ବିକାଶ ତଥା ବୈଷୟିକ ଜ୍ଞାନ କୌଶଳର ପ୍ରସାର କରିବା ପାଇଁ ଉଦ୍ଦିଷ୍ଟ। ଏହି ଯୋଜନା ଜରିଆରେ ରେଶମ କୀଟର ବିହନ ପ୍ରସ୍ତୁତି, ରେଶମ ପ୍ରଜାତିର ସଂରକ୍ଷଣ ସହ ନୈତିକ ଉପାୟରେ କରୁଣା ରେଶମର ଉତ୍ପାଦନ କରିବାକୁ ଗୁରୁତ୍ୱ ଦିଆଯିବ। ରେଶମ ଚାଷୀମାନଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ, କାର୍ଯ୍ୟକାରୀ ମୂଳଧନ ସହାୟତା ପ୍ରଦାନ ଏବଂ ସମବାୟ ସମିତି ଜରିଆରେ ରେଶମ ଉତ୍ପାଦର ବଜାରକରଣ କରି ସେମାନଙ୍କୁ ଉଚିତ ମୂଲ୍ୟ ଯୋଗାଇବା ପାଇଁ ସଠିକ ବାତାବରଣ ସୃଷ୍ଟି କରାଯିବ। ଏଥିସହ ଅଭାବୀ ବିକ୍ରିରୁ ଚାଷୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଏହି ଯୋଜନ ସହାୟକ ହେବ। ଏହି ଯୋଜନା ମାଧ୍ୟମରେ ସରକାର ଆଗାମ ୫ ବର୍ଷରେ ବର୍ଷ ସମୁଦାୟ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ବୟନ ଶିଳ୍ପର ଅନୁକୂଳ ପରିସ୍ଥିତିକୁ ସୁଦୃଢ଼ କରିବା ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ କ୍ୟାବିନେଟ ୪୯୦ କୋଟି ବ୍ୟୟ ଅଟକଳ ସହ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି ନୂତନ ନିବେଶକୁ ଆକର୍ଷିତ କରିବା, ଉତ୍ପାଦକତାକୁ ବୃଦ୍ଧି କରିବା, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସଶକ୍ତ କରିବା ଓ ରାଜ୍ୟରେ ଏକ ପ୍ରତିଯୋଗିତାମୂଳକ ବୟନ ଶୃଙ୍ଖଳା କରିବା। ଏଥିସହ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକ ପ୍ରକାରର ସଂରକ୍ଷଣ ପଦ୍ଧତିକୁ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବରେ ବିଚାର କରିବାକୁ ପ୍ରସ୍ତାବ ନିଆଯାଇଛି। ଏହାଦ୍ୱାରା ବର୍ତ୍ତମାନ ଚାଲୁଥିବା ବିଭାଗଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରାଯାଇପାରିବ। ପ୍ରତ୍ୟେକ କ୍ୟାଡର ନିମନ୍ତେ ପୋଷ୍ଟ-ଆଧାରିତ ରୋଷ୍ଟର୍ ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ସଂରକ୍ଷଣ ନୀତି ସମସ୍ତ ବିଶ୍ୱବିଦ୍ୟାଳୟରେ ସମାନ ଭାବେ କାର୍ଯ୍ୟକାରୀ ହେବ ଏବଂ ନିଯୁକ୍ତି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସହଜ ହେବ।

# ଗୀତାପାଠ ଭିଡ଼ ଲାଗି ୨୦ ସ୍ୱତନ୍ତ୍ର ଟ୍ରେନ

କୋଲକାତା,୬।୧୨(ସଂଚାର ବ୍ୟୁରୋ): ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଆଗାମୀ ୭ ଡିସେମ୍ବରରେ 'ପଞ୍ଚ ଲକ୍ଷ କଣ୍ଠ'ରେ ଗୀତାପାଠ ଆୟୋଜନ କରାଯିବ। ଏହାର ଆୟୋଜକ ସଂଗଠନ ହେଉଛି 'ସନାତନ ସଂସ୍କୃତି ସଂସଦ'। ୨୦୨୩ ମସିହାରେ ମଧ୍ୟ 'ଏକ ଲକ୍ଷ କଣ୍ଠ ଗୀତାପାଠ' ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ବ୍ରିଗେଡରେ ବହୁ ସଂଖ୍ୟକ ଲୋକ ଏକତ୍ରିତ ହୋଇପାରନ୍ତି। ତେଣୁ, ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୂର୍ବ ରେଳବାଇ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ଶୁକ୍ରବାର ଏକ ବିଜ୍ଞପ୍ତିରେ, ରେଳବାଇ ଜଣାଇଛି ଯେ, କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ସନାତନ ସଂସ୍କୃତି ସଂସଦ ଦ୍ୱାରା ଆୟୋଜିତ ଗୀତା ପାଠ କାର୍ଯ୍ୟକ୍ରମ ଅବସରରେ ବହୁ ସଂଖ୍ୟକ ଆଶାୟୀ ଭକ୍ତଙ୍କ ଯାତାୟାତକୁ ସୁଗମ କରିବା ପାଇଁ, ୭ ଡିସେମ୍ବରରେ ପୂର୍ବ ରେଳବାଇର ଶିଆଲଦା ଏବଂ ହାଓଡା ଶାଖାରେ ୨୦ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

ଜୟପୁର, ୬।୧୨(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନାରେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ପରେ ପ୍ରତାରଣା ମାମଲାରେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକ ବି.ସିଙ୍ଗପୁର ଥାନା ସେମଲା ଗ୍ରାମର ଗେଷ ଭତ୍ରା(୨୪)। ମହିଳା ଥାନା ପୁଲିସ ସୂଚନା ଅନୁଯାୟୀ, ଗତ କିଛି ମାସ ହେଲାଣି ସ୍ଥାନୀୟ ଅଂଚଳର ଜଣେ ଯୁବତୀଙ୍କ ସହିତ ବିବାହ ପ୍ରତିଶ୍ରୁତି ଦେଇ ଦୈହିକ ସମ୍ପର୍କ ରଖି ଆସୁଥିଲେ। ଏହିପରି ଉକ୍ତ ଯୁବତୀ ଜଣକ ବିବାହ କରିବାକୁ ଜିଦ୍ କରିବାରୁ ଯୁବକ ମନା କରିଦେଇଥିଲେ। ଏଥିନେଇ ଯୁବତୀ ଜଣକ ୧୭ ବର୍ଷର ନାବାଳିକା ଭାବେ ଏତଲା ଦେଇଥିଲେ। ଏତଲାକୁ ଭିତି କରାଯାଇ ପୋକ୍ସ ମାମଲା ଓ ପ୍ରତାରଣା ମାମଲା ରୁଜୁ ହୋଇଥିଲା। କିନ୍ତୁ ତଦନ୍ତକାରୀ ଅଧିକାରୀ ଏସ.ଆଇ. ନବୀନ ଚନ୍ଦ୍ର ଚୌଧୁରୀ ତଦନ୍ତ ବେଳେ ଯୁବତୀ ଜଣକ ୧୯ ବର୍ଷ ବୋଲି ଜଣାପଡିବାରୁ ଏହି ପ୍ରତାରଣା ଦଫା ନେଇ ମାମଲା ରୁଜୁ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯଇଛି ବୋଲି ଥାନା ଅଧିକାରୀ ଆଶ୍ରିତା ଲାକ୍ରା ସୂଚୁନା ଦେଇଛନ୍ତି।

# ଟି-୨୦ କ୍ରିକେଟ୍ ମ୍ୟାଚ୍ ପାଇଁ ସ୍ୱତନ୍ତ୍ର ଆମ ବସ୍

ଭୁବନେଶ୍ୱର, ୬।୧୨ (ସଂଚାର ବ୍ୟୁରୋ): ଡିସେମ୍ବର ୯ ତାରିଖରେ କଟକର ବାରବାଟୀ ଷ୍ଟାଡ଼ିୟମ୍ ରେ ହେବାକୁ ଯାଉଛି ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍। କ୍ରିକେଟ୍ ମ୍ୟାଚ୍ ପାଇଁ ଉତ୍ସାହକୁ ଲକ୍ଷ୍ୟ କରି କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବା ଚଳାଚଳ ହେବ। ଏକାଧିକ ସ୍ଥାନରୁ ଚଳାଚଳ ହେବାକୁ ଥିବା ଏହି ସଟଲ୍ ବସ୍ ସେବା ନିର୍ଦ୍ଦିଷ୍ଟ ସ୍ଥାନରୁ ଆରମ୍ଭ ହୋଇ କଟକ ବାରବାଟୀ ଷ୍ଟାଡ଼ିୟମ ଯାଏଁ ଗଡ଼ିବ। କଟକ ରେଳ ଷ୍ଟେସନରୁ ସିଏନ୍ ବିଟି ଏବଂ ବାରବାଟୀ ଷ୍ଟାଡ଼ିୟମ ଅଞ୍ଚଳରେ ଜନଗହଳିର ବାସ୍ତବ ପରିସ୍ଥିତିକୁ ଆଧାର କରି ବସ୍ ଚଳାଚଳର ବ୍ୟବସ୍ଥା ହେବ। ମ୍ୟାଚ୍ ପୂର୍ବରୁ ଅପରାହ୍ନ ୪ଟାରେ କଟକ ରେଳ ଷ୍ଟେସନ୍‌ରୁ ସଟଲ୍ ସେବା ଆରମ୍ଭ ହେବ। ମ୍ୟାଚ୍ ଶେଷ ପରେ, ଟ୍ରାଫିକ୍ ପ୍ରବାହକୁ ଧ୍ୟାନରେ ରଖି ବାରବାଟୀ ଷ୍ଟାଡିୟମ୍‌ରୁ ସଟଲ୍ ବସ୍ ସେବା ଜାରି ରହିବ। ବାରବାଟୀ ଷ୍ଟାଡିୟମ୍ ରୁ କଟକ ରେଳଷ୍ଟେସନ୍ କୁ ଯିବା ପାଇଁ ପ୍ରାଥମିକ ସଟଲ୍ ରୁଟ୍ ହେଉଛି— ଗଡଗଡିଆ ଘାଟ, ଚହଟା ଘାଟ, ସତୀଚୌରା, ଜୁଡିସିଆଲ୍ ଏକାଡେମୀ, ସିଏନବିଟି, ବାଦାମବାଡ଼ି, ଲିଙ୍କ ରୋଡ୍ ଏବଂ ଓଏମପି ଛକ। ଏହି ରୁଟ୍ ମଧ୍ୟ ଦେଇ ବସ୍ ଗୁଡିକ ରେଳଷ୍ଟେସନ୍ ଯାଏଁ ଚଳାଚଳ ହେବ।

# ହିଞ୍ଜିଳିକୁ ଭୁଲିଗଲେ କି ନବୀନ ?

**ଦେଢ଼ ବର୍ଷ ବିତିଲା, ମ୍ୟୁନିସିପାଲିଟିରେ ପଡିନି ପାଦ**
**୧୮ ମାସ ହେଲା ହିଞ୍ଜିଳିର ବିକାଶ ଠପ୍**
**ବିଜେଡି ଗଡ଼ରେ ଭୂଶୁଡୁଛି ଦଳୀୟ ଦବ୍‌ଦବା**



**ହିଞ୍ଜିଳିକାଟୁ,୬ା୧୨ (ସଂଚାର ବ୍ୟୁରୋ):** ୨୦୦୦ ମସିହା ଠାରୁ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ୫ ଥର ମୁଖ୍ୟମନ୍ତ୍ରୀ ହେଲେ, ୬ଥର ବିଧାୟକ ହେଲେ କିନ୍ତୁ ସାଧାରଣ ନିର୍ବାଚନ ସରି ପ୍ରାୟ ଦେଢ଼ ବର୍ଷ ସମୟ ବିତିଗଲାଣି ହିଞ୍ଜିଳିକାଟୁ ପୌରପରିଷଦରେ ଲୋକଙ୍କୁ ଧନ୍ୟବାଦ ଦେବା ସହ ସମସ୍ୟା ବୁଝିବାକୁ ଆସିନାହାନ୍ତି ବିଧାୟକ ନବୀନ ପଟ୍ଟନାୟକ । ଗତ ୨୦୨୪ ଡିସେମ୍ବର ମାସରେ ଚାଷୀଙ୍କ ଦୁଃଖ ଶୁଣିବାକୁ ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିର୍ବାଚନ ପରେ ଏହା ନବୀନଙ୍କ ପ୍ରଥମ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଗସ୍ତ ରହିଥିଲା। ଚାଷୀ ମାନଙ୍କ କ୍ଷୟ କ୍ଷତି ସମସ୍ୟା ଶୁଣି ରାସ୍ତାରୁ ଫେରିଯାଇଥିଲେ। ଏହାପରଠାରୁ ହିଞ୍ଜିଳିରେ ନବୀନଙ୍କୁ ଆଉ ଦେଖିବାକୁ ମିଳିନାହିଁ।

ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳି ଆସୁନଥିବାରୁ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ନବନିର୍ବାଚିତ ବିଧାୟକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀରେ ଘନ ଘନ ବୈଠକ କରି ଲୋକଙ୍କ ସମସ୍ୟା ବୁଝିବା ସହ ସମସ୍ୟାର ସମାଧାନ କରୁଥିବା ବେଳେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ବିଧାୟକ ଆସୁନଥିବାରୁ ୧୮ ମାସ ଭିତରେ କିଛି ବି ଆଖି ଦୃଶିଆ କାମ ହୋଇନାହିଁ ବୋଲି ଜନତା କହିଲେଣି। ସାଧାରଣ ନିର୍ବାଚନ ପୂର୍ବରୁ ଲକ୍ଷ୍ୟ କଲେ ବର୍ଷକୁ ଦୁଇ ତିନି ଥର ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରୁଥିଲେ କିନ୍ତୁ ନିର୍ବାଚନ ପରଠୁ କୌଣସି କାର୍ଯ୍ୟକ୍ରମ ହେଉ ଅବା କର୍ମୀଙ୍କୁ ବିଜୟ ଧନ୍ୟବାଦ ଜଣେଇବାକୁ ଆସିନାହାନ୍ତି। ଏଠାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଶିଥିଳତା ଦେଖାଦେଇଛି। ଯାହାଙ୍କୁ ଲୋକେ ୨୫ ବର୍ଷ ହେଲା ଭୋଟ ଦେଇ ଜିତେଇ ଚାଲିଛନ୍ତି, ତାଙ୍କ ଅନୁପସ୍ଥିତିରେ ବିକାଶ ଯେମିତି ବାଟ ଭୁଲିଯାଇଛି। ସ୍ଥାନୀୟ ବିଜେଡ଼ି ନେତାଙ୍କ କଥାକୁ ବିଚାରକୁ ନେଲେ ପୂର୍ବରୁ ଦଳ ଭିତରେ ଗୋଷ୍ଠୀ ବିବାଦ ଥିଲେ ବି ସମସ୍ତେ ମିଳିମିଶି ଚାଲୁଥିଲେ କିନ୍ତୁ ଗତ କିଛି ମାସ ହେଲା ଦଳୀୟ ବିବାଦ ସ୍ପଷ୍ଟ ପରିଲକ୍ଷିତ ହେଉଛି।

ତେବେ ଚଳିତ ମାସରେ ନବୀନ ହିଞ୍ଜିଳି ଗସ୍ତ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳୁଛି। କର୍ମୀଙ୍କୁ ଭେଟିବେ, ସମସ୍ୟା ଶୁଣିବେ । ଏବେ ବି ବିଜେଡି କର୍ମୀ ନିଜ ବିଧାୟକଙ୍କୁ ଅତି ନିକଟରୁ ଦେଖିବାକୁ ଚାହିଁ ବସିଥିବା ବେଳେ ହିଞ୍ଜିଳିବାସୀଙ୍କୁ ଧନ୍ୟବାଦ ଜଣାଇବାକୁ କେବେ ଆସିବେ ନବୀନ ତାହା ଦେଖିବାକୁ ବାକି ରହିଲା।

## ଯାଜପୁରରେ 'ଡିସିପ୍ଲିନ୍ ଅପରେସନ୍' ଆରମ୍ଭ

**ବିଡିଓ, ତହସିଲଦାରଙ୍କୁ ତାଗିଦ କଲେ ଜିଲ୍ଲାପାଳ**
**ବିନା ଅନୁମତିରେ ଛୁଟି ନେଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ**



**ଯାଜପୁର,୬ା୧୨ (ସଂଚାର ବ୍ୟୁରୋ):** ଯାଜପୁରରେ ବିଭାଗୀୟ ଅନୁଶାସନ ରକ୍ଷାରେ ଏବେ ଆକ୍ସନ ମୁଡ଼ରେ ଜିଲ୍ଲାପାଳ ଅମ୍ବର କୁମାର କର। ଜିଲ୍ଲାର ବିଭିନ୍ନ ବ୍ଲକ ଓ ତହସିଲରେ କେତେକ ବିଡିଓ ଏବଂ ତହସିଲଦାର ବିନା ଛୁଟି ଦରଖାସ୍ତ, ବିନା ଅନୁମତିରେ ମନମୁତାବକ ହେଡକ୍ୱାର୍ଟର ଛାଡ଼ି ଅନୁପସ୍ଥିତ ରହୁଥିବା ଅଭିଯୋଗ ଜିଲ୍ଲାପାଳଙ୍କ ନଜରକୁ ଆସିବା ମାତ୍ରେ କଡ଼ା ତାଗିଦ୍ କରିଛନ୍ତି। ଏବେ ଏହି ଅବ୍ୟବସ୍ଥାରେ ବ୍ରେକ୍ ଲାଗିଲା। ଛୁଟି ଦରଖାସ୍ତ ବିନା ଅଫିସ ଛାଡ଼ିବେ ତ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ। ଜିଲ୍ଲାପାଳ କହିଦେଇଛନ୍ତି କୌଣସି ବିଡିଓ ଓ ତହସିଲଦାର ଅନୁମତି ବିନା ଛୁଟିରେ ରହିବେ ନାହିଁ। ଦାଖଲ ହୋଇଥିବା ଛୁଟି ଫର୍ମ, ହେଡକ୍ୱାର୍ଟର ଆର୍ଡର, ଏବଂ ଅଫିସରେ ଉପସ୍ଥିତି ଏବେ ଠିକ୍ ମତେ ରେକର୍ଡରେ ରହିବାକୁ ପଡ଼ିବ। ଯଦି କେହି ନିୟମ ଭଙ୍ଗ କରିବେ, ସିଧା ବିନା ବିଳମ୍ବରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଯାଜପୁର ଜିଲ୍ଲାର କିଛି ସ୍ଥାନରେ ବିଡିଓ ଏବଂ ତହସିଲଦାରଙ୍କ ଅନୁପସ୍ଥିତିରେ ସରକାରୀ କାମ ଅଟକିଥିଲା, ଲୋକଙ୍କ ଅଭିଯୋଗ ସମୟରେ ହେଉନଥିଲା, ଜନସାଧାରଣ ଅନାବଶ୍ୟକ ଭାବେ ଅଫିସକୁ ଆସି ଫେରିଯାଉଥିଲେ। ଏହି ଅକର୍ମଣ୍ୟତା ଓ ଅବହେଳା ନେଇ ଜିଲ୍ଲାପାଳଙ୍କୁ ବ୍ୟାପକ ଅଭିଯୋଗ ଆସିଥିବା ପରେ ଏହି କଠୋର ପଦକ୍ଷେପ ନିଆଯାଇଛି।

## ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ରେ ଏଆରଟି ସେଣ୍ଟର ଉଦ୍‌ଘାଟିତ



**ଭୁବନେଶ୍ୱର,୬ା୧୨ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରାରେ ବୁଧବାର ଏକ ନୂତନ ଆଣ୍ଟିରେଟ୍ରୋଭାଇରାଲ ଟ୍ରିଟମେଣ୍ଟ (ଏଆରଟି) ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ପ୍ରଥମ ଘରୋଇ ମେଡିକାଲ୍ କଲେଜ ହସ୍ପିଟାଲ ଭାବେ ଆଇଏମ୍‌ଏସ ଆଣ୍ଡ ସମ ହସ୍ପିଟାଲ ୨ରେ ଏହି ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଉପଲବ୍ଧ ହେବ। ଏଚଆଇଭି ଏଡ଼୍‌ସ ଭଳି ଜଟିଳ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ଓ ସାହାଯ୍ୟ ସହଯୋଗ ଯୋଗାଇ ଦେବା ଲକ୍ଷ୍ୟ ନେଇ ଷ୍ଟେଟ ଏଡ଼୍‌ସ ସେଲ୍‌ଫ ଏବଂ ଓଡ଼ିଶା ଷ୍ଟେଟ୍ ଏଡ଼୍‌ସ କଂଟ୍ରୋଲ ସୋସାଇଟି (ଓଏସ୍‌ଏସିଏସ୍)ର ମିଳିତ ସହଯୋଗରେ ସମ୍ ହସ୍ପିଟାଲ-୨ରେ ଏହି କେନ୍ଦ୍ର ଆରମ୍ଭ କରାଯାଇଛି।

ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଷ୍ଟେଟ ଏଡ଼୍‌ସ ସେଲ୍‌ଫର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଅରବିନ୍ଦ ଯୋଗଦେଇ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ଗୁଡ଼ିକରେ ଏଚ୍‌ଆଇଭି ଏଡ଼୍‌ସ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟକୁ ଏଚ୍‌ଆଇଭି ମୁକ୍ତ କରିବାରେ ଏହି ଜଟିଳ ପଦକ୍ଷେପ ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ଡକ୍ଟର ଅରବିନ୍ଦ କହିଥିଲେ। ଏହି ନୂତନ ଏଆରଟି ସେଣ୍ଟରରେ ଭୁବନେଶ୍ୱର ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରାଯିବ।

## ଜାମୁତୋଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ବାଲିଅନ୍ତା,୬ା୧୨ (ସଂଚାର ବ୍ୟୁରୋ):** ଆଜି ବାଲକାଟି ରଥିଜେମା ଜାମୁତୋଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ମୋଟ ୧୦୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ସେଥି ମଧ୍ୟରେ ମୋଟ ୧୮ଟି ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ସ୍କାଉଟ୍ସ ଆଡ଼ ଗାଇଡ଼ସର ସଭାପତି ଡ. ଅରବିନ୍ଦ ଢାଲି, ସଂଳାପକାର ଡ.ରଜନୀ ରଞ୍ଜନ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ସାହୁ, ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏନେଇ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂହ ସଭାପତିତ୍ୱ କରିଥିଲେ ।



# ସରକାରୀ ଜାଗାରେ ଗଦା ହେଉଛି ମେଟାଲ, ଚିପ୍ସ

**ବିକ୍ରି ପାଇଁ ନାହିଁ ଲାଇସେନ୍ସ, ମାଲେମାଲ ବେପାରୀ**



**ଆନନ୍ଦପୁର,୬ା୧୨ (ସଂଚାର ବ୍ୟୁରୋ):** ଆନନ୍ଦପୁର ଉପଖଣ୍ଡରେ ଏବେ ମାତିଛନ୍ତି ମେଟାଲ, ଚିପ୍ସ ବେପାରୀ। ଖଣି ମାଫିଆ ଦେଉଛନ୍ତି କଞ୍ଚା ମାଲ, ଲାଇସେନ୍ସ ନକରି ବେପାରୀ ମାଲେମାଲ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଏବେ ଚାଲିଛି ବେଆଇନ ଭାବେ ମେଟାଲ, ଚିପ୍ସ ବେପାର। ଖଣି ମାଫିଆ ଏବଂ ବେପାରୀଙ୍କ ମିଳିଭଗତରେ ଚାଲିଛି ଖଣି ଲୁଟ୍। ଉପଖଣ୍ଡର ବିଭିନ୍ନ ସ୍ଥାନରେ ବେପାରୀମାନେ ସରକାରୀ ଯାଗାକୁ କବ୍‌ଜା କରି ଚଳାଇଛନ୍ତି ବେପାର।

ରାଜ୍ୟ ସରକାରଙ୍କ ସମ୍ପତ୍ତିକୁ କିଛି ଖଣି ମାଫିଆମାନେ ଲୁଟ୍ କରିବାରେ ବ୍ୟସ୍ତ। ପାହାଡ଼ କାଟି ବେଆଇନ ଭାବେ ପଥର ମେଟାଲ ଚିପ୍ସକୁ କରୁଛନ୍ତି ଲୁଟ୍। ଏପଟେ ବେପାରୀମାନେ ଚିପ୍ସ ମେଟାଲ ପାହାଡ଼ ପରି ଗଦା କରି ଖଣି ବିଭାଗ ଆଖିରେ ଧୂଳି ଦେଇ ଚଳାଇଛନ୍ତି ବେପାର। ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗଦା ଗଦା ହୋଇଥିବା ମେଟାଲ ଚିପ୍ସ ଆସୁଛି କେଉଁଠୁ, ବେପାରୀଙ୍କୁ ଯୋଗାଉଛି କିଏ, ମେଟାଲ ଚିପ୍ସର କାଗଜ ପତ୍ର ଅଛି କି ନାହିଁ ତାକୁ ନେଇ ଏବେ ଉଠିଛି ପ୍ରଶ୍ନ । ତେବେ ଆଲୋଚନା ହେଉଛି ଏହି ଚୋରା କାରବାର ପଛରେ ରାଜନେତାଙ୍କର ହାତ ରହିଛି।

ସେହିପରି ୨୦ନଂ ଜାତୀୟ ରାଜପଥର ହସନପୁର ଟୋଲଗେଟ୍ ନିକଟସ୍ଥ ରାଜପଥ କଡ଼ରେ ଏକ ସରକାରୀ ଯାଗାରେ କେହି ଜଣେ ମେଟାଲ ଚିପ୍ସ ଗଦା କରି ବେପାର କରୁଥିବା ନେଇ ଅଭିଯୋଗ ହୋଇଛି। ତେବେ ସରକାରୀ ଜାଗାରେ ପଡୁଥିବା ମେଟାଲ ଚିପ୍ସ ଉପରେ କାହିଁକି ତହସିଲ୍ ବିଭାଗର ଦୃଷ୍ଟି ପଡୁ ନାହିଁ। ଏଥି ପ୍ରତି ଜିଲ୍ଲା ଖଣି ବିଭାଗ, ଏବଂ ତହସିଲ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି। ତେବେ ଦେଖିବାକୁ ବାକି ରହିଲା ଏହି ଚୋରା କାରବାରକୁ କେବେ ରୋକ ଲଗାଯାଉଛି।

## ସ୍ୱଦେଶୀ ମେଳାର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ସଚିବ



**ଖୋର୍ଦ୍ଧା,୬ା୧୨ (ସଂଚାର ବ୍ୟୁରୋ):** ଅତିରିକ୍ତ ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ସୁଶ୍ରୀ ଅନୁ ଗର୍ଗ ଆଜି ଲୋକସଭା ଭବନ ସମ୍ମିଳନୀ କକ୍ଷରୁ ଏକ ଭର୍ଚୁଆଲ୍ ବୈଠକରେ ପ୍ରତ୍ୟେକ ଜିଲ୍ଲା ସ୍ତରରେ ଆୟୋଜିତ ହେବାକୁ ଥିବା ସ୍ୱଦେଶୀ ମେଳାର ସମୀକ୍ଷା କରିଛନ୍ତି। ଏହି ବୈଠକରେ ରାଜ୍ୟ ମିଶନ ଶକ୍ତି, ଅନୁସୂଚିତ ଜାତି ଏବଂ ଜନଜାତି, କୃଷି, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ସଂସ୍କୃତି, ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଏବଂ ପଶୁପାଳନ ବିଭାଗ, ସଚିବ ଏବଂ କମିଶନର ଯୋଗଦେଇଥିଲେ।

ଏହି ପରିପ୍ରେକ୍ଷୀରେ, ଖୋର୍ଦ୍ଧାର ଏଡିଏମ୍ ରାଜସ୍ୱ, ସଫଳ ମଣ୍ଡିତ ପ୍ରଧାନ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ କଲେକ୍ଟୋରେଟ୍ ଖୋର୍ଦ୍ଧାର ଓଏସ୍‌ଡବ୍ଲୁଏଏନ୍ ସମ୍ମିଳନୀ କକ୍ଷରେ ଏହି ବୈଠକରେ ଅଧକ୍ଷତା କରିଥିଲେ। ଅତିରିକ୍ତ ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ସୁଶ୍ରୀ ଅନୁ ଗର୍ଗ ସ୍ୱଦେଶୀ ମେଳାର ଆୟୋଜନ ସମୀକ୍ଷା କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହିତ ସ୍ୱଦେଶୀ ମେଳାର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ବିଷୟରେ ଆଲୋଚନା କରାଯାଇଥିଲା।

ଏହି ସ୍ୱଦେଶୀ ମେଳା ଜିଲ୍ଲାରେ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ଗ୍ରାମୀଣ ଏବଂ ସ୍ଥାନୀୟ ଉତ୍ପାଦଗୁଡ଼ିକର ପ୍ରଚାର, ପ୍ରଦର୍ଶନୀ ମାଧ୍ୟମରେ ବ୍ୟାପକ ପ୍ରଚାର କରାଯିବ। ସେହିପରି ଓଡ଼ିଆ ଏବଂ ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରା, ପର୍ଯ୍ୟଟନ ଏବଂ ଐତିହ୍ୟର ବିକାଶ ପାଇଁ ପଦକ୍ଷେପ ନିଆଯିବ। ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଉତ୍ପାଦନ କରାଯିବ। ମେଳାର ସୁରକ୍ଷା ପାଇଁ ଅଗ୍ନିଶମ ସେବା, ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ ସେବା ଇତ୍ୟାଦି ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରୀଡାକୁ ପ୍ରୋତ୍ସାହିତ କରିବା ପାଇଁ ସେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ସହିତ ପଦଯାତ୍ରା, ରାଲି ଏବଂ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗୋଚାଲାଣ ବେଳେ କଣ୍ଟେନରକୁ ମାଡ଼ି ବସିଲା ପୁଲିସ

**ନୀଳଗିରି,୬ା୧୨ (ସଂଚାର ବ୍ୟୁରୋ):** ଭଦ୍ରକରୁ ୪୭ଟି ଗୋରୁଙ୍କୁ ନେଇ ଏକ ଡାକ କଣ୍ଟେନରରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ନୀଳଗିରି ପୁଲିସ ଇଶ୍ୱରପୁର ଛକ ଠାରୁ କଣ୍ଟେନର ଗୋରୁଗାଡିକୁ ଜବତ କରିବା ସହିତ ୩ ଅଭିଯୁକ୍ତକୁ ଗିରଫ କରିଛି ।

ସୂଚନାଯୋଗ୍ୟ ଗତକାଲି ରାତ୍ରିରେ ଭଦ୍ରକରୁ ୪୭ଟି ଗୋରୁଙ୍କୁ କଣ୍ଟେନର ଯୋଗେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥରେ ଥିବା ସେରଗଡ଼ ଟୋଲଗେଟ ଫାଙ୍କିବା ପାଇଁ ବିଦୁ-ପଞ୍ଚଲିଙ୍ଗେଶ୍ୱର-ନୀଳଗିରି (ପି.ଡବ୍ଲ୍ୟୁ.ଡି) ରାସ୍ତାର ସାହାରା ନେଇଥାନ୍ତି। ବେଆଇନ୍ ଗୋଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ନୀଳଗିରି ଥାନା ଅଧିକାରୀ ଆଇଆଇସି ଗୋବର୍ଦ୍ଧନ ନାୟକ ଖବର ପାଇ ଇଶ୍ୱରପୁର ଛକ ଠାରେ ଆଜି ସକାଳ ୬ଟା ସମୟରେ ଇଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ଓ ବରେନ୍ଦ୍ର କୁମାର ସିଂ ପ୍ରମୁଖ ସଦଳବଳେ ଗୋରୁଙ୍କୁ ନେଇ ଯାଉଥିବା ଆରଜେ୧୪ ଜିଜେ ୬୭୩୦ କଣ୍ଟେନର ଗାଡିକୁ ଜବତ କରି ନୀଳଗିରି ଥାନାକୁ ଆଣିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ଘର ପଶ୍ଚିମବଙ୍ଗର ହାଉଡାରେ। ସେମାନେ ହେଲେ ହେପି ଜୁଲୁ(୨୦), ସେକ ଇକ୍‌ୱାଲ (୨୧)ଓ ସଚିନ ବାଲିଆ(୩୩)। ଉଦ୍ଧାର ହୋଇଥିବା ୪୭ଗୋରୁ ମଧ୍ୟରୁ ଗୋଟିଏ ମାଈ ଗୋରୁର ମୃତ୍ୟୁ ହୋଇଥିଲା। ୪୬ଟି ଗୋରୁଙ୍କୁ ରେମୁଣା ବାମପଦା ଠାରେ ଥିବା ଗୋଶାଳାରେ ଛାଡିଥିବା ଜଣାପଡିଛି।



## ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଫୁଲବାଣୀ,୬ା୧୨ (ସଂଚାର ବ୍ୟୁରୋ):** ଆଜି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର, ଫୁଲବାଣୀଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟ ବସ୍ତୁ ଥିଲା 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା'। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ପ୍ରାରମ୍ଭିକ ଭାଷଣରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ଶତପଥି ବିଶ୍ୱ ମୃତ୍ତିକା ଦିବସର ଉଦ୍ଦେଶ୍ୟ ବିଷୟରେ ଅବଗତ କରିବା ସହ ମୃତ୍ତିକାର ସଂରକ୍ଷଣ କିପରେ ଓ କାହିଁ କି କରିବା ସେଉପରେ ଆଲୋଚନା କରିଥିଲେ। ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଶ୍ରୀମତୀ ସ୍ମିତା ମହାନ୍ତି ମୃତ୍ତିକାର ସ୍ୱାସ୍ଥ୍ୟ ଓ ଉର୍ବରତା ଉପରେ ଆଲୋଚନା କରିଥିଲେ ସେହିପରି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ଶ୍ରୀ ଅରୁଣ କୁମାର ଆଚାର୍ଯ୍ୟ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା କରିଥିଲେ । ଜିଲ୍ଲା କୃଷି ଅଧିକାରୀ, ଘୁ ଉଦୟଗିରୀ ସୁନିତା ମିଶ୍ର, ଜିଲ୍ଲା କୃଷି ଅଧିକାରୀ, ବାଲିଗୁଡା ସୀତାକାନ୍ତ ରାଉତ, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବିନାରାୟନ ନାୟକ ଏହି ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ।




## ଜେଜେ-ଜେଜେମା ସମ୍ମାନ ଦିବସ ପାଳିତ




**ପାରାଦୀପ,୬ା୧୨ (ସଂଚାର ବ୍ୟୁରୋ):** ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜେଜେ ବାପା ଓ ଜେଜେ ମା' ସମ୍ମାନ ଦିବସ ପାଳିତ। ବିଦ୍ୟାଳୟର ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜେଜେବାପା ଜେଜେମା ଦିବସ ଅବସରରେ ସେମାନଙ୍କ ଭୂମିକାକୁ ନାଟକ ମାଧ୍ୟମରେ ପରିବେଷଣ କରିଥିଲେ। ଏହି ଉତ୍ସବରେ ୩ଶହରୁ ଉର୍ଦ୍ଧ ଜେଜେବାପା, ଜେଜେମା, ଅଜା, ଆଇ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ କଲେଜର ବରିଷ୍ଠ ଇଂରାଜୀ ଅଧାପକ ଗଣେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଜେଜେବାପା ଓ ଜେଜେମା ମାନଙ୍କୁ ଉଚିତ୍ ସମ୍ମାନ ଦେବା ତଥା ସେମାନଙ୍କର ଅବଦାନକୁ ସାରା ଜୀବନ ମନେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜେଜେବାପା ଜେଜେମା ମାନଙ୍କ ପାଇଁ ଦୁଇଟି କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ଯାତ୍ରା ଦେଖିବା ନିଶା ଦୁଇ ପରିବାରକୁ ପଡିଲା ମହଙ୍ଗା

**ନୀଳଗିରି,୬ା୧୨ (ସଂଚାର ବ୍ୟୁରୋ):** ନୀଳଗିରି ଥାନା ଅଧିନସ୍ଥ କାଂଶ ଅଞ୍ଚଳରେ ୨ଟି ପରିବାରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ନେଇ ନୀଳଗିରି ଥାନାରେ ପୃଥକ ପୃଥକ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ନୀଳଗିରି ଥାନା କାଂଶ ପଂଚାୟତର କାଂଶ ଗ୍ରାମରେ ଯାତ୍ରା ହେଉଥିଲା। ଗତ ୫ ତାରିଖ ରାତ୍ରୀରେ କାଂଶ ଗ୍ରାମର ଶୁଭ୍ରାଂଶୁ ଶେଖର ମହାନ୍ତି ଓ କୁହ୍ଲାପାଳ ଗ୍ରାମର ଜନ୍ମଜୟ ନାୟକ ଙ୍କ ପରିବାର ନିକଟସ୍ଥ ଗ୍ରାମ କାଂଶକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ଘରକୁ ଫେରିଲା ବେଳକୁ ଘରେ ତାଲା ଭାଙ୍ଗି ଗଡ୍‌ରେଜ ଓ ବାକ୍ସର ଚାବି ଭାଙ୍ଗି ୨ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ୨୪ ହଜାର ଟଙ୍କା ଚୋର ଚୋରି ହୋଇଛି। ୨ପରିବାର ପକ୍ଷରୁ ଅଭିଯୋଗ ପରେ ନୀଳଗିରି ପୋଲିସ ୨ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

## ରାସ୍ତା ନିର୍ମାଣରେ ବିଳମ୍ବକୁ ନେଇ ଉତ୍ତେଜନା

**ବାଲିଅନ୍ତା,୬ା୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର-କୁରାଙ୍ଗ ପ୍ରଧାନ ଗ୍ରାମ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତା ଭିତ୍ତିପ୍ରସ୍ତରକୁ ଏହା ମଧ୍ୟରେ ୬ ମାସ ବିତିଗଲାଣି। ହେଲେ ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି । ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କ ଚରମ ଅବହେଳା ଯୋଗୁ ରାସ୍ତା ନିର୍ମାଣରେ ଚରମ ଅବହେଳା ହେଉଥିବା ଅଭିଯୋଗ ହେଉଛି । ଏହାର ପ୍ରତିବାଦରେ ଆଜି ଭିଙ୍ଗାରପୁର ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ।



ଗ୍ରାମପଞ୍ଚାୟତ ଅଫିସ-ଗୋପୀନାଥ ମନ୍ଦିର ସଂଲଗ୍ନ ଭିତ୍ତିଫଳକ ନିକଟରେ ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ୧୦ଟା ସମୟରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ହେଲେ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀଙ୍କ ଦେଖା ମିଳିନଥିଲା। ଗ୍ରାମ ଉନ୍ନୟନ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ନପହଞ୍ଚିବାକୁ କେନ୍ଦ୍ର କରି ଭୀଷଣ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରେ ଗାଡି ମଟର ଦୀର୍ଘ ସମୟ ଧରି ଅଟକି ରହିଥିଲା । ଲୋକେ ଯାତାୟାତ କ୍ଷେତ୍ରରେ ବଡ଼ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଅପରପକ୍ଷରେ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ବିବାଦ ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଖବର ପାଇ ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା ।

## ଗୃହରକ୍ଷୀ ପ୍ରତିଷ୍ଠା ଦିବସରେ ଶୀତବସ୍ତ୍ର ବଣ୍ଟନ



**ଫୁଲବାଣୀ,୬ା୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ୬୩ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି କନ୍ଧମାଳ ଜିଲ୍ଲା ଗୃହରକ୍ଷୀ କମ୍ପାଣ୍ଡେଣ୍ଟ ହରିଶ୍ ବଶିଙ୍କ ତତ୍ୱାବଧାନରେ ପାଳିତ ହୋଇଯାଇଛି। ପ୍ରଥମେ ଜିଲ୍ଲାର କିଛି ଗୃହରକ୍ଷୀ କର୍ମଚାରୀମାନଙ୍କୁ ନେଇ ଫୁଲବାଣୀ ପୁଲିସ ପଡିଆ ଠାରେ ପ୍ୟାରେଡ ଅଭିବାଦନ କରାଯାଇଥିଲା ଥାନା ମାନଙ୍କରେ ଶୃଙ୍ଖଳାଗତ କାର୍ଯ୍ୟ କରୁଥିବା ଗୃହରକ୍ଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତତ୍ ସହିତ ଟାଉନ ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଗୃହରକ୍ଷୀ ଶ୍ରୀ ତ୍ରିଲୋଚନ ପଟ୍ଟନାୟକ ଓ ରାଇକିଆ ଥାନାରେ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିବା ଗୃହରକ୍ଷୀ ରମେଶ ଚନ୍ଦ୍ର ଦିଗାଲ, ସାରଙ୍ଗଗଡ ଥାନାର ମୃତ୍ୟୁବରଣ କରିଥିବା ଗୃହରକ୍ଷୀ ମଦନ ମଲ୍ଲିକଙ୍କ ପରିବାର ସଦସ୍ୟଙ୍କୁ ଗୃହରକ୍ଷୀ ୱେଲଫର ଫଣ୍ଡରୁ ତିନି ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଗୃହରକ୍ଷୀ କମାଣ୍ଡେଣ୍ଟଙ୍କ ଦ୍ୱାର ଚେକ୍ ପ୍ରଦାନ କରାଯାଇଛି।

ସେହିପରି ଫୁଲବାଣୀ ସହରର କିଛି ଅସହାୟ ଭିକ୍ଷୁକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏପରି କାର୍ଯ୍ୟକ୍ରମ ଦିର୍ଘ ବର୍ଷ ହେବ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗୃହରକ୍ଷୀ ସଂଘଠନ ତରଫରୁ କରାଯାଉଥିବା ଦେଖି ଜିଲ୍ଲାର ବୃଦ୍ଧିଜୀବ ମହଲରେ ଗୃହରକ୍ଷୀ ସଂଘଠନ ବେଶ୍ ପ୍ରଶଂସନୀୟ ହେଉଥିବା ଦେଖିବାକୁ ମିଳୁଛି।

# ୨୫ରୁ ରାଜ୍ୟସ୍ତରୀୟ ମଙ୍ଗଳା କପ୍

**କାକଟପୁର/ଅସ୍ତରଙ୍ଗ,୬ା୧୨ (ସଂଚାର ବ୍ୟୁରୋ):** ଡିସେମ୍ବର ୨୫ରୁ ଆରମ୍ଭ ହେବାକୁ ଯାଉଛି ମଙ୍ଗଳା ଆଥେଲେଟିକ ଆସୋସିୟସନ ଆନୁକୂଲ୍ୟରେ ୩୬ତମ ଅଲ ଓଡିଶା ମଙ୍ଗଳା କପ୍। ପୁରୀ ଜିଲ୍ଲା କାକଟପୁର ହାଇସ୍କୁଲ ପଛପଡିଆ ମିନିଷ୍ଟାଡିୟମରେ ଡିସେମ୍ବର ୨୫ରୁ ଅଲ ଓଡିଶା ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।




ଶନିବାର ଅପରାହ୍ନରେ ଆୟୋଜକ କ୍ଲବ ତରଫରୁ କାକଟପୁର ଖୁଣ୍ଟିଆ କନଭେନଶନରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେବାକୁ ଥିବା ବେଳେ ଚମ୍ପିୟାନ ଦଳକୁ ମଙ୍ଗଳାକପ୍ ସହ ୫୦ହଜାର ୫ଶହ ୫୫ଟଙ୍କା ଏବଂ ରନର୍ସ ଦଳକୁ କପ୍ ସହ ୩୦ହଜାର ୩ଶହ ୩୩ଟଙ୍କା ପୁରସ୍କାର ଦିଆଯିବାକୁ କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତି ପ୍ରକାଶ କରିଛନ୍ତି। ଏହି ମ୍ୟାଚରେ ଏସଜି ଡିୟୁଜ ବଲ ଖେଳାଯିବ ଓ ପ୍ରତ୍ୟେକ ମ୍ୟାଚରେ ଆକର୍ଷଣୀୟ ଉପହାର ରଖାଯାଇଛି। ସାମ୍ବାଦିକ ସମ୍ମିଳନୀରେ କାକଟପୁର ପ୍ରେସ କ୍ଲବ ସଭାପତି କମଳଲୋଚନ ଦୀକ୍ଷିତି, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତି, ଆୟୋଜକ କ୍ଲବର ଉପଦେଷ୍ଟା ପ୍ରେମାନନ୍ଦ ଗୋଛାୟତ, କୋଷାଧକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତି, ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତି, ଆଥେଲେଟିକି ସେକ୍ରେଟାରୀ ଭାଗବତ ସ୍ୱାଇଁ, ସଞ୍ଜୟ ସାମଲ, ଶ୍ୟାମସୁନ୍ଦର ରଣା, ଧିରେନ ଚାନ୍ଦଙ୍କ ସହ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

# ପଥ ଉତ୍ସବରେ ଝୁମିଲା ଅର୍କକ୍ଷେତ୍ର କୋଣାର୍କ

**କାକଟପୁର/ଅସ୍ତରଙ୍ଗ,୬ା୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହ ଅଞ୍ଚଳବାସୀଙ୍କ ମନୋରଞ୍ଜନ ଓ ଶରୀରର ଫୁର୍ତ୍ତିକୁ ନେଇ ଅର୍କକ୍ଷେତ୍ର କୋଣାର୍କରେ ପ୍ରଥମ ଥର ଆରମ୍ଭ ହୋଇଛି ପଥ ଉତ୍ସବ । ଶୀତୁଆ ସନ୍ଧ୍ୟାରେ ନାଚ ଗୀତରେ ଝୁମିଲା କୋଣାର୍କ। ପଥ ଉତ୍ସବ କମିଟି ତରଫରୁ ପ୍ରଥମ ଥର ଅର୍କକ୍ଷେତ୍ର କୋଣାର୍କ ମେଡିକାଲ ଛକରୁ ସାଇ ମନ୍ଦିର ଯାଏ ଉତ୍ସବ ଚାଲିଥିଲା । ଏହାର ଉଦ୍‌ଘାଟନ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ (ବାବୁ ), କୋଣାର୍କ ବିଜ୍ଞାପିତ ପରିଷଦ ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ ଅଧକ୍ଷା ଝୁନୁଲତା ମଲ୍ଲିକ, ଆବାହକ ଅଶୋକ ନନ୍ଦ, ସଭାପତି ରାଜକିଶୋର ମହାପାତ୍ର,ସମାଜସେବୀ ରାମକୃଷ୍ଣ ମହାନ୍ତି, ରିତା ମିଶ୍ର ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତି ପ୍ରତାପ ରାଉତ।



ଶନିବାର ଅର୍କକ୍ଷେତ୍ର କୋଣାର୍କ ଅସ୍ତଗାମୀ ସୂର୍ଯ୍ୟ ସହ ଶୀତୁଆ ସନ୍ଧ୍ୟାରେ ବେଶ ବର୍ଣ୍ଣାଢ୍ୟରେ ଆୟୋଜନ ସହ ପାଳନ ହୋଇଛି ପଥୋତ୍ସବ । ଉଦଘାଟନୀ ସମାରୋହ ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ବେଶ ଝୁମିଥିଲେ ନାଚିଥିଲେ କୋଣାର୍କବାସୀ । ମଞ୍ଚରେ ଦେଖିବାକୁ ମିଳିଥିଲା ଓଡ଼ିଆ କଳା ସଂସ୍କୃତିର ଝଲକ । ଓଡିଶୀ ନୃତ୍ୟଠୁ ଆରମ୍ଭ କରି ପାଲା, ଗଞ୍ଜାମ ଜିଲ୍ଲା ରଣପା, କଟକ ଟ୍ରାଇବାଲ ଡ୍ୟାନ୍ସ, ଡୁଙ୍ଗୁରି ପାହାଡ଼, ସମ୍ବଲପୁରୀ ମହୁଆ, ଆଦିବାସୀ ସହ ମର୍ଡ୍ଡ ନୃତ୍ୟ ସବୁକିଛି ଖୋଲା ଆକାଶ ତଳେ କୋଣାର୍କ ମୁଖ୍ୟ ରାସ୍ତାରେ କଳାକାର ପ୍ରଦର୍ଶିତ କରିଥିଲେ। ଏଥିରେ ଅନେକ ସଚେତନତା କାର୍ଯ୍ୟକ୍ରମ ସହ ବୃକ୍ଷ ସୁରକ୍ଷା ବାର୍ତ୍ତା ମଧ ଦେଖିବାକୁ ମିଳିଛି । ବିଶେଷକରି ପାରମ୍ପରିକ କଳା ଓ ନୃତ୍ୟ ପ୍ରଦର୍ଶନ ଲୋକଙ୍କ ମନକୁ ବେଶ ଛୁଇଁଥିଲା ।

ତେବେ ଏହି ଉତ୍ସବରେ ଯୋଗ ଦେଇ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ କହିଛନ୍ତି, 'କୋଣାର୍କ ସ୍ୱାଭିମାନ ସହ ଜଡିତ ଅଛି କଳା ସଂସ୍କୃତି । ଆଜି ପଥ ଉତ୍ସବର ଆୟୋଜନ ହୋଇଛି । ନିଶ୍ଚିନ୍ତ ଭାବରେ କୋଣାର୍କବାସୀ ଉତ୍ସାହିତ ଅଛନ୍ତି। ପଥ ଉତ୍ସବ କମିଟି ଆବାହକ ଅଶୋକ ନନ୍ଦ କୋଣାର୍କବାସୀଙ୍କୁ କହିଛନ୍ତି ଆସନ୍ତୁ ଏହି ମହୋତ୍ସବରେ ଭାଗିଦାରିତା ସାଜି ନିଜେ ଝୁମିବା ସହ ଏହି ଦିବସକୁ ବି ସଫଳ କରନ୍ତୁ ।'

ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

# ପୁସ୍ତକ କିଣି ଉପହାର ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ




**ଭୁବନେଶ୍ୱର, ୬।୧୨(ସଂଚାର):** ଓଡ଼ିଆ ଭାଷା ଭାରତବର୍ଷର ଅନ୍ୟତମ ପୁରାତନ ଭାଷା। ଏହି ପ୍ରାଚୀନ ଭାଷା ସାହିତ୍ୟକୁ ବିକାଶ ଓ ରୁଦ୍ଧିମନ୍ତ କରିବା ଦାୟିତ୍ୱ ଆମର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ- ୨୦୨୫ର ଉଦ୍‌ଘାଟନୀ ଅବସରରେ କହିଛନ୍ତି। ଭୁବନେଶ୍ୱର ୟୁନିଟ - ୩ ପ୍ରଦର୍ଶନୀ ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ଏହି ପୁସ୍ତକ ମହୋତ୍ସବ। ଡିସେମ୍ବର ୬ ରୁ ୧୭ ତାରିଖ ଯାଏଁ ଏହା ଚାଲିବ। ଚଳିତ ବର୍ଷ ଏହି ମହୋତ୍ସବରେ ୫୫୦ ଟି ଷ୍ଟଲ ଖୋଲାଯାଇଛି। ଏଥିସହିତ ବରପୁତ୍ରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଭିଲିଅନ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରି ଷ୍ଟଲ ବୁଲି ଦେଖିଥିଲେ ଓ ପୁସ୍ତକ କ୍ରୟ କରିଥିଲେ। ଏଥିସହିତ ବରପୁତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ପାଭିଲିଅନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଉପସ୍ଥିତ ସାହିତ୍ୟିକ, ଲେଖକ ଓ ପୁସ୍ତକପ୍ରେମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁସ୍ତକ ସଂଗ୍ରହ ଓ ପଠନ ପ୍ରତି ତାଙ୍କର ବିଶେଷ ରୁଚି ରହିଛି। ଏ ପର୍ଯ୍ୟନ୍ତ ପ୍ରାୟ ୫୦୦୦ ରୁ ୬୦୦୦ ପର୍ଯ୍ୟନ୍ତ ପୁସ୍ତକ ସଂଗ୍ରହ କରି ଲାଇବ୍ରେରୀ ଆକାରରେ ରଖିଛନ୍ତି ଏବଂ ସମୟ ପାଇଲେ ତାକୁ ପଢୁଛନ୍ତି। ପିଲାମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ପୁସ୍ତକ ପଠନ ମାଧ୍ୟମରେ ଆମ ଅବହେଳିତ ତଥା ଅନାଲୋଚିତ ବରପୁତ୍ର ମାନଙ୍କ ବିଷୟରେ ଆମେ ଜାଣିପାରିବା। ଲେଖକମାନଙ୍କୁ ଆହ୍ୱାନ ଦେଇ କହିଲେ ଯେ, ଏହି ଅନାଲୋଚିତ ବରପୁତ୍ର ମାନଙ୍କ ବିଷୟରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରି ପୁସ୍ତକ ମାଧ୍ୟମରେ ସେମାନଙ୍କୁ ଲୋକଲୋଚନକୁ ଆଣନ୍ତୁ।

- ଡିସେମ୍ବର ୬ ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ
- ଉଦ୍‌ଘାଟନୀ ଉତ୍ସବରେ ଡକ୍ଟର ପ୍ରତିଭା ରାୟ
- ପାଠକ ବଢ଼ିଲେ ଲେଖକ ଉତ୍ସାହିତ ହେବେ

ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରତିଭା ରାୟଙ୍କ ଯାଜ୍ଞସେନୀ ପୁସ୍ତକର ପ୍ରଶଂସା କରି କହିଥିଲେ ଯେ, ଏହି ମହାନ୍ ସାରସ୍ୱତ ସାଧକ ଆଜି ଯେଉଁ ଆହ୍ୱାନ ଦେଲେ ତାହା ଆମ ସମାଜ ପାଇଁ ଏକ ବଡ଼ ସନ୍ଦେଶ। ଆଜିଠାରୁ ମୁଁ ମଧ୍ୟ ପୁସ୍ତକକୁ ଉପହାର ସ୍ୱରୂପ ସମସ୍ତଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଲି। ମୋର ଅନୁରୋଧ, ଆପଣମାନେ ସମସ୍ତେ ମଧ୍ୟ ପୁସ୍ତକ କିଣନ୍ତୁ ଓ ଉପହାର ଦିଅନ୍ତୁ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଆମେ ପୁସ୍ତକକୁ ଭଗବାନ ସଦୃଶ ବିବେଚନା କରି ପୂଜା କରିଥାଉ। ପୁସ୍ତକ ଆମ ଚେତନାକୁ ସବୁବେଳେ ପ୍ରଭାବିତ କରିଛି। ପିଲାମାନଙ୍କୁ ମୋବାଇଲ ବ୍ୟବହାରକୁ କମ୍ କରି ପୁସ୍ତକ ପଠନ କରିବା ପାଇଁ ଉତ୍ସାହିତ କରିଥିଲେ। ଏକାମ୍ର, ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ପୂର୍ବରୁ ଏହା ପୁସ୍ତକ ମେଳା ଭାବେ ଥିଲା। ଏବେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏକ ମହୋତ୍ସବରେ ପରିଣତ ହୋଇଛି। ଯୁବଶକ୍ତିଙ୍କୁ ପୁସ୍ତକ ସହ ଯୋଡ଼ି ରଖିବା ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ବିଶିଷ୍ଟ ସାରସ୍ୱତ ସାଧିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ କହିଥିଲେ ଯେ, ମାନବ ଜାତିର ଇତିହାସରେ ଦୁଇଟି ବିସ୍ମୟକର ଘଟଣା ହେଉଛି ଅଗ୍ନି ଏବଂ ଭାଷା। ଭାଷା ମଣିଷ ଦ୍ୱାରା ଉଦ୍ଭାବିତ। ମଣିଷ ନିଜର ବିବେକ, ଚେତନା ଓ ଜ୍ଞାନ ଦ୍ୱାରା ଏହାକୁ ଉଦ୍ଭାବନ କରିଛି। ଆମ ସଂସ୍କୃତି ହେଉଛି ପୋଥିଗତ, ଜ୍ଞାନଗତ ଓ ବିବେକଗତ। ପୋଥି ହେଉଛି ଆମ ସବୁଠାରୁ ବଡ଼ ବନ୍ଧୁ। ଆମ ଭିତରେ ଥିବା ଚେତନାକୁ ଜାଗ୍ରତ କରିଥାଏ ପୁସ୍ତକ। ତେଣୁ ପୁସ୍ତକକୁ ଉପହାର ରୂପେ ଗ୍ରହଣ କରିବା ଓ ପ୍ରଦାନ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଥିଲେ। ଯୁବବର୍ଗଙ୍କୁ ଆଗାମୀ ଭାଲେଣ୍ଟାଇନ ଡେ'କୁ ବୁକ୍ ଡେ ଭାବେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ କର୍ଣ୍ଣେଲ ଶରତ ମହାପାତ୍ରଙ୍କ 'ଅପରେସନ ସିନ୍ଦୁର', ଡକ୍ଟର ପଞ୍ଚାନନ ନାୟକଙ୍କ 'ଦେ', ବଦ୍ରୀ ମହାପାତ୍ରଙ୍କ 'ମୁର୍ଚ୍ଛିତ ମୋକ୍ଷ' ବିମଳା ସିଂଙ୍କ 'ଝରା ଶ୍ରାବଣ', ଦାଶ ବେନହୁରଙ୍କ 'ଓଡ଼ିଆ ଶିଶୁ ସାହିତ୍ୟ କିଛି ପର୍ଯ୍ୟାଲୋଚନା' ସମେତ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ବିଭିନ୍ନ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

● ବିମାନ ଚଳାଚଳ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ବୈଠକ

## ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୀକ୍ଷା



**ଭୁବନେଶ୍ୱର,୬ । ୧୨(ସଂଚାର ବ୍ୟୁରୋ):** ଆଜି ଖାରବେଳ ଭବନର ୮ମ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବିମାନ ଚଳାଚଳ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର- ତଥା -ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, କମିଶନର-କମ୍ ଶାସନ ସଚିବ ପର୍ଯ୍ୟଟନ ବଳବନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ, ଯାହା ବିକଶିତ ଓଡ଼ିଶା ୨୦୩୬-୪୭ ର ଦୃଷ୍ଟିକୋଣ ସହିତ ଓଡ଼ିଶାର ବିମାନ ଚଳାଚଳ ଇକୋସିଷ୍ଟମକୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ ଦେଇଥିଲା।

କମିଟି ବିମାନ ଚଳାଚଳ କ୍ଷେତ୍ରରେ ପ୍ରମୁଖ ସୁଯୋଗଗୁଡ଼ିକର ସମୀକ୍ଷା କରିଥିଲା ଏବଂ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା, ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଏକ ସକ୍ଷମ ନୀତିଗତ ପରିବେଶ ସୃଷ୍ଟି କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଥିଲା। ଆଲୋଚନାର ଏକ ପ୍ରମୁଖ ଆକର୍ଷଣ ଥିଲା ୨୦୪୭ ସୁଦ୍ଧା ୧୫ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିମାନବନ୍ଦର ପ୍ରତିଷ୍ଠା କରିବା ପାଇଁ ରାଜ୍ୟର ଦୀର୍ଘକାଳୀନ ଲକ୍ଷ୍ୟ, ଯାହା ଏକ ମାଇଲଖୁଣ୍ଟ ଓ ଓଡ଼ିଶାର ଆଞ୍ଚଳିକ, ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ବୈଠକରେ ଓଡ଼ିଶାରେ ବିମାନ ଚଳାଚଳ ଶିଳ୍ପ ପାଇଁ ଏକ ଦୃଢ଼ ପ୍ରତିଭା ପୁଲ ବିକାଶ କରିବା ପାଇଁ ଉଡ଼ାଣ ତାଲିମ ସଂଗଠନ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ନୀତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଢେଙ୍କାନାଳରେ ବିମାନ ଚଳାଚଳ କେନ୍ଦ୍ରର କାର୍ଯ୍ୟକ୍ଷମ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ପୁରୀରେ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ବିମାନବନ୍ଦର ଏବଂ ବିମାନଘାଟିର ବିକାଶର ଅଗ୍ରଗତି, ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା। ପୂର୍ବ ଭାରତରେ ଓଡ଼ିଶାକୁ ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିବେଶ ପାଇଁ ନୂତନ ଦିଗନ୍ତ ଉନ୍ମୋଚନ କରିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ, ସମୟୋଚିତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ସକ୍ରିୟ ଯୋଜନାର ଗୁରୁତ୍ୱ ଉପରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ। ରାଉରକେଲା ଏବଂ ଝାରସୁଗୁଡ଼ାକୁ ସଂଯୋଗୀକରଣ ମଧ୍ୟ ସମୀକ୍ଷା କରାଯାଇଥିଲା।

## ବିଫଳ ପ୍ରେମିକର ଗଳାକାଟି ଆତ୍ମହତ୍ୟା ଉଦ୍ୟମ

**କନ୍ଧମାଳ, ୬।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କଳିଙ୍ଗା ପଞ୍ଚାୟତର ଡୁଗୁଡ଼ିପାରୀ ଗ୍ରାମରେ ଶନିବାର ସକାଳେ ଜଣେ ଯୁବକ, ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ପ୍ରେମିକାକୁ ଘରକୁ ନେବାକୁ ଆସି ପ୍ରେମିକାର ନାସ୍ତି ବାଣି ଶୁଣି ନିଜ ଚେଷ୍ଟାରେ ବିଫଳ ହେବା ପରେ ପ୍ରେମିକ ଜଣକ ଏପରି କାଣ୍ଡ କରିଛନ୍ତି। ସୂଚନାନୁସାରେ, ଖଜୁରୀପଡ଼ାର ଶୁଭ୍ରାଂଶୁ ସାହୁ(୨୨) ନାମକ ଜଣେ ଯୁବକ ଡୁଗୁଡ଼ିପାରି ଗ୍ରାମର ଜଣେ ଯୁବତୀ ସହ କଲେଜରେ ପାଠ ପଢ଼ା ସମୟରେ ଦେଖା ସାକ୍ଷାତ ପରେ ବନ୍ଧୁତା, ତାପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ପରେ ଉଭୟ ପରିବାରର ଅଜଣାତରେ ଶୁଭ୍ରାଂଶୁ ବାହା ହୋଇ ଖୁସିକୁ ନିଜ ଘରକୁ ନେଇ ଯାଇଥିଲେ। କିନ୍ତୁ ଝିଅ ଅନ୍ୟ ଜାତିର କହି ପୁଅ ପରିବାର ଏହି ପ୍ରେମ ବିବାହକୁ ସ୍ୱୀକାର କରି ନଥିଲେ। ଖୁସି ସେଇ ଘରେ ମାନସିକ ନିର୍ଯାତନା ପାଇଥିବାରୁ ସେ ନିଜ ବାପଘରକୁ ଫେରି ଆସିଥିଲେ। କିଛି ଦିନ ପରେ ଶୁଭ୍ରାଂଶୁ ମଧ୍ୟ ଝିଅ ଘରେ ଆସି ରହୁଥିଲେ। ଆଜି ସକାଳେ ଝିଅ ଗାଧୋଇବା ପାଇଁ ନିକଟରେ ଥିବା ଚୁଆକୁ ଯାଇଥିବା ବେଳେ ଶୁଭ୍ରାଂଶୁ ମଧ୍ୟ ଖୁସି ପଛେ ପଛେ ଚୁଆକୁ ଯାଇ ନିଜ ଘର ଖଜୁରୀପଡ଼ା ଯିବାକୁ କହିଥିଲେ କିନ୍ତୁ ଖୁସି ଯିବା ପାଇଁ ମନା କରିଥିବାରୁ ଏକ ବ୍ଲେଡ୍ ସାହାଯ୍ୟରେ ନିଜ ଗଳା କାଟି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଶୁଭ୍ରାଂଶୁ ତଳେ ପଡ଼ିଯିବା ଦେଖି ଖୁସି ମା-ବାପାଙ୍କୁ ଡାକି ପୋଲିସ ସହ ଯୋଗାଯୋଗ କରିଥିଲେ। ଖବର ପାଇ ମହିଳା ଇନ୍ସପେକ୍ଟର ରଞ୍ଜିତା ବେହେରା ଘଟଣାସ୍ଥଳରେ ଯୁବକଙ୍କୁ ଉଦ୍ଧାର କରି ଜି.ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଯୁବକଙ୍କ ଗଳାରେ ୧୮ଟି ଷ୍ଟିଚ୍ ଲାଗିଥିବା କାର୍ଯ୍ୟରତ ଡାକ୍ତର କହିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସ୍ଥିତି ଗୁରୁତର ଦେଖି ଯୁବକଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଭାରୀଯାନ ଚାପରେ ଭାଙ୍ଗିଗଲା ପୋଲ

**ଆନନ୍ଦପୁର ୬।୧୨(ସଂଚାର ବ୍ୟୁରୋ):** ଭାରିଯାନ ଚାଲିଯିବାରୁ ଭଙ୍ଗିଗଲା ପୋଲ । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଆନନ୍ଦପୁର ବ୍ଲକ୍ କୁକୁରିଆ ନାଳ ଉପରେ ଥିବା ପୋଲଟି ଭାଙ୍ଗି ପଡ଼ିଛି । ସେହି ସ୍ଥାନରେ ନୂଆ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ତରତରା ଛକ ଠାରୁ କଣ୍ଟିପାଳ ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ବରବେଡା ନିକଟ କୁକୁରିଆ ନାଳ ଉପରେ ଥିବା ପୋଲଟି ଭାଙ୍ଗି ପଡିଛି । ଶନିବାର ମଧ୍ୟାହ୍ନରେ ଏକ ବୋରଓ୍ୱେଲ୍ ଗାଡି ପୋଲ ଅତିକ୍ରମ କରିବା ସମୟରେ ପୋଲଟି ଭୁଶୁଡ଼ି ପଡିଥିଲା । ଏଭଳି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଗାଡି ଚାଳକ ଓ ଗାଡିରେ ଥିବା କର୍ମଚାରୀ। ପୋଲଟି ଭାଙ୍ଗିଯିବା ଫଳରେ ସେହି ରାସ୍ତାଦେଇ ଯାତାୟତ ବାଧାପ୍ରାପ୍ତ ହୋଇଛି । ବିଶେଷ କରି ଏହି ରାସ୍ତା ଉପରେ ନିର୍ଭର କରୁଥିବା କଣ୍ଟିପାଳ, ତରତରା ଓ କାଠକଟା ପଞ୍ଚାୟତ ଅଞ୍ଚଳବାସୀଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି । ବହୁ ପୁରୁଣା ପୋଲଟି ପୂର୍ବରୁ ଦବି ରହିଥିଲା । ହେଲେ ବିଭାଗ ଏଥିପ୍ରତି ଦୃଷ୍ଟି ନଦେବାରୁ ଆଜି ପୋଲଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି । ତେବେ ତୁରନ୍ତ ସେଠାରେ ଏକ ନୂଆ ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ନଦୀରେ ବୁଡ଼ି ଛାତ୍ରର ମୃତ୍ୟୁ

**ଧର୍ମଶାଳା, ୬।୧୨(ସଂଚାର ବ୍ୟୁରୋ):** ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ବରାଂଶ ଖିରସ୍ରୋତା ନଦୀରେ ବୁଡି ଜଣେ ନବମ ଶ୍ରେଣୀ ଛାତ୍ରର ଅକାଳ ବିୟୋଗ ଘଟିଛି। ମୃତ ଛାତ୍ର ଜଣକ ହେଲେ ରାଜେନ୍ଦ୍ର କଣ୍ଡଙ୍କ ପୁଅ ସାରଥୀ(୧୫) ବୋଲି ଜଣାପଡିଛି। ସୂଚନା ମୁତାବକ,ଆଜି ସାରଥୀ ସାଙ୍ଗମାନଙ୍କ ସହ ବିଦ୍ୟାଳୟକୁ ଯିବାକୁ ଘରେ କହି ଆସିଥିଲେ। ବାହାଦଲାପୁର ଗ୍ରାମ ନିକଟସ୍ଥ ଖରସ୍ରୋତା ନଦୀରେ ଗାଧୋଇବା ସମୟରେ ନଦୀ ପାଣିରେ ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। ଏନେଇ କୁଆଖିଆରେ ଏକ ଅପମୃତ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିବା ବେଳେ ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ସାରଥୀ ସମେତ ୫ ଜଣଙ୍କ ବିରୋଧରେ ଚାଲିବ ମାମଲା



**କଟକ, ୬।୧୨ (ସଂଚାର ବ୍ୟୁରୋ):** ଆତ୍ମଘୋଷିତ ବାବା ସାରଥୀ ଓରଫ ସନ୍ତୋଷ ରାଉଳଙ୍କ ବିରୋଧରେ ଚାଲିବ ମାମଲା। ତାଙ୍କ ବିରୋଧରେ କଟକ ସ୍ୱତନ୍ତ୍ର ଏସ୍‌ସି/ଏସ୍‌ଟି ଅଦାଲତ ଚାର୍ଜଫ୍ରେମ କରିଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚରେ ରୁଜୁ ମାମଲାରେ ଏହି ଚାର୍ଜଫ୍ରେମ ହୋଇଛି। ତେବେ ସାରଥୀଙ୍କ ସମେତ ୪ ଜଣଙ୍କ ବିରୋଧରେ ମାମଲା ଚାଲିବ। ଅନ୍ୟମାନଙ୍କ ମଧ୍ୟରେ ସାରଥୀଙ୍କ ପୁଅ ସତ୍ୟମ ଶେଖର ମଧ୍ୟ ରହିଛନ୍ତି। ସ୍ୱତନ୍ତ୍ର କୋର୍ଟରେ ଚାର୍ଜଫ୍ରେମ ସମୟରେ ସାରଥୀ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ। ଏହାପରେ ଆଗକୁ ସାରଥୀଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଚାଲିବ ବୋଲି ଜଣାପଡ଼ିଛି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଆସନ୍ତା ବର୍ଷ ଜାନୁଆରୀ ୧୬ ତାରିଖ ଧାର୍ଯ୍ୟ କରିଛନ୍ତି।

ନିଜକୁ ଭଗବାନଙ୍କ ସ୍ୱରୂପ ବୋଲି ଦାବି କରିବା ସହ ସାରଥୀ ନିଜ ହାତରୁ ମହୁ ଝରୁଥିବା ଭଳି ଚମତ୍କାର ନେଇ ଦାବି କରିଆସୁଥିଲେ। ଏହିସବୁ ଠକେଇ ମାମଲା ଉପରେ କୋର୍ଟ ବିଚାର କରିବେ। ଏହାଛଡ଼ା ତାଙ୍କ ବିରୋଧରେ ଏସସି/ଏସ୍‌ଟି ଲୋକଙ୍କୁ ଠକି ସେମାନଙ୍କ ସମ୍ପତ୍ତି ହଡ଼ପ କରିଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଭାରତୀୟ ଦଣ୍ଡବିଧି ଆଇନର ୧୨୦(ବି), ୪୨୦, ୪୬୭, ୪୬୮, ୪୭୧, ୫୦୬, ୪୨୩, ୪୦୬, ୩୭୯, ୪୧୧, ୩୪୧, ୨୧୨, ୪୧୪ ଓ ୩୪ ଦଫା ସମେତ ଥାର୍ଡ ଏସ୍‌ସି/ଏସଟି ଆକ୍ଟ ଏବଂ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଧାରା ୨୫ ଅନୁସାରେ ଚାର୍ଜଫ୍ରେମ ହୋଇଥିବା ଜଣାପଡ଼ିଛି।

## ଏଏନ୍‌ଏମ୍ ପରୀକ୍ଷା ବାତିଲ, ବର୍ଷିଲେ ନବୀନ



**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ଡାକ୍ତରୀ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ (ଡିଏମଇଟି) ଶୁକ୍ରବାର ଦିନ ଅପରାହ୍ନ ୨ଟାରେ ଆରମ୍ଭ ହେବାକୁ ଥିବା ସହାୟକ ନର୍ସ ମିଡଓ୍ୱାଇଫେରୀ (ଏଏନ୍‌ଏମ୍) ପରୀକ୍ଷାକୁ ସ୍ଥଗିତ ରଖିଥିଲେ। ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ପରୀକ୍ଷା ବାରମ୍ବାର ବାତିଲ ହେବା ଲକ୍ଷ ଲକ୍ଷ ପିଲାଙ୍କ ସ୍ୱପ୍ନକୁ ଧୂଳିସାତ କରୁଛି। ଏଏନଏମ ପରୀକ୍ଷା ବାତିଲ କରି ରାଜ୍ୟ ବିଜେପି ସରକାର ପୁଣି ହଜାର ହଜାର ଆଶାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଇଛନ୍ତି। ପରୀକ୍ଷା ପରେ ପରୀକ୍ଷା ବାତିଲ ହେବା, ସ୍ଥଗିତ ହେବା ବିଜେପି ସରକାରର ଅପାରଗତାକୁ ଦର୍ଶାଉଛି।

୧୮ ମାସର ସରକାରରେ ପାଖାପାଖି ୧୮ଟି ନିଯୁକ୍ତି ପରୀକ୍ଷା ବାତିଲ ହେଲାଣି। ସରକାର କ'ଣ ଦର୍ଶାଇବାକୁ ଚାହୁଁଛନ୍ତି? ସରକାର ସଜାଗ ହୁଅନ୍ତୁ, ସମସ୍ତ ପରୀକ୍ଷା ଯେପରି ନିୟମିତ ଏବଂ ସ୍ୱଚ୍ଛତାର ସହ ହେବ ତାହା ସୁନିଶ୍ଚିତ କରନ୍ତୁ ବୋଲି ସେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତକାଲି ବେକାରୀ ସମସ୍ୟା ଉପରେ ବିଧାନସଭା ଗୃହରେ ଆଲୋଚନା ଚାଲିଥିବା ସମୟରେ କଂଗ୍ରେସ ବିଧାୟକ ସିଏସ ରାଜେନ ଏକ୍କା ପ୍ରଶ୍ନପତ୍ର ଲିକ୍ ହେବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ପରୀକ୍ଷାର ପ୍ରଶ୍ନପତ୍ର ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ଲିକ୍ ହୋଇଥିଲା। ଏଏନ୍‌ଏମ୍ ପଦରେ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ଅପରାହ୍ନ ୨ଟାରେ ହେବାର ଥିବା ବେଳେ ଏହା ପୂର୍ବରୁ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବୋଲି ବିଧାୟକ କହିଛନ୍ତି।

## ଜଳିଗଲେ ନାବାଳିକା, ଆଇଜିଏଚ୍‌ରେ ଭର୍ତ୍ତି

**ରାଉରକେଲା, ୬।୧୨(ସଂଚାର ବ୍ୟୁରୋ) :** ସୁନ୍ଦରଗଡ଼ ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣ ଅଞ୍ଚଳରେ ଅଘଟଣ। ନିଆଁରେ ଜଳିଗଲେ ନାବାଳିକା। ଦେହର ୮୦ ପ୍ରତିଶତ ଅଂଶ ପୋଡିଯାଇଥିବା ସୂଚନା ମିଳିଛି। ଯାହାପରେ ନାବାଳିକାଙ୍କୁ ଉଦ୍ଧାର କରି ତୁରନ୍ତ ରାଉରକେଲା ସ୍ଥିତ ଆଇଜିଏଚ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ଅନୁଯାୟୀ, ଶୁକ୍ରବାର ରାତିରେ ନାବାଳିକା ଜଣଙ୍କ ଖାଇ ସାରି ଶୋଇଥିଲେ। ଏହି ସମୟରେ ହଠାତ୍ ଚିତ୍କାର ଶୁଣିଥିଲେ ପରିବାର ଲୋକେ। ଯାହାପରେ ପରିବାର ଲୋକେ ତୁରନ୍ତ ଦୌଡି ଯାଇ ଦେଖନ୍ତି ତ ନାବାଳିକାଙ୍କ ଦେହରେ ନିଆଁ ଲାଗିଛି। ଏହାପରେ ତୁରନ୍ତ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ପରିବାର ଲୋକ। ହେଲେ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ନାବାଳିକାଙ୍କ ଦେହର ପ୍ରାୟ ୮୦ ପ୍ରତିଶତ ପୋଡ଼ି ଯାଇଥିବା ସୂଚନା। ସେପଟେ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ତୁରନ୍ତ ରାଉରକେଲା ସ୍ଥିତ ଆଇଜିଏଚ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ନାବାଳିକାଙ୍କ ଦେହରେ ନିଆଁ କେମିତି ଲାଗିଲା, ବର୍ତ୍ତମାନ ଯାଏଁ ଅସ୍ପଷ୍ଟ ରହିଛି। ପୁଲିସର ତଦନ୍ତ ଏବଂ ନାବାଳିକାଙ୍କ ବୟାନ ପରେ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ଜାଣିଶୁଣି ତାକୁ ପୋଡ଼ି ମାରିବା ଲାଗି ପ୍ରୟାସ କରାଯାଇଛି ନା କୌଣସି କାରଣରୁ ତା ଦେହରେ ନିଆଁ ଲାଗିଛି ପୁଲିସ ତଦନ୍ତ ପରେ ଜଣାପଡ଼ିବ।

## କଳିଙ୍ଗା ଘାଟିରେ ଲାଗିଲା ସତର୍କ ଘଣ୍ଟି

- ଦୁର୍ଘଟଣା ହ୍ରାସ କରିବାକୁ ପଦକ୍ଷେପ
- ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ଲାଗିଲା ସାଇରନ୍
- ଡ୍ରାଇଭରଙ୍କୁ ବିପରୀତ ଦିଗରେ ଆସୁଥିବା ଗାଡ଼ି ସଂକ୍ରାନ୍ତରେ କରିବ ସତର୍କ



**କଟକ/ଭୁବନେଶ୍ୱର/କନ୍ଧମାଳ, ୬।୧୨(ସଂଚାର ବ୍ୟୁରୋ):** ଶୀତଦିନେ ଘାଟିଗୁଡିକରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପରୀକ୍ଷାମୂଳକ ଭାବେ କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ସତର୍କ ଘଣ୍ଟିର ପଦକ୍ଷେପ ନେଇଛି। ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ଘାଟିର ଉଭୟ ପାର୍ଶ୍ୱରେ ସାଇରନ୍ ଲଗାଯାଇଛି। କୌଣସି ପଟରୁ ଗାଡ଼ି ଆସୁଥିଲେ ସାଇରନ୍ ବାଜି ଏହା ସତର୍କ କରାଇବ। ଫଳରେ ଚାଳକ ସାବଧାନତାର ସହ ଘାଟିକୁ ପାର କରିବେ। ଶୀତଦିନେ କୁହୁଡ଼ି ଓ ପିକନିକ୍ ଯୋଗୁଁ ଦୁର୍ଘଟଣା ସଂଖ୍ୟା ବଢ଼ିଥାଏ। ଏହାକୁ ରୋକିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ବିଭିନ୍ନ ପଦକ୍ଷେପ ନେଇଛି। ଚାରି ମାସିଆ ସଡ଼କ ସୁରକ୍ଷା ପଦକ୍ଷେପ ଯେଉଁଥିରେ ସଚେତନତା ଏବଂ ଏନଫୋର୍ସମେଣ୍ଟ ସହ ରାତିରେ ଡ୍ରାଇଭରଙ୍କୁ ସତେଜ ରଖିବାକୁ ଚା' ବଣ୍ଟନ ବ୍ୟବସ୍ଥା ହୋଇଛି। ତେବେ ଘାଟିରେ ଦୁର୍ଘଟଣା ରୋକିବା ପାଇଁ ବୈଷୟିକ ଜ୍ଞାନ କୌଶଳର ସହାୟତ ନିଆଯାଇଛି। ଏଥିପାଇଁ ଆଇଆଇଟି ଭୁବନେଶ୍ୱରକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେନସର ସହାୟତାରେ ସାଇରନ୍ ଘଣ୍ଟିର ବ୍ୟବସ୍ଥା କରାଯାଇଛି। କେବଳ କଳିଙ୍ଗା ଘାଟି ନୁହେଁ, ଆଗକୁ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ଅନ୍ୟାନ୍ୟ ବ୍ଲାକସ୍ପଟରେ ବୈଷୟିକ ଜ୍ଞାନ କୌଶଳ ସହାୟତାରେ ଚାଳକଙ୍କୁ ସତର୍କ କରିବା ପାଇଁ ବିଭିନ୍ନ ପ୍ରୟାସ କରାଯିବ। ସେଥିପାଇଁ ଦେଶର ପ୍ରତିଷ୍ଠିତ ପ୍ରତିଷ୍ଠାନମାନଙ୍କର ସହଯୋଗ ନିଆଯାଉଛି।

● ମିଟର ଚେକିଂ ନାଁରେ ଦାଦାଗିରି

## ମହିଳାଙ୍କୁ ମାଡ଼, ଥାନାରେ ଏତଲା

**ଭୁବନ, ୬।୧୨(ସଂଚାର ବ୍ୟୁରୋ):** ଭୁବନ ଅଞ୍ଚଳର ବିଦ୍ୟୁତ ବିଭାଗର ଦାଦାଗିରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟୁତ କର୍ମଚାରୀମାନେ ଭୂଷଳ ପଞ୍ଚାୟତର କିଙ୍ଗୋଳ, ଅସୁରବନ୍ଧ, ଚଣ୍ଡିପାଳ ଗ୍ରାମରେ ଚଢ଼ଉ କରି ଅନେକ ଗ୍ରାହକଙ୍କ ନାମରେ ଫାଇନ କରିବା ସହ ମହିଳାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିପାଇଁ ମହିଳାମାନେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଧାରଣା ଦେଇଥିଲେ। ଶନିବାର ଦିନ ୧୧ଟା ସମୟରେ ଓଡ଼ି ୦୫ ଏ ଟି ୯୮୩୯ ବିଶିଷ୍ଟ ବଲେରୋ ଗାଡ଼ିରେ ଦୁଇ ଯୁବକ ଓ ଜଣେ ଯୁବତୀ ନିଜକୁ ବିଦ୍ୟୁତ୍ ବିଭାଗ ସ୍କ୍ୱାଡ୍ ପରିଚୟ ଦେଇ ଚନ୍ଦାର ଗ୍ରାମର ମୁକେଶ ରାଉତଙ୍କ ଘରେ ମିଟର ଚେକ୍ କରିଥିଲେ ଓ ପରେ ଘରେ ଭିତରେ ପଶିବାକୁ ଉଦ୍ୟମ କରିବାରୁ ମୁକେଶଙ୍କ ପତ୍ନୀ ରୋଜାଲିନ ରାଉତ ବିରୋଧ କରିଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ତାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଡାହାଣ ହାତ ଆଙ୍ଗୁଠିରେ ଗଭୀର ଆଘାତ ହୋଇଥିଲା। ପାଟିତୁଣ୍ଡ ଶୁଣି ଶାଶୂ ବାହାରକୁ ଆସି ବିଦ୍ୟୁତ୍ କର୍ମଚାରୀଙ୍କୁ ମଧ୍ୟ ବିରୋଧ କରିଥିଲେ। ସ୍ଥାନୀୟ ଲୋକମାନେ ହୋ ହାଲ୍ଲା କରିବାରୁ ବିଦ୍ୟୁତ୍ କର୍ମଚାରୀମାନେ ପଳାଇ ଆସିଥିଲେ। ବିଦ୍ୟୁତ୍ କର୍ମଚାରୀଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ମହିଳା ଭୁବନ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ନଳିନୀ ଶଙ୍କର ରଥ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

# ୧୭ଟି ନୂତନ ପାଠ୍ୟପୁସ୍ତକକୁ ମିଳିଲା ଅନୁମୋଦନ

- ଏନଇପି ଅଧୀନରେ ୫୫ଟି ଏନସିଇଆରଟି ପୁସ୍ତକ ଅନୁବାଦରେ ଓଡ଼ିଶା ଆଗୁଆ




**ଭୁବନେଶ୍ୱର, ୬।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଭାବରେ ବିକଶିତ ୧୭ଟି ପାଠ୍ୟପୁସ୍ତକର ସମୀକ୍ଷା ଏବଂ ଅନୁମୋଦନ କରାଯାଇଛି। ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ବିକାଶ ସମ୍ପର୍କିତ ଚତୁର୍ଥ କୋର୍ କମିଟି ବୈଠକରେ ଏହି ଅନୁମୋଦନ କରାଯାଇଛି। ଏହି ବୈଠକରେ ବିଭାଗ ଅଧୀନରେ ଥିବା ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।

ଦେଶରେ ପ୍ରଥମ ଥର ପାଇଁ ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ଓଡ଼ିଶା ୫୫ଟି ନୂତନ ଏନସିଇଆରଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। ଚଳିତ ବର୍ଷ ଗୁରୁ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପାଠ୍ୟକ୍ରମ ରୂପରେଖ ୨୦୨୫କୁ ଉଦଘାଟନ କରିଥିଲେ। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ଏହି ସଫଳତା ହାସଲ୍ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ତିନୋଟି ନୂତନ ବିଷୟ - କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ କରିଛି। ସମସ୍ତ ନୂତନ ପାଠ୍ୟପୁସ୍ତକ ୨୦୨୬-୨୭ ଶିକ୍ଷାବର୍ଷରୁ ସମସ୍ତ ବିଦ୍ୟାଳୟରେ ଲାଗୁ କରାଯିବ। ରାଜ୍ୟ ପାଠ୍ୟକ୍ରମ ରୂପରେଖ ଓ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପୁସ୍ତକକୁ ଅତି କମ୍ ସମୟ ମଧ୍ୟରେ ବିକଶିତ କରି ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଚୟ ପାଇଛି। ଏହା ମଧ୍ୟରେ ଏସସିଇଆରଟି ଶିକ୍ଷକମାନଙ୍କୁ ରାଜ୍ୟବ୍ୟାପୀ ନୂତନ ପାଠ୍ୟକ୍ରମ ରୂପରେଖ ଏବଂ ନୂତନ ପାଠ୍ୟପୁସ୍ତକର ଶ୍ରେଣୀରେ ସଫଳ ସଞ୍ଚାଳନ ବିଧି ସହିତ ପରିଚିତ କରାଇବା ପ୍ରକ୍ରିୟା ଆରମ୍ଭ କରିସାରିଛି। ପାଠ୍ୟପୁସ୍ତକ ବିକାଶ କରିବା ସମୟରେ ଓଡ଼ିଶାର ଇତିହାସ, ବିଜ୍ଞାନ, ଗଣିତ, ସାହିତ୍ୟ ଏବଂ କଳା ସହିତ ଜଡିତ ସ୍ଥାନୀୟ ଉଦାହରଣ, କାହାଣୀ ଏବଂ ସନ୍ଦର୍ଭକୁ ଅନ୍ତର୍ଭୁକ୍ତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ପଦ୍ଧତି ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହ କାର୍ଯ୍ୟକଳାପରେ ଅଧିକ ନିୟୋଜିତ କରାଇବ। ଜାତୀୟ ଶିକ୍ଷା ନୀତି ୨୦୨୦ ରେ ପରିକଳ୍ପନା କରାଯାଇଥିବା ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ ଏବଂ ସ୍ୱଭାବକୁ ଏହି ପଦକ୍ଷେପ ସୁଦୃଢ଼ କରିବ।

## ବାପା ଓ ପତ୍ନୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ବାଲିଅନ୍ତା, ୬।୧୨(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ପତ୍ନୀ ଓ ବାପାଙ୍କୁ ଆକ୍ରମଣ ମାମଲାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଉଛନ୍ତି କୋଠ ସାହି, ଅଣ୍ଡିଲୋ ଗ୍ରାମର ରଞ୍ଜିତ ଭୋଇ (୩୩ ) । ରଞ୍ଜିତ ବିରୋଧରେ ତାଙ୍କ ସ୍ତ୍ରୀ ନମିତା ଭୋଇ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୪ ତାରିଖ ରାତିରେ ଅଭିଯୋଗକାରିଣୀ ନମିତାଙ୍କ ସ୍ୱାମୀ ରଞ୍ଜିତ ଭୋଇ ଅତ୍ୟଧିକ ମଦ୍ୟପାନ କରି ଘରକୁ ଫେରିଥିଲେ ଏବଂ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହିତ ଏକ ଛୁରୀରେ ଆକ୍ରମଣ କରିଥିଲେ। ଅଭିଯୋଗକାରିଣୀଙ୍କ ଶ୍ୱଶୁର ଶିବ ଭୋଇ ହସ୍ତକ୍ଷେପ କରି ତାଙ୍କୁ ଏକ ପାଖକୁ ଟାଣି ନେଇଥିଲେ, ଯାହା ଫଳରେ ଛୁରୀଟି ତାଙ୍କ ମୁଣ୍ଡ ବଦଳରେ ଦ୍ୱାରବନ୍ଧରେ ବାଜିଥିଲା। ଏଥିରେ ନମିତା ଅଳ୍ପକେ ବର୍ତ୍ତି ଯାଇଥିଲେ। ତା'ପରେ ଅଭିଯୁକ୍ତ ତାଙ୍କ ବାପାଙ୍କୁ ଟାଣି ନେଇ ଆକ୍ରମଣ କରିଥିଲେ । ଯାହାଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ । ନମିତାଙ୍କ କେଶକୁ ଟାଣି ପିଟିଥିଲେ। ସ୍ଥାନୀୟ ବାସିନ୍ଦାମାନେ ହସ୍ତକ୍ଷେପ କରି ସେମାନଙ୍କୁ ଉଦ୍ଧାର କରିଥିଲେ । ଆହତ ଶ୍ୱଶୁର- ବୋହୂଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୧୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୦,୧୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୦,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୦,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୦,୧୫୦ ଓ ୧,୧୯,୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୯୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ପେଟ୍ରୋଲ ଏବଂ ଡିଜେଲ ଦାମରେ ପରିବର୍ତ୍ତନ ହୋଇଥାଏ। ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। କିନ୍ତୁ ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଋଷ ମାର୍କେଟ୍‌ରେ ଏଣ୍ଟ୍ରି ମାରିବ ପତଞ୍ଜଳି



ନୂଆଦିଲ୍ଲୀ, ୬।୧୨:ପୁଟିନଙ୍କ ଭାରତ ଗସ୍ତରେ ପ୍ରତିରକ୍ଷା ଠାରୁ ଆରମ୍ଭ କରି ଏକାଧିକ କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପତଞ୍ଜଳି ମଧ୍ୟ ଏହାର ଆୟୁର୍ବେଦ ମାର୍କେଟ୍‌କୁ ବଢ଼ାଇବା ପାଇଁ ଋଷ ସହ ଚୁକ୍ତି କରିଛି। ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ବ୍ୟବସାୟିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ପତଞ୍ଜଳି ରୁଷ ସରକାରଙ୍କ ସହ ଏକ ରଣନୈତିକ ସହଯୋଗ ଚୁକ୍ତି ସ୍ୱାକ୍ଷର କରିଛି। ପତଞ୍ଜଳିର ପ୍ରତିଷ୍ଠାତା ଯୋଗଗୁରୁ ରାମଦେବ ଏବଂ ମସ୍କୋର ମନ୍ତ୍ରୀ ଏବଂ ଭାରତ ସହ ସହଯୋଗ ପାଇଁ ବ୍ୟବସାୟ ପରିଷଦର ଅଧ୍ୟକ୍ଷ ସେରଗେଇ ଚେରେମିନ୍ ପରସ୍ପର ଚୁକ୍ତି ସାଇନ କରିଥିଲେ। ଏଥିରେ ସୁସ୍ଥ ଜୀବନ, ଆୟୁର୍ବେଦ ଓ ଔଷଧୀୟ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି। ଋଷର ବଜାର ସମ୍ଭାବନାକୁ ଉପଯୋଗ କରି ପତଞ୍ଜଳି ଆୟୁର୍ବେଦ କ୍ଷେତ୍ରରେ ଏହାର ଅଭିଜ୍ଞତା ଦ୍ୱାରା ପ୍ରଡକ୍ଟକୁ ଆହୁରି ଗ୍ଲୋବାଲାଇଜ୍ କରିବ। ଏହି ଚୁକ୍ତିନାମା ଋଷ ଓ ଭାରତ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ବୃଦ୍ଧି କରିବା ସହ ସାଂସ୍କୃତିକ ଆଦାନପ୍ରଦାନକୁ ଉତ୍ସାହିତ କରିବା ଏବଂ ଆୟୁର୍ବେଦ ସମ୍ପର୍କିତ ଜ୍ଞାନ ମଧ୍ୟ ଋଷ ପାଇପାରିବ। ଏବଂ ଦୁଇ ଦେଶ ମଧ୍ୟରେ ଏକ ସ୍ଥାୟୀ ବ୍ୟବସାୟିକ ଅଭ୍ୟାସ ପାଇଁ ପଥ ପରିଷ୍କାର କରିବାକୁ ଚୁକ୍ତିରେ ଲକ୍ଷ୍ୟ ରଖାଯାଇଛି। ଏହା ବାଦ୍ ଦୁଇ ଦେଶ ସ୍ୱାସ୍ଥ୍ୟ, ପ୍ରବାସ ଓ ସାମୁଦ୍ରିକ ସହଯୋଗ ସମେତ ଏକ ଡଜନରୁ ଅଧିକ ଚୁକ୍ତି ଓ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ପିଏମ୍ ମୋଦୀ ରୁଷ ଲୋକଙ୍କ ପାଇଁ ୩୦ ଦିନର ଇ-ଟୁରିଷ୍ଟ ଭିସା ଓ ୩୦ ଦିନର ଗ୍ରୁପ୍ ଟୁରିଷ୍ଟ ଭିସା ନେଇ ଘୋଷଣା କରିଛନ୍ତି । ଅନ୍ୟପଟେ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ରୁଷ ଓ ଭାରତ ମଧ୍ୟରେ ପାରସ୍ପାରିକ ସମ୍ପର୍କ ମଜଭୁତ ରହିଛି । ସେ ସ୍ପଷ୍ଟ କରିଛନ୍ତି ଯେ ରୁଷ ସବୁଠୁ ବଡ଼ ଭାରତୀୟ ନ୍ୟୁକ୍ଲିୟର ପ୍ଲାଣ୍ଟର ନିର୍ମାଣ ପ୍ରୋଜେକ୍ଟ ଉପରେ ମଧ୍ୟ କରୁଛି । ଛଅଟି ରିଆକ୍ଟର ମଧ୍ୟରୁ ତିନୋଟି ଶକ୍ତି ନେଟୱାର୍କ ସହିତ ସଂଯୁକ୍ତ ହୋଇସାରିଛି । ଚାରିଟି ଏପର୍ଯ୍ୟନ୍ତ ନିର୍ମାଣାଧୀନ ଅଛି । ଏଗୁଡ଼ିକ ଭାରତର କାରଖାନା ଏବଂ ଘରକୁ ସ୍ୱଚ୍ଛ ଉର୍ଜା ଯୋଗାଇବାରେ ସାହାଯ୍ୟ କରିବ ବୋଲି ପୁଟିନ କହିଥିଲେ।

# ଏଲନ ମସ୍କଙ୍କୁ ବଡ଼ ଝଟକା
## 'ଏକ୍ସ'କୁ ଜରିମାନା



ନୂଆଦିଲ୍ଲୀ, ୬।୧୨: ବିଲେନିୟର ଏଲନ ମସ୍କଙ୍କୁ ବଡ଼ ଝଟକା। ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଉପରେ ୧୨୦ ନିୟୁତ ୟୁରୋ ଜରିମାନା କରିଛନ୍ତି ୟୁରୋପୀୟ ୟୁନିଅନ୍ ନିୟାମକ। ଏହି ପ୍ଲାଟଫର୍ମ ଡିଜିଟାଲ୍ ନିୟମାବଳୀ ପାଳନ କରିନଥିବାରୁ ଦଣ୍ଡ ଗଣିବ କମ୍ପାନି। ରାଷ୍ଟ୍ରୀୟ ବ୍ଲକର ଡିଜିଟାଲ୍ ସେବା ଆଇନ ଅନୁଯାୟୀ ଏକ୍ସ ବିରୁଦ୍ଧରେ ଦୁଇ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ତଦନ୍ତ ପରେ ୟୁରୋପୀୟ କମିଶନ ଏହାର ନିର୍ଦ୍ଦେଶ ଜାରି କରିଛି।

ୟୁରୋପୀୟ କମିଶନ କହିଛି ଯେ ଏକ୍ସ ସ୍ୱଚ୍ଛତା ଏବଂ ବ୍ୟବହାରକାରୀ ସୁରକ୍ଷା ସହିତ ଜଡିତ ଡିଏସଏର ତିନୋଟି ଧାରା ଉଲ୍ଲଂଘନ କରିଛି। ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ ଅନୁଯାୟୀ, ଅଧିକାରୀମାନେ ଜାଣିପାରିଲେ ଯେ ଏକ୍ସର ବ୍ଲୁ ଟିକ୍ ସିଷ୍ଟମ୍ "ପ୍ରତାରଣାମୂଳକ ଡିଜାଇନ୍ ଅଭ୍ୟାସ" ପରି ଥିଲା କାରଣ ଦେୟଯୁକ୍ତ ବ୍ୟାଜ୍ ୟୁଜର୍ସଙ୍କ ଆଇଡେଣ୍ଟିକୁ ନିଶ୍ଚିତ କରେ ନାହିଁ। ୨୦୨୨ରେ ମସ୍କ କମ୍ପାନୀକୁ ଦାୟିତ୍ୱ ନେବା ପୂର୍ବରୁ, ସିମ୍ବଲଟି ମୁଖ୍ୟତଃ ଯାଞ୍ଚ କରାଯାଇଥିବା ସାର୍ବଜନୀନ ବ୍ୟକ୍ତିବିଶେଷଙ୍କ ପାଇଁ ବ୍ୟବହୃତ ହେଉଥିଲା। ନିୟାମକମାନେ କହିଛନ୍ତି ଯେ ମସ୍କଙ୍କ ଦେୟଯୁକ୍ତ ସିଷ୍ଟମ୍ "ୟୁଜର୍ସଙ୍କ ପାଇଁ ଆକାଉଣ୍ଟ ଏବଂ କଣ୍ଟେଣ୍ଟର ପ୍ରାମାଣିକତା ଯାଞ୍ଚ କରିବା କଷ୍ଟକର କରିଥାଏ।" କମିଶନ ଏଲନ ମସ୍କଙ୍କ ଏକ୍ସ ଅନଲାଇନ୍ ବିଜ୍ଞାପନ ଡାଟାବେସକୁ ମଧ୍ୟ ସମାଲୋଚନା କରି କହିଛନ୍ତି ଯେ ଡିଜାଇନ୍ ଫିଚର ଏବଂ ବିଜ୍ଞାପନ ପାଇଁ କିଏ ଦେୟ ଦେଉଛି ଏବଂ ସେମାନେ କାହାକୁ ଟାର୍ଗେଟ କରୁଛନ୍ତି ତାହା ଦେଖିବା କଷ୍ଟକର କରିଦିଏ।

ଇୟୁ ଆହୁରି କହିଛି ଯେ ଏକ୍ସ ସାର୍ବଜନୀନ ତଥ୍ୟ ପାଇବାକୁ ଚାହୁଁଥିବା ଗବେଷକମାନଙ୍କ ପାଇଁ "ଅଯଥା ବାଧା" ସୃଷ୍ଟି କରିଛି। ଏକ୍ସ ପ୍ରଥମ କମ୍ପାନୀ ହୋଇଛି ଯାହାକୁ ଏତେ ବଡ଼ ରକମର ଜୋରିମାନା ଦିଆଯାଇଛି। ଏକ୍ସ ହେଉଛି ୟୁରୋପୀୟ ୟୁନିଅନର ଡିଜିଟାଲ୍ ସେବା ଆଇନ ଅନୁଯାୟୀ ଜୋରିମାନା ଦିଆଯାଇଛି। ଏହା ଏକ ପ୍ରମୁଖ ଆଇନ ଯାହା ପ୍ରମୁଖ ଇଣ୍ଟରନେଟ୍ କମ୍ପାନୀଗୁଡ଼ିକୁ ସେମାନଙ୍କର ପ୍ଲାଟଫର୍ମଗୁଡ଼ିକୁ ହେରଫେର ଏବଂ ଅବୈଧ ବିଷୟବସ୍ତୁରୁ ରକ୍ଷା କରିବାକୁ ଲକ୍ଷ୍ୟ ରଖାଯାଇଛି। ଟ୍ରମ୍ପ ପ୍ରଶାସନ ଏହି ନୀତିକୁ ସମାଲୋଚନା କରି ଏହାକୁ ବାକ୍ ମୁକ୍ତ ଏବଂ ଆମେରିକୀୟ ଟେକ୍ ଫାର୍ମଗୁଡ଼ିକ ଉପରେ ଆକ୍ରମଣ ବୋଲି କହିଛି। ମେଟା ଏବଂ ଟିକଟକ୍ ଅକ୍ଟୋବରରେ ଡିଏସଏର ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରିଥିବାର ଅଭିଯୋଗ ହୋଇଥିଲା। ସେହିପରି ଚୀନ୍ ଅନଲାଇନ୍ ବଜାର ଟେମୁକୁ ଅବୈଧ ଉତ୍ପାଦ ବିକ୍ରୟ ନିଷେଧ ନିୟମ ଉଲ୍ଲଂଘନ କରିବାର ଅଭିଯୋଗ କରାଯାଇଥିଲା।

## ୨୦୨୬ରେ ଲଞ୍ଚ କରିବ ସ୍କର୍ପିଓ ଏନ



ନୂଆଦିଲ୍ଲୀ, ୬।୧୨: ୨୦୨୬ରେ ଏକ ନୂଆ ଅବତାରରେ ଆସିବ ସ୍କପ୍ରିୟୋ ଏନ ଏବଂ ଏକ୍ସୟୁଭି୭୦୦। ଏହାକୁ ନେଇ କିଛି ଅପଡେଟ୍ ହେବାକୁ ଯାଉଛି। ଅପଡେଟ୍ ହୋଇଥିବା ମହିନ୍ଦ୍ରା ଏକ୍ସୟୁଭି୭୦୦ ପ୍ରଥମ ୩ ମାସରେ ସେଲ୍ ହେବ, ଯେତେବେଳେ କି ସ୍କର୍ପିଓ ଏନ ଫେସଲିଫ୍ଟ ବର୍ଷର ଦ୍ୱିତୀୟାର୍ଦ୍ଧରେ ଆସିବ ବୋଲି ଆଶା କରାଯାଉଛି। ଉଭୟ ମଡେଲ୍ ପୂର୍ବ ଭଳି ଇଞ୍ଜିନ୍ ଏବଂ ଗିୟରବକ୍ସକୁ ବଜାୟ ରଖି ସାମାନ୍ୟ ଡିଜାଇନ୍ ପରିବର୍ତ୍ତନ ଏବଂ ଫିଚର୍ସ ଅପଗ୍ରେଡ୍ ପାଇବ ବୋଲି ଆଶା କରାଯାଉଛି। ନୂଆ ସ୍କର୍ପିଓ ଏନ ଫେସଲିଫ୍ଟ ଟେଷ୍ଟିଙ୍ଗ ସମୟରେ କଭର କରାଯାଇଥିଲା। ଅପଡେଟ୍ ହୋଇଥିବା ସ୍କର୍ପିଓ ଏନ ପୂର୍ବ ପରି ସମାନ ସିଧା ଆଭିମୁଖ୍ୟ ଏବଂ ସିଲୁଏଟ୍ ବଜାୟ ରଖିବ, ଯାହା ରାସ୍ତାରେ ଏହାର ପ୍ରଭାବଶାଳୀ ଉପସ୍ଥିତି ନିଶ୍ଚିତ କରିବ। ଆଗ ବିଭାଗରେ କିଛି ପ୍ରମୁଖ ଡିଜାଇନ୍ ପରିବର୍ତ୍ତନ ଆଶା କରାଯାଉଛି। ଏହି ଏସୟୁଭିରେ ଏକ ରି-ଡିଜାଇନ୍ ହୋଇଥିବା ଗ୍ରିଲ୍, ଏଲଇଡି ଡିଆରଏଲ ସିଗ୍ନେଚର ସହିତ ରି-ଡିଜାଇନ୍ ହୋଇଥିବା ହେଡଲ୍ୟାମ୍ପ ଏବଂ ଏକ ନୂଆ ବମ୍ପର ରହିବ ବୋଲି ଆଶା କରାଯାଉଛି। ଯଦିଓ ସାଇଡ୍ ପ୍ରୋଫାଇଲରେ ଅଧିକ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ, ଏହାକୁ ଏକ ନୂଆ ଡିଜାଇନ୍ ସହିତ ବଡ଼ ଆଲୟ ହ୍ୱିଲ୍ ଦିଆଯାଇପାରେ। ମହିନ୍ଦ୍ରା ନୂଆ ସ୍କର୍ପିଓ ଏନକୁ ଏକ ବଡ଼ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍, ଏକ ସମ୍ପୂର୍ଣ୍ଣ ଡିଜିଟାଲ୍ ଟିଏଫଟି ଇନଷ୍ଟ୍ରମେଣ୍ଟ କ୍ଲଷ୍ଟର, ଏକ ପାନୋରାମିକ୍ ସନରୁଫ୍, ଡଲବି ଆଟମୋସ୍ ଟେକ୍ନୋଲୋଜି ସହିତ ହରମାନ କାର୍ଡନ୍ ଅଡିଓ ସିଷ୍ଟମ୍, ପାୱାରଡ୍ ଫ୍ରଣ୍ଟ ସିଟ୍ ଏବଂ ମେମୋରୀ ଫଙ୍କସନ୍ ସହିତ ଡ୍ରାଇଭର ସିଟ୍ ଭଳି ଅନେକ ଦମଦାର ଫିଚର୍ସ ସହିତ ଆଣିବ ବୋଲି ଆଶା କରାଯାଉଛି।

# ୧୫ ସୁଦ୍ଧା ସ୍ଥିତି ସୁଧୁରିବ

ନୂଆଦିଲ୍ଲୀ, ୬।୧୨: ଦେଶର ସବୁଠୁ ବଡ଼ ଏୟାରଲାଇନ୍ ଇଣ୍ଡିଗୋରେ ଦେଖାଦେଇଥିବା ସଙ୍କଟର କୌଣସି ଠୋସ୍ ସମାଧାନ ବାଟ ବାହାରିପାରିନାହିଁ। ଫଳରେ ଶୁକ୍ରବାର ଦିନ କମ୍ପାନି ଆଉ ୧୦୦୦ ବିମାନର ଉଡ଼ାଣ ବାତିଲ କରିଛି। ତେବେ ଏହି ଘଟଣାକୁ କେନ୍ଦ୍ର ସରକାର ଗମ୍ଭୀରତାର ସହ ନେଇଛନ୍ତି। ବିଭ୍ରାଟର ପ୍ରକୃତ କାରଣ ଖୋଜିବା ଲାଗି ଏକ ଚାରି ଜଣିଆ କମିଟି ଗଠନ କରାଯାଇଛି। ସୋମବାର ସୁଦ୍ଧା ଏହି ସଙ୍କଟର ସମାଧାନ ହୋଇଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି। କିନ୍ତୁ ଇଣ୍ଡିଗୋର ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଏହି ସମସ୍ୟା ଆଉ କିଛି ଦିନ ଲାଗି ରହିବ। ଚଳିତ ମାସ ୧୫ ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବା ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ପ୍ରଭାବିତ ଯାତ୍ରୀମାନଙ୍କୁ ସେ କ୍ଷମା ମାଗିଛନ୍ତି। ମନ୍ତ୍ରୀ ଶ୍ରୀ ନାଇଡୁ ଆଜି କହିଛନ୍ତି ଯେ ବିମାନ ସେବା ସ୍ୱାଭାବିକ କରିବା ଲାଗି ସମସ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କମ୍ପାନିକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତାକାଲି ସୁଦ୍ଧା ବିମାନ ସମୟ ସୂଚୀ ସ୍ଥିର ହେବ। ତିନିଦିନ ମଧ୍ୟରେ ଉଡ଼ାଣ ସ୍ୱାଭାବିକ ହେବ। ଏହି ସମୟ ଭିତରେ ଯାତ୍ରୀମାନଙ୍କୁ ନିୟମିତ ଓ ସଠିକ୍ ସୂଚନା ଦେବାକୁ କମ୍ପାନିକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବିମାନ ବାତିଲ ହେଲେ ଏୟାରଲାଇନ୍ସ ନିଜ ଆଡୁ ଯାତ୍ରୀଙ୍କୁ ଟିକଟ ମୂଲ୍ୟ ଫେରାଇବେ। ସେଥିପାଇଁ ଯାତ୍ରୀମାନଙ୍କୁ କୌଣସି ଆବେଦନ କରିବାକୁ ପଡ଼ିବ ନାହିଁ। ଦୀର୍ଘ ସମୟ ଅପେକ୍ଷା କରୁଥିବା ଯାତ୍ରୀମାନଙ୍କୁ ହୋଟେଲ୍‌ରେ ରଖିବା ବ୍ୟବସ୍ଥା କରିବାକୁ କମ୍ପାନିକୁ କୁହାଯାଇଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଯାତ୍ରୀମାନଙ୍କୁ ବିଶେଷ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଡ଼ାଣ ବିଳମ୍ବ ଦ୍ୱାରା ପ୍ରଭାବିତ ସବୁ ଯାତ୍ରୀଙ୍କୁ ଜଳଖିଆ ଓ ଅନ୍ୟାନ୍ୟ ଅତ୍ୟାଶ୍ୟକୀୟ ସେବା ଯୋଗାଇଦେବାକୁ କୁହାଯାଇଛି। ଏହି ବିଭ୍ରାଟ ପାଇଁ ଇଣ୍ଡିଗୋ ତରଫରୁ କ'ଣ ଭୁଲ ହୋଇଛି ତାହା ଜାଣିବାକୁ କେନ୍ଦ୍ର ସରକାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଭବିଷ୍ୟତରେ ଏଭଳି ସଙ୍କଟ ରୋକିବା ଲାଗି ସରକାର ପଦକ୍ଷେପ ନେବେ। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ଏକ ଚାରିଜଣିଆ କମିଟି ଗଠନ କରାଯାଇଛି। ୧୫ ଦିନ ଭିତରେ କମିଟି ଏହାର ରିପୋର୍ଟ ଦେବ। ଘଟଣା ଉପରେ ନଜର ରଖିବା, ସୁଧାର ପାଇଁ ପଦକ୍ଷେପ ନେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି। ତାହାର ନମ୍ବର ହେଉଛି ୦୧୧-୨୪୬୧୦୮୪୩, ୦୧୧-୨୪୬୯୩୯୬୩ ଓ ୦୯୬୫୦୩୯୧୮୫୯। ଏହି ସଙ୍କଟର ସମାଧାନ କରିବା ଲାଗି ଏକ ବିରଳ ଘଟଣା ଭାବେ ଇଣ୍ଡିଗୋର ବିମାନ ଚଲାଇବାକୁ ଡିଜିସିଏ ଏହାର ଇନ୍‌ସ୍ପେକ୍ଟରମାନଙ୍କୁ ଅନୁମତି ଦେଇଛି। ଡିଜିସିଏ ପାଞ୍ଚବର୍ଷିଆ ଚୁକ୍ତିରେ ପାଇଲଟ୍‌ଙ୍କୁ ନିଯୁକ୍ତ କରିଥାଏ। ସେମାନେ ଅଡିଟର୍ ଭାବେ କାର୍ଯ୍ୟ କରନ୍ତି। ସେଭଳି ପାଇଲଟ୍ କୌଣସି କମ୍ପାନିର ବିମାନ ଉଡ଼ାଇପାରନ୍ତି ନାହିଁ। ସେହି ନିୟମକୁ କିନ୍ତୁ ଡିଜିସିଏ ବଦଳାଇଛି। ଏଥି ସହିତ ବିଭ୍ରାଟର ମୂଳ କାରଣ ଥିବା ନୂଆ ପାଇଲଟ୍ ବିଶ୍ରାମ ନିୟମକୁ ମଧ୍ୟ ଡିଜିସିଏ କୋହଳ କରିଛି। ଇଣ୍ଡିଗୋ ସଙ୍କଟ ପ୍ରଭାବରେ ଅନ୍ୟ ଏୟାରଲାଇନ୍ସର ଟିକଟ ଦାମ୍ ଆକାଶଛୁଆଁ ସ୍ତରରେ ପହଞ୍ଚିଛି। ଶେଷ ମୁହୂର୍ତ୍ତରେ ଟିକଟ କାଟିବାକୁ ଚାହୁଥିବା ଯାତ୍ରୀମାନଙ୍କୁ ୫ ଗୁଣା ପର୍ଯ୍ୟନ୍ତ ଅଧିକ ଟଙ୍କା ଗଣିବାକୁ ପଡୁଛି। ଦିଲ୍ଲୀ-ମୁମ୍ବାଇରେ ରୁଟ୍‌ରେ ସ୍ପାଇସ୍‌ଜେଟ୍‌ର ଟିକଟ ଦାମ୍ ୩୫,୮୫୧ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଏୟାର ଇଣ୍ଡିଆର ଦାମ୍ ୨୫,୧୬୧ ଟଙ୍କା ରହିଛି।



ଇଣ୍ଡିଗୋ ସିଇଓ ପିଟର ଏଲବର୍ସଙ୍କ ସ୍ପଷ୍ଟୋକ୍ତି

# ଏୟାରଲାଇନ୍ସ କମ୍ପାନୀ ଉପରେ ସରକାର ଲଗାଇଲେ 'ଫେୟାର କ୍ୟାପ୍'

ନୂଆଦିଲ୍ଲୀ,୬।୧୨: ଇଣ୍ଡିଗୋ ସଙ୍କଟ ମଧ୍ୟରେ, ସରକାର ଏବେ ବିମାନ କମ୍ପାନୀଗୁଡ଼ିକ ଉପରେ ଭଡ଼ା ସୀମା ଲାଗୁ କରିଛନ୍ତି। ଘରୋଇ ବିମାନ ଭଡ଼ା ବୃଦ୍ଧି ସମ୍ପର୍କରେ ବଢୁଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶନିବାର ବିମାନ କମ୍ପାନୀଗୁଡ଼ିକ ଉପରେ ଫେୟାର କ୍ୟାପ୍ ବା ଅସ୍ଥାୟୀ ଭଡ଼ା ସୀମା ଲାଗୁ କରିଛି। ଏହା ସହ ସେବାରେ ଜାରି ବ୍ୟବଧାନ ବେଳେ ଉଲ୍ଲଂଘନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛି। ଏହାର ଅର୍ଥ ହେଉଛି ବିମାନ କମ୍ପାନୀଗୁଡ଼ିକ ଆଉ ମନଇଚ୍ଛା ଭଡ଼ା ଲାଗୁ କରିପାରିବେ ନାହିଁ। ଏହି ଭଡ଼ା ସୀମାଗୁଡ଼ିକ ଉପଭୋକ୍ତା ବିକାଶ ଶୁଳ୍କ, ଯାତ୍ରୀ ସେବା ଶୁଳ୍କ ଏବଂ ଟ୍ୟାକ୍ସକୁ ବାଦ୍ ଦେଇ ରହିଛି । ଏହି ସୀମାଗୁଡ଼ିକ ବିଜନେସ୍ କ୍ଲାସ ଏବଂ ଉଡାଣ ଯୋଜନା ଥିବା ବିମାନ ପାଇଁ ଲାଗୁ ହେବ ନାହିଁ। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଏହି ନିର୍ଦ୍ଦେଶ ଏୟାରଲାଇନ୍ସ ୱେବସାଇଟ୍, ଅନଲାଇନ୍ ଟ୍ରାଭେଲ୍ ଏଜେନ୍ସି ଏବଂ ସମସ୍ତ ବୁକିଂ ବିକଳ୍ପ ଉପରେ ଲାଗୁ ହେବ। ସମସ୍ତ ବିମାନ କମ୍ପାନୀଗୁଡ଼ିକୁ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶାବଳୀରେ ନିର୍ଦ୍ଧାରିତ ଭଡ଼ା ସୀମାକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏହି ସୀମା ସେ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଯେଉଁ ଯାଏଁ ସ୍ଥିତି ସ୍ଥିର ନହୋଇଛି । ଏହି ନିର୍ଦ୍ଦେଶାବଳୀର ଉଦ୍ଦେଶ୍ୟ ହେଉଛି ବଜାରରେ ମୂଲ୍ୟ ନିର୍ଦ୍ଧାରଣ ଶୃଙ୍ଖଳା ବଜାୟ ରଖିବା, ସଙ୍କଟଗ୍ରସ୍ତ ଯାତ୍ରୀଙ୍କ ଶୋଷଣକୁ ରୋକିବା ଏବଂ ବରିଷ୍ଠ ନାଗରିକ, ଛାତ୍ର ଏବଂ ରୋଗୀଙ୍କ ସମେତ ଜରୁରୀ ଯାତ୍ରା ଆବଶ୍ୟକତା ଥିବା ନାଗରିକମାନେ ଏହି ସମୟ ମଧ୍ୟରେ ଯେପରି ଆର୍ଥିକ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି।

ମନ୍ତ୍ରଣାଳୟ ପ୍ରକୃତ-ସମୟ ତଥ୍ୟ ଏବଂ ଏୟାରଲାଇନ୍ସ ଏବଂ ଅନଲାଇନ୍ ଯାତ୍ରା ପ୍ଲାଟଫର୍ମଗୁଡ଼ିକ ସହିତ ସକ୍ରିୟ ସମନ୍ୱୟ ମାଧ୍ୟମରେ ଭଡ଼ା ସ୍ତରର କଡ଼ା ନଜର ରଖିବ। ନିର୍ଦ୍ଧାରିତ ମାନଦଣ୍ଡ ପାଳନ କରିବାରେ ବିଫଳ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ସହ ସରକାର ଇଣ୍ଡିଗୋକୁ ରଦ୍ଦ କରାଯାଇଥିବା ଉଡାଣର ଟିକେଟ ଟଙ୍କା ରବିବାର ରାତି ୮ଟା ସୁଦ୍ଧା ଲୋକଙ୍କୁ ଫେରାଇବାକୁ ନିର୍ଦେଶ ଦେଇଛି। ଉଲ୍ଲେଖନୀୟ ଯେ, ଚାଳକ ଦଳର ଅଭାବ ଏବଂ ପରିଚାଳନାଗତ ସମସ୍ୟା ସହିତ ସଂଘର୍ଷ କରୁଥିବା ଇଣ୍ଡିଗୋ ଶୁକ୍ରବାର ଦିନ ସାରା ଦେଶରେ ୧୦୦୦ ରୁ ଅଧିକ ବିମାନ ବାତିଲ କରିଥିଲା, ଯାହା ଫଳରେ ଯାତ୍ରୀମାନଙ୍କୁ ବହୁତ ଅସୁବିଧା ହୋଇଥିଲା। ଶନିବାର ମଧ୍ୟ ବହୁ ୪୫୨ଟି ବିମାନ ବନ୍ଦ ରହିଥିଲା। ଏହି ପରିସ୍ଥିତିରେ, ଶୁକ୍ରବାର ଏବଂ ଶନିବାର ବିମାନ ଭଡା ଆକାଶଛୁଆଁ ହୋଇଥିଲା। ଏୟାରଲାଇନ୍ସ ୱେବସାଇଟ ଅନୁଯାୟୀ, ଡିସେମ୍ବର ୬ ତାରିଖରେ ସ୍ପାଇସଜେଟରେ ଏକପାଖିଆ କୋଲକାତା-ମୁମ୍ବାଇ ବିମାନ ପାଇଁ ଇକୋନୋମି କ୍ଲାସ ଟିକେଟର ମୂଲ୍ୟ ୯୦ହଜାରରେ ରେ ପହଞ୍ଚିଥିଲା। ସେଭଳି ଏୟାର ଇଣ୍ଡିଆରେ ମୁମ୍ବାଇ-ଭୁବନେଶ୍ୱର ଟିକେଟ ୮୪,୪୮୫ ରେ ବିକ୍ରି ହେଉଥିଲା। କିଛି ରୁଟରେ, ଶୁକ୍ରବାର ଦିନ ଭଡା ୧ ଲକ୍ଷ ଅତିକ୍ରମ କରି ଯାତ୍ରୀଙ୍କ ଭିତରେ ଆତଙ୍କ ସୃଷ୍ଟି କରିଥିଲା। ଏବେ, ସରକାରଙ୍କ କଡ଼ା ନିର୍ଦ୍ଦେଶ ପରେ ବିମାନ ଭଡା ନିୟନ୍ତ୍ରଣରେ ରହିବା ସମ୍ଭାବନା ରହିଛି।



# ବ୍ୟାପକ ପରିମାଣର ପୋଚ ଓ ଚୋରା ଦେଶୀମଦ ଜବତ



ବୈଶିଙ୍ଗା,୬।୧୨(ସଂଚାର ବ୍ୟୁରୋ): ବେତନଟୀ ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବହୁଳ ପରିମାଣର ଦେଶୀ ମଦ ଓ ପୋଚ ଜବତ କରିବାସହ ଏହାକୁ ନଷ୍ଟ କରିଥିବା ବେଳେ ସରଞ୍ଜାମ ଗୁଡିକୁ ମଧ୍ୟ ନଷ୍ଟ କରି ଦେଇଛନ୍ତି। ମାତ୍ର ଚୋରା ମଦ ପ୍ରସ୍ତୁତକାରୀ କୌଶଳ କ୍ରମେ ଖସିଯାଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ସମେତ ସଞ୍ଜୟ କୁମାର କାଣ୍ଡି, ଉଦଳା ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରି ଅସ୍ତରଶାଳରୁ ୫୩୨ଶହ କେଜି ପୋଚ ଓ ୪୬୫ଲିଟର ଦେଶୀ ରକ୍ଷୀ ମଦ ଓ କାମନାଗୋଳା ରୁ ୪୬ ଶହ କେଜି ପୋଚ ଓ ୪୨୦ ଲିଟର ଦେଶୀ ରକ୍ଷୀ ମଦ ଜବତ କରି ନଷ୍ଟ କରିଦେଇଥିଲେ। ପୋଚ କୁ ମାଟି ତଳୁ ଉଦ୍ଧାର କରି ନଷ୍ଟ କରିଥିଲେ।

## ରାଇରଙ୍ଗପୁର ମହାବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଦୋଷ ଅଧ୍ୟାପକଙ୍କର ନା ବିଦ୍ୟାର୍ଥୀଙ୍କର

- ଯୁକ୍ତ ୩ ପ୍ରଥମ ବାର୍ଷର ଶତକଡା ୭୦ଭାଗ ଛାତ୍ରଛାତ୍ରୀ ପରୀକ୍ଷାରେ ଫେଲ
- କଲେଜ ପ୍ରଶାସନ ଉପରେ ଅସନ୍ତୋଷ ନେଇ ଛାତ୍ରଛାତ୍ରୀଙ୍କ ଫାଟକରେ ପକାଇଲେ ତାଲା
- ଫାଟକ ସମ୍ମୁଖରେ ଟାୟାର ଜଳାଇ ଦୋଷ ଲଦିଲେ କଲେଜ କର୍ତ୍ତୃପକ୍ଷଙ୍କ ଉପରେ



ବାରିପଦା,୬।୧୨ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହାବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ଭୁସ୍ତୁଡି ଯାଇଛି। ମହାବିଦ୍ୟାଳୟରେ ପାଠପଢ଼ା ଯାଉନାହିଁ ବୋଲି ଛାତ୍ରଛାତ୍ରୀମାନେ ଦୋଷ ଲଦୁଛନ୍ତି ଅଧ୍ୟାପକ ଏବଂ ଅଧ୍ୟାପିକାମାନଙ୍କ ଉପରେ। ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ନିଜ ମଧ୍ୟରେ ଗୁପିଜିମ କରୁଛନ୍ତି।କଲେଜର ଆଲୁମୁନି ନିଷ୍କ୍ରିୟ ତଥା ସ୍ଥାଣୁ ପାଲଟିଛି। ପ୍ରିନସିପାଲ ଙ୍କ ଅଙ୍କୁଶ ନାହିଁ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କ ଉପରେ। ମହାବିଦ୍ୟାଳୟରରେ କୋଟି କୋଟି ଟଙ୍କାର କାମ ଚାଲୁଛି। ସେଠାରେ ସମ୍ପର୍କର ଲାଳ ବହୁଛି।ଗ୍ରୁପିଜିମରେ ମାତିଛନ୍ତି କଲେଜର ଶିକ୍ଷାପ୍ରଶାସକମାନେ। ବିଦ୍ୟାର୍ଥୀମାନଙ୍କ ପାଠପଢ଼ା ବ୍ୟାଘାତ ସୃଷ୍ଟି ହୋଇଛି। ଶ୍ରେଣୀରେ ପାଠପଢ଼ା ହେଉନଥିବାର ଗୁରୁତର ଅଭିଯୋଗ କରୁଛନ୍ତି ବିଦ୍ୟାର୍ଥୀମାନେ। ଯୁକ୍ତ ୩ ରେ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ଅଭାବ । +୨ ର ଅଧ୍ୟାପକ, ଅଧ୍ୟାପିକା, ଏବଂ ଅତିଥି ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ଯୁକ୍ତ ୩ ତଥା ଡିଗ୍ରୀ କଲେଜରେ ପାଠ ପଢ଼ାଉଛନ୍ତି । କଲେଜ କର୍ତ୍ତୃପକ୍ଷ ନିଜ ନିଜର ଅନୁଗତ ମାନଙ୍କୁ ଅତିଥି ଅଧ୍ୟାପକ, ଅଧ୍ୟାପିକା ଏବଂଠିକା କର୍ମଚାରୀ ରେ ରଖିଛନ୍ତି। ଇତିମଧ୍ୟରେ ୪/୧୨/୨୦୨୫ ରିଖରେ ଯୁକ୍ତ ୩ ର ପ୍ରଥମ ବାର୍ଷିକ କଳା, ବିଜ୍ଞାନ ଏବଂ ବାଣିଜ୍ୟର ପରୀକ୍ଷା ଫଳ ପ୍ରକାଶିତ ହୋଇଅଛି। ଶତକଡା ୭୦ ଭାଗ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି।ପରୀକ୍ଷାଫଳ ଶୁଣି ଛାତ୍ରଛାତ୍ରୀମାନେ ଉତ୍ତେଜିତ ହୋଇ ଆଜି ରାଇରଙ୍ଗପୁର ମହାବିଦ୍ୟାଳୟ ସମ୍ମୁଖରେ ତାଲା ପକାଇ ଅପରେ କଲେଜ ପ୍ରଶାସନ ବିରୋଧରେ ନାରା ଦେବା ସହ ଫାଟକରେ ତାଲାମାରିବା ସହ ଟାୟାର ଜାଳି ଅବରୋଧ କରିଥିଲେ। ଲାଇବ୍ରେରୀ ରେ ନୂତନ ଶିକ୍ଷାବର୍ଷରୁ ପୁସ୍ତକ ଏବଂ ପାଠ୍ୟ ଖସଡ଼ା ମିଳୁନାହିଁ। ତେଣୁ ଛାତ୍ରଛାତ୍ରୀମାନେ ପରୀକ୍ଷାଫଳ ପୁନଃମୂଲ୍ୟାଙ୍କନ ହେଉ ଏବଂ ଛାତ୍ରଛାତ୍ରୀମାନଙ୍କୁ ୪୦ ନମ୍ବର ବର୍ଦ୍ଧିତ ଦିଆଯାଉ ବୋଲି ଦାବୀ କରିବା ସହ ଧାରଣାରେ ବସିଥିଲେ।ଏହାକୁ ନେଇ ଛାତ୍ରଛାତ୍ରୀମାନେ ଅଧ୍ୟକ୍ଷଙ୍କୁ ଏକ ଲିଖିତ ଦାବୀପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବୀପତ୍ରରେ ସେମାନେ ପୁନଃ ପରୀକ୍ଷା ଦେବେ ନାହିଁ ଏବଂ ସେମାନଙ୍କ ପରୀକ୍ଷା ଖାତା ପୁନଃ ମୂଲ୍ୟାଙ୍କନ କରାଯାଇ ଶତକଡା ୪୦ ରୁ ଉର୍ଦ୍ଧ୍ୱ ମାର୍କ ଦେବାପାଇଁ ଅନୁରୋଧ କରିଛନ୍ତି। ଆନ୍ଦୋଳନରେ କ୍ରିଷ୍ଟିପ୍ରିୟା, ପୂଜା ଟୁଡୁ, ରାଜଶ୍ରୀ ମଲ୍ଲିକ, ମୁକ୍ତି ନନ୍ଦ ପ୍ରିୟାଂଶା ଦେ, ପ୍ରିୟଦର୍ଶୀ ପାତ୍ର, ଅନିତା ମୁଣ୍ଡା, ତପସ୍ୱିନୀ ପାତ୍ର, ଶିବାନୀ କିସ୍କୁ, ସୁମିତ୍ରା ବାସ୍କେ, ଆଶିଷ ପାତ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ ।

# ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନା ଉପରେ ଉପଖଣ୍ଡସ୍ତରୀୟ କର୍ମଶାଳା




ସୁନ୍ଦରଗଡ଼,୬।୧୨(ସଂଚାର ବ୍ୟୁରୋ): ଜୀବିକା, ପରିଚୟ ଏବଂ ପାରମ୍ପରିକତା, ଏହି ତିନୋଟି ଶବ୍ଦକୁ ଗାଁର ଜଙ୍ଗଲ ଭିତରେ ବଢ଼ିଉଠୁଥିବା ପ୍ରତ୍ୟେକ ପରିବାର ଭଲଭାବେ ବୁଝେ। ସେମାନଙ୍କର ଏହି ଜୀବନ- ଯାତ୍ରାକୁ ସୁରକ୍ଷା ଦେବା ପାଇଁ ଭାରତ ସରକାର ୨୦୦୬ ମସିହାରେ ଆଣିଥିଲା ଏକ ଐତିହାସିକ ନିଷ୍ପତ୍ତି ଜଙ୍ଗଲ ଅଧିକାର ଆଇନ- ୨୦୦୬। ବର୍ଷ ବର୍ଷ ପିଢି ପିଢି ଧରି ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ବସବାସ କରି ଆସୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମାନଙ୍କୁ ସେମାନଙ୍କର ପାରମ୍ପରିକ ଅଧିକାର ଗୁଡିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା ହେଉଛି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଆଇନ, ୨୦୦୬ ର ଆଭିମୁଖ୍ୟ। ଏହି ଆଇନ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ପ୍ରତି ହୋଇ ଆସିଥିବା ଐତିହାସିକ ଅନ୍ୟାୟକୁ ଆଇନଗତ ସ୍ୱୀକୃତି ମାଧ୍ୟମରେ ଦୂର କରିବା ସହ ସେମାନଙ୍କୁ ଜଙ୍ଗଲ ଜମି ଓ ଜଙ୍ଗଲ ସମ୍ପଦର ବ୍ୟବହାର ଉପରେ ଅଧିକାର ପ୍ରଦାନ କରୁଛି। ସେମାନଙ୍କର ଖାଦ୍ୟ ସୁରକ୍ଷାକୁ ସୁରକ୍ଷିତ କରିବା ସହ ପରିବେଶ ସନ୍ତୁଳନକୁ ରକ୍ଷା କରିବା ଓ ବନବାସୀ ମାନଙ୍କର ସହଭାଗିତାରେ ଜଙ୍ଗଲ ସମ୍ବଳର ସଂରକ୍ଷଣକୁ ସୁଦୃଢ କରିବା ଦିଗରେ ଏହି ଅଧିନିୟମ ସହାୟକ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଶନିବାର ବଣାଇଁଗଡ଼ ଆଇ.ଟି.ଡି.ଏ. ସମ୍ମିଳନୀ କକ୍ଷ ଠାରେ ଗୋଷ୍ଠିଗତ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନା ଉପରେ ଏକ ଉପଖଣ୍ଡ ସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

# ବିଜେପି ନବନିର୍ବାଚିତ ରାଜ୍ୟ ଉପସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଳାହାଣ୍ଡି,୬।୧୨(ସଂଚାର ବ୍ୟୁରୋ): ରାଜ୍ୟ ବିଜେପି ର ନବନିର୍ବାଚିତ ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା ଙ୍କୁ କୋକସରା ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶନିବାର କୁସୁମଖୁଣ୍ଟି ଶିବ ମନ୍ଦିର ପ୍ରାଙ୍ଗଣରେ ସ୍ୱାଗତ ସମର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସମ୍ବର୍ଦ୍ଧନା ସଭାରେ ଶ୍ରୀ ପଣ୍ଡା ଦଳୀୟ କର୍ମକର୍ତ୍ତା ଙ୍କୁ ରାଜ୍ୟ ସରକାର ଙ୍କ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନେତୃତ୍ୱ କୁ ଟାଣ କରିବାକୁ ପରାମର୍ଶ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ଲକ୍ଷ୍ମୀକାନ୍ତ ବାଗ, ଧର୍ମଗଡ଼ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କୁନ୍ତୀ ପାଲ, ବିଭୂତି ଭୂଷଣ ପୁରୋହିତ, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ପତବନ୍ତ ସିଂ, ପଦ୍ମନ ମହାକୁଡ, ମହିଳା ନେତ୍ରୀ ପ୍ରତିମା ପୁଝାରୀ, ବରିଷ୍ଠ ନେତା ସୁଧିର ପାତ୍ର, ଆମପାଣି ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା, ମୋଟେର ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଧବଳେଶ୍ୱର ଗୋପାଳ, କୋକସରା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି କ୍ଷୀରସିନ୍ଧୁ ନେଗି, କୋକସରା ମଣ୍ଡଳ ସାଧାରଣ ସମ୍ପାଦକ ସାରଳା ପ୍ରଧାନ, ମନୋଜ କୁମାର ନାଏକ, ଆମପାଣି ମଣ୍ଡଳ ସାଧାରଣ ସମ୍ପାଦକ ତୁଲାରମ ନାଏକ, ଦ୍ରୋଣଚାର୍ଯ୍ୟ ଗୋପାଳ, ମୋଟେର ମଣ୍ଡଳ ସାଧାରଣ ସମ୍ପାଦକ ରାଧେଶ୍ୟାମ ଗୋପାଳ, କମଳ ଲୋଚନ ଦଳପତି ସମେତ ଅନ୍ୟ କର୍ମି ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା

କନ୍ଧମାଳ,୬।୧୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଦୁତିପଡା ଠାରେ ଆଜି ବ୍ଲକ ସ୍ତରୀୟ ବିଜ୍ଞାନ କୁଇଜ୍ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜାନକୀ ଜାନୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲିକ, ନାର୍ସୁ କହଁର ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଅମ୍ବିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜୁନିଅର ବିଭାଗରେ ସୁଡ୍ରେଜୁ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମତିକା କହଁର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେ ଏମ୍ ଆର ଏସ୍ ଖଜୁରୀପଡ଼ା ଛାତ୍ରୀ କଲ୍ୟାଣୀ କହଁର ଦିତୀୟ, ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖଜୁରୀପଡ଼ା ଛାତ୍ର ସାଇ ପ୍ରତୀକ୍ଷା କବି ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହିପରି ସିନିଅର ବିଭାଗରେ ଓ ଏ ଭି ବିଦ୍ୟାଳୟ ଦୁତୀମେଣ୍ଡି ଛାତ୍ର ଆଶୁତୋଷ ସାହୁ ପ୍ରଥମ ସ୍ଥାନ, ଏମ୍ ବି ଡି ଉଚ୍ଚ ବିଦ୍ୟାଳୟ କଲାଡି ଛାତ୍ରୀ ଶିବାନୀ କହଁର ଦିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୁତୀପଡା ଛାତ୍ରୀ ଦୀପ୍ତିମୟୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# କଣାସରୁ ବଲେରୋ ଚୋରି

କଣାସ,୬।୧୨(ସଂଚାର ବ୍ୟୁରୋ): ଗତକାଲି ମଧ୍ୟରାତ୍ରରେ କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର କଣାସ ଗୋଲାବଜାର ନିକଟରେ ଥିବା ହଟାଚାଳି ମଧ୍ୟରେ ଜାଗୁଲେଇପଦର ଗ୍ରାମର ରମାକାନ୍ତ ବେହେରାଙ୍କ ଓଆର୦୨ବିଭି୩୬୭୩ ନମ୍ବର ବୋଲେର ସବୁଦିନ ପରି କାଲି ମଧ୍ୟ ରହିଥିଲା। ମଧ୍ୟରାତ୍ରରେ କେତେକ ଦୃର୍ବୁତ ବୋଲେରର ଚାବି ଭାଙ୍ଗି ଷ୍ଟାଟକରି ନେବା ସମୟରେ ବୋଲେରୋ ରଖି ବୁଝା ସୁଝା କରୁଥିବା ଜଣେ ବିକ୍ତି ଉଠିଦେଖନ୍ତିତ ବୋଲେରଟି କିଛିବାଟ ଚାଲିଗଲାଣି। ସେ ସଂଗେ ସଂଗେ ମଟରସାଇକେଲ ଧରି ଦୁଇଭାଇ ବୋଲେରକୁ ଧରିବା ପାଇଁ ପିଛା କରିବା ସମୟରେ କଣାସ ଥାନା ନିକଟରେ ଦେଖନ୍ତି ଏକ ନବର ବିହନି ଟାଟାଏସି ଯାଉଛି। ଟାଟାଏସିକୁ ରୋକିବା ପାଇଁ କହିଲେ ମଧ୍ୟ ସେ ନ ରୋକି ଓଲୋଟି କହିଲା ଗାଡି ଆଗକୁ ଆସିଲେ ମଡାଇଦେବି। ଦୁଇଭାଇ ନିରାଶ ହୋଇ ଥାନା ଗଟେ୍ ବାଡେ ବାଡେ ଘରକୁ ଫେରିଲେ। ସକାଳୁ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ଶିଶୁ ଖାଦ୍ୟ ନିମ୍ନମାନ ଓ ପୋକ ସାଲୁବାଲ ଅଭିଯୋଗ ପରେ ତଦନ୍ତକାରୀ ଦଳ ପହଞ୍ଚିଲେ



କଣାସ,୬।୧୨(ସଂଚାର ବ୍ୟୁରୋ): କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତର ୨୮୫ଟି ଅଙ୍ଗନବାଡି କେନ୍ଦ୍ର ଓ ଗର୍ଭବତୀ ମହିଳାମାନଙ୍କୁ କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ଦେଠିଆପଡ଼ା ଠାରେ ପ୍ରତିଷ୍ଠିତ ଚଣ୍ଡି ସ୍ୱଂୟ ସହାୟକ ଗୋଷ୍ଠୀ ପକ୍ଷରୁ ସମସ୍ତ କେନ୍ଦ୍ରକୁ ଛତୁଆ ଓ ସୁଜି ଯୋଗାଦିଆଯାଉଛି। କିଛି ଦିନ ତଳେ ଛତୁଆ ନିମ୍ନମାନର ଓ ପୋକ ସାଲୁବାଲ ହେଉଥିବା ଅଭିଯୋଗ ସିଡିପିଓ, ବିଡିଓ ଓ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଆଜି ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଦଳ ପୁରୀରୁ ଖାଦ୍ୟ ନିରୀକ୍ଷଣ ପାଇଁ ଦେଠିଆପଡ଼ା ଠାରେ ପହଞ୍ଚିବାପରେ କଣାସ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ମିତା ମହାନ୍ତି, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ୍, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ବିବେକ ଅନୁରାଗ ଛତୁଆ ପ୍ରସ୍ତୁତ କରାଯାଉଥିବା ସ୍ଥଳରେ ପହଞ୍ଚି ଛତୁଆ ପ୍ରସ୍ତୁତରେ କେଉଁ କେଉଁ ଜିନିଷ ମିଶ୍ରଣ କରାଯାଉଛି ଟିକିନିଖି ବୁଝିବା ସହିତ ପ୍ରସ୍ତୁତ ହୋଇ ରହିଥିବା ଛତୁଆର ମାନ ପରୀକ୍ଷା ପାଇଁ କେତେକ ପରିମାଣର ଛତୁଆ ନେଇ ଲାବରେଟୋରୀକୁ ପଠାଇଥିବା ଜଣାପଡ଼ିଛି।

# ସମ୍ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଜାତିକ କର୍ମଶାଳା



ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ): ଉତମ ସ୍ୱାସ୍ଥ୍ୟ ସେବା ଏବଂ ଏ ଦିଗରେ ଉତ୍କର୍ଷତା ହାସଲ ନିମନ୍ତେ ସାମାଜିକ ଓ ମାନବିକ ଦୃଷ୍ଟିକୋଣରୁ ଗବେଷଣାର ଆବଶ୍ୟକତା ରହିଛି ବୋଲି ଆଇଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଆଶିଷ ଘୋଷ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ 'ଏଭିଡେନ୍ସ ବେସ୍ଡ ପ୍ରାକ୍ଟିସ୍ ଆଣ୍ଡ ଇନୋଭେସନ ଇନ୍ ହେଲ୍‌ଥ କେୟାର ରିସର୍ଚ୍ଚ: ଅପ୍ଟିମାଇଜିଂ କ୍ୱାଲିଟି ଆଣ୍ଡ ଏକ୍ସିଲେନ୍ସ' ଶୀର୍ଷକ ଆର୍ନ୍ତଜାତିକ କର୍ମଶାଳାରେ ପ୍ରଫେସର ଘୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଲୋଚନାଚକ୍ରରେ ରୋଗୀକୁ କଷ୍ଟମୁକ୍ତ କରିବା ନେଇ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁ ବିଷୟକ ଦୃଷ୍ଟିକୋଣରୁ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡିଚରଣ ରଥ ଯୋଗ ଦେଇ ଗବେଷଣାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏସଏଚଏସ୍ଆରସି, ଓଡ଼ିଶାର ଟିମ ଲିଡର ଡକ୍ଟର ଦୀନବନ୍ଧୁ ସାହୁ ମଧ୍ୟ ସମ୍ମିଳନୀରେ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ୧୩ଟି ସାଇନ୍‌ଟିଫିକ୍ ସେସନ୍, ୮୭ଟି ଓରାଲ ପେପର ଏବଂ ୭ ଟି ପୋଷ୍ଟର ଉପସ୍ଥାପନ କରାଯାଇଥିଲା। ଓଡ଼ିଶା ଓ ଓଡ଼ିଶା ବାହାରର ବିଭିନ୍ନ ନର୍ସିଂ କଲେଜରୁ ୭୬୩ ଜଣ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

## ● ବିକଶିତ ଭାରତ ଗଠନ ଆଦର୍ଶରେ

# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ବିଜ୍ଞାନମେଳା



ବାଲେଶ୍ୱର,୬।୧୨(ସଂଚାର ବ୍ୟୁରୋ): ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀଠାରେ ସ୍ଥାପିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ପ୍ରଥମଥର ପାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଶିକ୍ଷଣୀୟ 'ବିଜ୍ଞାନମେଳା' ଅନୁଷ୍ଠିତ ହୋଇଯାଇଛି। ଆତ୍ମନିର୍ଭରଶୀଳ ଭାରତର ବିକାଶ ସମଗ୍ର ବିଶ୍ୱରେ ସବୁରି ଦୃଷ୍ଟି ଆକର୍ଷଣ କରୁଥିଲାବେଳେ ବିଦ୍ୟାଳୟ ପ୍ରତିଷ୍ଠାତା ଭାସ୍କରଚନ୍ଦ୍ର ପାଣିଗ୍ରାହୀ ଓ ଅନୁଷ୍ଠାନର ଉପ-ସଭାପତି କବି ଶ୍ରୀଦେବଙ୍କ ଦ୍ୱାରା ଏହି ଅଭିନବ 'ବିଜ୍ଞାନମେଳା'କୁ ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଅର୍ପିତା ପାଣିଗ୍ରାହୀ, ଫାରିନ୍ ଆଫ୍ରୋଜ୍, ଈପ୍‌ସିତା ପାଣିଗ୍ରାହୀ, ଅୟସ୍ମିତ୍ ସାମଲ, ମହମ୍ମଦ ସୋହେବ୍, ଜନ୍ମେଜୟ ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ପ୍ରତ୍ୟୁଷ ମାଝି, ସୌମ୍ୟରଞ୍ଜନ ମାସନ୍ତ, ସୀତାଂଶୁ ବେହେରା, ଆଲିଶା ମିଶ୍ର, ପୁନାମ୍ ମାଇତି, ତନ୍ମୟ କୁମାର ସାମଲ ପ୍ରମୁଖଙ୍କ ଦ୍ୱାରା ୨୭ପ୍ରକାର କରାଯାଇଥିବା ଆକର୍ଷଣକାରୀ ପ୍ରୋଜେକ୍ଟକୁ ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ଦର୍ଶକମାନଙ୍କୁ ସ୍ୱ-ଅଭିବ୍ୟକ୍ତି ବ୍ୟାଖ୍ୟା କରିଥିଲେ। ଅଧ୍ୟକ୍ଷା ସରୋଜିନୀ ମିଶ୍ର, ପ୍ରଣୀତା ପାଣିଗ୍ରାହୀ, ଜ୍ଞାନପ୍ରକାଶ ପାଣିଗ୍ରାହୀ ଏବଂ ଜୟନ୍ତ ଦାସ ପ୍ରମୁଖଙ୍କ ମିଳିତ ଉଦ୍ୟମରେ 'ବିଜ୍ଞାନମେଳା'ର ଉଦ୍ୟମ ଉପସ୍ଥିତ ଅଭିଭାବକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ପ୍ରକଳ୍ପ ନିର୍ମାତା ଛାତ୍ରଙ୍କୁ ସମ୍ବର୍ଦ୍ଧିତ

କଣାସ,୬।୧୨(ସଂଚାର ବ୍ୟୁରୋ): ଗତକାଲି କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର କଣାସ ଠାରେ ପ୍ରତିଷ୍ଠିତ ସର୍ବପୁରାତନ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇକୋକ୍ଲବ ପକ୍ଷରୁ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଏହି ବିଜ୍ଞାନମେଳାରେ ୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସେଥିମଧ୍ୟରୁ ଦେଠିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ବିଦ୍ୟାଳୟର ଛାତ୍ର ସତ୍ୟପ୍ରକାଶ ନାୟକ ନିର୍ମାଣ କରିଥିବା ପ୍ରକଳ୍ପ ବର୍ଷାଜଳ ସରେସଂକ୍ଷଣ ଓ ବିନିଯୋଗ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନିତ ହୋଇଥିବାରୁ ତାଙ୍କୁ ଆଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ମହାପାତ୍ର ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରିଥିଲେ ଏବଂ ପ୍ରଧାନଶିକ୍ଷକ ତାଙ୍କୁ ଗାଇଡ୍ ଶିକ୍ଷକ ଭାବେ ମଧ୍ୟ ସହାୟତା ପ୍ରଦାନ କରିଥିଲେ।

# ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା: ଶୀତର ମଜା ଉଠାଉଛନ୍ତି ପର୍ଯ୍ୟଟକ

ଜି.ଉଦୟଗିରି,୬।୧୨(ସଂଚାର ବ୍ୟୁରୋ): ଜି.ଉଦୟଗିରି ଅଞ୍ଚଳରେ ଫେରିଛି ହାଡ଼ଭଙ୍ଗା ଶୀତ। ସରକାରୀ ସୂଚନା ଅନୁସାରେ କନ୍ଧମାଳ ଜିଲାରେ ସର୍ବନିମ୍ନ ତାପମାତ୍ରା ସହ ପ୍ରବଳ ଥଣ୍ଡାର ସହର ଭାବେ ଜି.ଉଦୟଗିରି ପରିଚିତ ହୋଇଥିଲେ ମଧ୍ୟ ସରକାରୀ ସ୍ତରରେ ପର୍ଯ୍ୟଟନକୁ ପ୍ରାଧାନ୍ୟତା ଦିଆଯାଇ ନ ଥିବା ନେଇ ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି। ରାଜ୍ୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଶନିବାର ଫୁଲବାଣୀରେ ତାପମାତ୍ରା ୮.୫, ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ରହିଥିବା ବେଳେ ଜି.ଉଦୟଗିରି ରେ ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଛି। ବିଗତ କିଛି ବର୍ଷ ହେଲାଣି ଦାରିଙ୍ଗବାଡ଼ି ଠାରୁ କମ୍ ତାପମାତ୍ରା ସହ ବେଶୀ ଶୀତ ଅନୁଭୂତ ହେଉଥିବା ନେଇ ପ୍ରଶାସନ ଅବଗତ ଥିଲେ ମଧ୍ୟ ଜି.ଉଦୟଗିରିଠାରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ କରାଯାଇ ପାରିନାହିଁ। ସହରରେ ରେକର୍ଡ କରାଯାଇଥିବା ତାପମାତ୍ରା ତୁଳନାରେ ଗ୍ରାମାଞ୍ଚଳରେ ତାପମାତ୍ରା ଆହୁରି କମ୍ ରହୁଥିବା ବେଳେ ଥଣ୍ଡା ଯୋଗୁଁ ଗରିବ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ତମାଖୁ ମୁକ୍ତ ଯୁବା ଅଭିଯାନ ଓ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,୬।୧୨(ସଂଚାର ବ୍ୟୁରୋ): ସୋନପୁର ବ୍ଲକ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ, ନନ୍ଦନମାଲ ଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ବିଦ୍ୟାଳୟ ର ସମସ୍ତ ଶିଶୁ ମାନଙ୍କ ରୋଗ ଚିହ୍ନଟ ସହ ସେମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା। ଓ ଶେଷରେ ତମାଖୁ ମୁକ୍ତ ଯୁବା ଅଭିଯାନ ଓ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଡ଼ା. ସରୋଜ କୁମାର ପଟେଲ, ଫର୍ମାସୀ ଅଫିସର ହୃଷିକେଶ ମିଶ୍ର ଯୋଗଦାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟରାମ ପଣ୍ଡା ଓ ଶିକ୍ଷକ ବାସୁଦେବ ମେହେର, ସହଯୋଗ କରିଥିଲେ।



# ମଛପଦା ଠାରେ ବ୍ଲକ୍ ଓଷ୍ଟା ଶିଶୁ ମେଳା



ବୈଶିଙ୍ଗା,୬।୧୨(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ମଛପଦା ଠାରେ ବେତନଟୀ ବ୍ଲକ ଓଷ୍ଟା ପକ୍ଷରୁ ଆୟୋଜିତ ବ୍ଲକ୍ ସ୍ତରୀୟ ଶିଶୁ ମେଳା ଗୋପବନ୍ଧୁ ଶିକ୍ଷା ନିକେତନ ଠାରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକର ୧୬ ଟି ହାଇସ୍କୁଲ ରୁ ୧୨୫ ଜଣ ଛାତ୍ର ଛାତ୍ରୀ ଏହି ଶିଶୁ ମେଳା ରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ୍ ସଭାପତି ଶିଶିର କୁମାର ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଓଷ୍ଟା ସଂଘ ର ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସନ୍ତରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମଣୀ ହାଃସଦା, ସମିତି ସଭ୍ୟା ସୁମତି ପୃଷ୍ଟି, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରିହର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଚତୁର୍ଭୁଜ ପୃଷ୍ଟି, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ଓ ବ୍ଲକ୍ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପ୍ରତିଯୋଗିତା ସରିବା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓଷ୍ଟା ବ୍ଲକ୍ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଷ୍ଟା ଜିଲ୍ଲା ସଂପାଦକ, ମୁଖ୍ୟ ବକ୍ତା ଭାବରେ ସହିଦ୍ ମେମୋରିଆଲ କଲେଜ ର ଅଧ୍ୟକ୍ଷ ଡ. ଡିଲିପ କୁମାର ଭୋଇ, ସାରସ୍ୱତ ବକ୍ତା ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ଜୟ ଚନ୍ଦ୍ର ବେହେରା, ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରିହର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ, ମେର୍ଡା ହାଇସ୍କୁଲ ର ବରିଷ୍ଠ ଶିକ୍ଷକ ପ୍ରୀୟନାଥ ପାଣି, ବ୍ଲକ୍ ସଂପାଦକ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ।

# ଟାଟା ପାୱାର ପକ୍ଷରୁ ରାଇକମା ଆଶ୍ରମ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ



ବୈଶିଙ୍ଗା,୬।୧୨(ସଂଚାର ବ୍ୟୁରୋ): ଆଜି ଟିପିଏନ୍ଓଡିଏଲ୍, ବାଲେଶ୍ୱରଙ୍କ ଆନୁକୁଲ୍ୟରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଉତ୍ସବରେ ଟିପିଏନ୍ଓଡିଏଲ୍ ର ଉର୍ଜ କୋଡିନେର୍ଟ ଶାନ୍ତନୁ କୁମାର ନାୟକ ତଥା ସ୍ଥାନୀୟ ଲାଇନ ମ୍ୟାନ ହରିମୋହନ ମହାନ୍ତ ଉପସ୍ଥିତ ରହି ପିଲାମାନଙ୍କୁ ଶକ୍ତି ସଂରକ୍ଷଣ ଦିଗରେ ପଦକ୍ଷେପ ନେବାକୁ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ। ଏକ ସୁନ୍ଦର ଭବିଷ୍ୟତ ତଥା ବିକଶିଶ ଭାରତ ନିର୍ମାଣ ନିମନ୍ତେ ଶକ୍ତି ସଂରକ୍ଷଣର ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସରସ୍ୱତୀ ଜେନା, ଦିପାଞ୍ଜଳି ଦାସ, ସୁବାସିନୀ ପରିଡା, ପ୍ରତିମା ପରିଡା, ସୁକାନ୍ତି ବିଶ୍ୱାଳ, ମାଳତୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।ଏହି ଅବସରରେ ହୋଇଥିବା କୁଇଜ ତଥା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ● ଦେଶୀ ମଦ ଭାଟିକୁ ସ୍ଥାନାନ୍ତର ଦାବି

# ପଞ୍ଚାୟତ ପ୍ରତିନିଧି ଓ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ

ଲାଞ୍ଜିଗଡ଼,୬।୧୨(ସଂଚାର ବ୍ୟୋରୋ): ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ ଲାଞ୍ଜିଗଡ଼ରୋଡ଼ ଠାରୁ କଦମ୍ବଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଅବସ୍ଥିତ(କାକଭଟା)ଦେଶୀ ମଦଭାଟିକୁ ସ୍ଥାନାନ୍ତର ଦାବିରେ ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ମହିଳାମାନେ ଶନିବାର କଳାହାଣ୍ଡି ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ସିକେରକୁପା ଠାରୁ କଦମ୍ବଗୁଡ଼ା ଭାୟା ନର୍ଲା ମୁଖ୍ୟରାସ୍ତାର ଲାଞ୍ଜିଗଡ଼ରୋଡ଼ ଠାରେ ଦୀର୍ଘ ଦିନରୁ ଆସ୍ଥାନ ଜମାଇଥିବା ଦେଶୀ ମଦଭାଟିକୁ ନେଇ ଅନେକ ଅଭିଯୋଗ ସାମ୍ନାକୁ ଆସିଛି। ମୁଖ୍ୟ ରାସ୍ତାକୁ ଲାଗିଥିବା ଏହି ଦେଶୀ ମଦଭାଟିରେ ସକାଳୁ ବିଳମ୍ବିତ ରାତିଯାଏଁ ମଦୁଆଙ୍କ ଭିଡ଼ ଲାଗିରହିଥାଏ। ସେହିପରି ମୁଖ୍ୟ ରାସ୍ତାକୁ ଲାଗି ରହିଥିବା ଏହି ଭାଟିର ୪ଶହ ମିଟର ଦୂରରେ ଥିବା ଦୁର୍ଭଟା ଠାରେ ରହିଛି ଲାଞ୍ଜିଗଡ଼ରୋଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଜୁନିୟର କଲେଜ) ଥିବାବେଳେ ଏହି ରାସ୍ତା ଦେଇ ଯାଉଥିବା ଛାତ୍ରଛାତ୍ରୀ ବିଶେଷ କରି ଛାତ୍ରୀମାନେ ମଦୁଆମାନଙ୍କ ଦୌରାତ୍ମ୍ୟର ଶିକାର ହୋଇଥାନ୍ତି। ସେହିପରି ଲାଞ୍ଜିଗଡ଼ରୋଡ଼ ଅଞ୍ଚଳର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଯାନବାହନ ଏବଂ ବ୍ଲକ ଓ ଜିଲ୍ଲା କାର୍ଯ୍ୟରେ ଲୋକେ ଯାତାୟତ କରିଥାନ୍ତି।



# ଦହି ଓ ବାସି ରୁଟି ଖାଇଲେ ମିଳିବ ଅନେକ ଫାଇଦା



ଅଧିକାଂଶ ଭାରତୀୟ ଘରେ, ଗରମ ଏବଂ ତାଜା ରୋଟି ଖାଇବା ଏକ ସାଧାରଣ କଥା। ହେଲେ ବଳକା ଥିବା ରୋଟିକୁ ପ୍ରାୟତଃ ଫୋପଡା ଯାଏ କାରଣ ଏହାକୁ ଖାଇବା ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଏ, କିନ୍ତୁ ଏହା କ'ଣ ପ୍ରକୃତରେ ସତ୍ୟ, ଏବଂ ଯେତେବେଳେ ଆପଣ ବଳକା ଥିବା ରୋଟି ଖାଆନ୍ତି ସେତେବେଳେ କ'ଣ ହୁଏ ? କୁହାଯାଏ ଯେ ଯେକୌଣସି ରନ୍ଧା ଖାଦ୍ୟ ତିନି ଘଣ୍ଟା ମଧ୍ୟରେ ଖାଇବା ଉଚିତ କାରଣ ଏହା ଭଲ ହଜମ ଏବଂ ପୁଷ୍ଟିକର ପଦାର୍ଥର ଶୋଷଣରେ ସାହାଯ୍ୟ କରେ। ହେଲେ ବର୍ଷ ବର୍ଷ ଧରି, ଏହି କାହାଣୀରେ ପରିବର୍ତ୍ତନ ଆସିଛି କାରଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଫର୍ମେଣ୍ଟେଡ୍ ଖାଦ୍ୟ ଖାଇବା ମେଟାବୋଲିକ୍ ହାରକୁ ଉନ୍ନତ କରିବାରେ ସାହାଯ୍ୟ କରେ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଅତ୍ୟାବଶ୍ୟକ। ଆସନ୍ତୁ ଜାଣିବା ବାସି ରୋଟି ଏବଂ ଦହିର ଏହି ଅନନ୍ୟ ମିଶ୍ରଣ ବିଷୟରେ କ୍ଷୀର ଏବଂ କ୍ଷୀରରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକ ପୁଷ୍ଟିକର ପଦାର୍ଥରେ ଭରପୂର । ଯାହା ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ସେଥି ମଧ୍ୟରୁ ଗୋଟିଏ ହେଉଛି ଦହି । ଦହି ଏକ ଶକ୍ତିଶାଳୀ ପ୍ରୋବାୟୋଟିକ୍, ଯାହା ପେଟର ଭଲ ଜୀବାଣୁକୁ ପ୍ରୋତ୍ସାହିତ କରିବା ପାଇଁ ଲାଭଦାୟକ। ଏହା ପ୍ରୋଟିନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଭିଟାମିନ୍ ବି୨, ୬, ୧୨ ଏବଂ ରାଇବୋଫ୍ଲାଭିନ୍ ସମେତ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥର ଏକ ମହାନ ଉତ୍ସ। ଏହା ଦହି ସେବନକୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ କରିଥାଏ। ଲୋକମାନେ ଦହି ସାଲାଡ, ଲସି, ସ୍ମୁଦି, ଦହି-ଚିନି ଏବଂ ଅନ୍ୟାନ୍ୟ ଅନେକ ପ୍ରକାରରେ ଦହି ସେବନ କରନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଖାଦ୍ୟ ସମୟରେ ରୋଟି ସହିତ ଦହି ଖାଇବା କେବଳ ଅନେକ ଲାଭ ପ୍ରଦାନ କରେ ନାହିଁ ବରଂ ଅନେକ ଗମ୍ଭୀର ରୋଗକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ ? ଦହି ଏବଂ ରୁଟି ଖାଇବାର ଲାଭ ବିଷୟରେ ଆସନ୍ତୁ ଜାଣିବା ।

ପାଚନ କ୍ରିୟାକୁ ଉନ୍ନତ କରେ: ରୁଟି ସହିତ ଦହି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହେବାରେ ସାହାଯ୍ୟ କରେ ଏବଂ ପୁଷ୍ଟିକର ଅବଶୋଷଣକୁ ଉନ୍ନତ କରେ। ଏହା ଆପଣଙ୍କ ପାଚନ ସ୍ୱାସ୍ଥ୍ୟକୁ ଉନ୍ନତ କରେ।

**ପେଟ ସମସ୍ୟା ଦୂର କରେ:** ଦହିକୁ ସର୍ବୋତ୍ତମ ପ୍ରୋବାୟୋଟିକ୍ସ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯେତେବେଳେ ରୋଟି ଫାଇବରରେ ଭରପୂର। ଏହି ମିଶ୍ରଣ ଅନ୍ତନଳୀରେ ଭଲ ବ୍ୟାକ୍ଟେରିଆ ବୃଦ୍ଧି କରେ, ଯାହା ଭଲ ହଜମରେ ସାହାଯ୍ୟ କରେ। ଏହା ବଦହଜମୀ, କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟ ଫୁଲିବା ଏବଂ ଅନ୍ତନଳୀ ପ୍ରଦାହ ଭଳି ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ:** ପୁଷ୍ଟିସାରରେ ଭରପୂର, ଏହି ମିଶ୍ରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସାହାଯ୍ୟ କରେ। ଏହା ଶରୀରର ଥଣ୍ଡା, ଜ୍ୱର, ଋତୁକାଳୀନ କିମ୍ବା ଭାଇରାଲ୍ ସଂକ୍ରମଣ ସହିତ ଲଢ଼ିବାର କ୍ଷମତା ବୃଦ୍ଧି କରେ। ଏହା ଶରୀରର ଶକ୍ତିକୁ ମଧ୍ୟ ମଜବୁତ କରେ।

ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ: ଦହି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ରୋଟି ସହିତ ଦହି ଖାଇବା ଚାପ ଏବଂ ଚିନ୍ତାକୁ କମ କରିବାରେ ସାହାଯ୍ୟ କରେ, ଆପଣଙ୍କୁ ଶାନ୍ତ ଏବଂ ଖୁସି ଅନୁଭବ କରାଏ।

**ରକ୍ତଚାପକୁ ନିୟନ୍ତ୍ରଣ କରେ:** ପ୍ରତିଦିନ ରୋଟି ସହିତ ଦହି ଖାଇବା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ହୃଦସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

ହାଡ଼କୁ ମଜବୁତ କରେ: ଏହାର ଉଚ୍ଚ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ହେତୁ, ଦହି ହାଡ଼କୁ ମଜବୁତ କରିବାରେ ବହୁତ ସହାୟକ। ଏହା ଆପଣଙ୍କ ଦାନ୍ତକୁ ମଧ୍ୟ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବା ଏବଂ ଗଣ୍ଠି ଯନ୍ତ୍ରଣାର ଆଶଙ୍କା କମ କରେ।

ଏହା ମଧ୍ୟ ଧ୍ୟାନ ଦିଅନ୍ତୁ: ଡାଏଟିସିଆନଙ୍କ ଅନୁସାରେ, ଯଦି ଆପଣ ଦହି ଏବଂ ରୋଟିର ସ୍ୱାସ୍ଥ୍ୟ ଲାଭ ଉପଭୋଗ କରିବାକୁ ଚାହାଁନ୍ତି, ତେବେ ଅପରାହ୍ନରେ ସେଗୁଡ଼ିକୁ ଖାଇବା ଭଲ। ଆପଣ ମଧ୍ୟାହ୍ନ ଭୋଜନ ସହିତ ଦହି ଖାଇପାରିବେ। ହେଲେ, ରାତ୍ରୀ ଭୋଜନରେ ଦହି ଖାଇବାରୁ ଦୂରେଇ ରୁହନ୍ତୁ, କାରଣ ଏହା ଲାଭ ଅପେକ୍ଷା ଅଧିକ କ୍ଷତି କରିପାରେ।



# ଅଣ୍ଡା ପରିବର୍ତ୍ତେ ଡାଏଟ୍‌ରେ ସାମିଲ କରନ୍ତୁ ସବୁଜ ପନିପରିବା

ପ୍ରୋଟିନଯୁକ୍ତ ଖାଦ୍ୟ ଆମ ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯାହା ମାଂସପେଶୀକୁ ଗଠନ କରିବାରେ ସାହାଯ୍ୟ କରିଥାଏ। ସେତିକି ନୁହେଁ ପୋଷକଯୁକ୍ତ ଖାଦ୍ୟ ଆମକୁ ଏନର୍ଜି ଦେଇଥାଏ। ତେଣୁ ପ୍ରୋଟିନଯୁକ୍ତ ଖାଦ୍ୟ ନିଜ ଡାଏଟ ଲିଷ୍ଟରେ ସାମିଲ କରିବା ଉଚିତ୍। ଅଣ୍ଡାକୁ ପ୍ରୋଟିନର ଏକ ମୁଖ୍ୟ ଉତ୍ସ ଭାବେ ବିବେଚନା କରାଯାଏ। ୧ ଅଣ୍ଡା ଆମ ଶରୀରକୁ ପ୍ରାୟ ୬ ଗ୍ରାମ ପ୍ରୋଟିନ ଦେଇଥାଏ। ତେଣୁ ଅଧିକାଂଶ ସମୟରେ ନିରାମିଷ ଖାଦ୍ୟକୁ ପ୍ରୋଟିନର ଉତ୍ସ ବୋଲି ଅଣଦେଖା କରାଯାଏ। କିନ୍ତୁ ଏମିତି କିଛି ସବୁଜ ପନିପରିବା ରହିଛି ଯାହା ଅଣ୍ଡା ଅପେକ୍ଷା ଆମକୁ ଅଧିକ ପ୍ରୋଟିନ୍ ଯୋଗାଇବାରେ ଏକ ଭୂମିକା ନିର୍ବାହ କରିଥାଏ। ଅନେକ ସମୟରେ ନିରାମିଷ ଲୋକମାନେ ମଧ୍ୟ ଏହାକୁ ନେଇ ଚିନ୍ତାରେ ଥାଆନ୍ତି। ଆଜି ଆମେ ଆପଣଙ୍କୁ ଏକ ସେହି କିଛି ପନିପରିବା ସମ୍ପର୍କରେ ଜଣାଇବୁ। ଆମେ ଆଜି ଯେଉଁ ପନିପରିବା ସମ୍ପର୍କରେ କହିବାକୁ ଯାଉଛୁ ସେହି ପନିପରିବା ମାକ୍ରୋନ୍ୟୁଟ୍ରିଏଣ୍ଟରେ ଭରପୂର। ଆପଣ ଦୈନନ୍ଦିନ ଡାଏଟରେ ଏହାକୁ ସାମିଲ କରିବା ଦ୍ୱାରା ଆପଣଙ୍କର ପ୍ରୋଟିନରେ ଉନ୍ନତି ଆଣିବ। ଯାହା ଆପଣଙ୍କ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଦୂର କରିବ। ଆସନ୍ତୁ ସେହି ୫ଟି ସବୁଜ ପନିପରିବା ସମ୍ପର୍କରେ ଜାଣିବା।

ପାଳଙ୍ଗ: ପାଳଙ୍ଗ ହେଉଛି ନ୍ୟୁଟ୍ରିଏନ୍ସର ପାୱାରହାଉସ ବୋଲି କୁହାଯାଏ। ଯାହାର ଉପକାରିତା ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା। ଗୋଟିଏ କପ୍ ରନ୍ଧା ପାଳଙ୍ଗରେ ପ୍ରାୟ ୫.୪ ଗ୍ରାମ୍ ପ୍ରୋଟିନ୍ ଥାଏ। ରନ୍ଧା ପାଳଙ୍ଗରେ ପ୍ରୋଟିନ୍ କମ୍ ମିଳିଥାଏ। ତେଣୁ ଆପଣ ଏହାକୁ ଆପଣଙ୍କ ଖାଇବା ଲିଷ୍ଟରେ ସାମିଲ କରିପାରିବେ।

ଡ୍ରମଷ୍ଟିକ୍: ଡ୍ରମଷ୍ଟିକକୁ ସଜନା ଛୁଇଁ ଭାବେ ବେଶ୍ ଜଣାଶୁଣା। ସଜନା ଛୁଇଁ ଯେତିକି ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ସେହିପରି ଏହାର ପତ୍ର ମଧ୍ୟ ଫଳପ୍ରଦ ହୋଇଥାଏ। ଏହାର ପତ୍ରରେ ପ୍ରାୟ ୨ ଗ୍ରାମର ପ୍ରୋଟିନ୍ ଥାଏ। ଯାହାକୁ ସର୍ବୋତ୍ତମ ପ୍ରୋଟିନର ଉତ୍ସ ମଧ୍ୟରୁ ଗୋଟିଏ ବୋଲି କୁହାଯାଏ।

ବ୍ରୋକୋଲି: ବ୍ରୋକୋଲିରେ ଫାଇବର ଏବଂ ଭିଟାମିନ୍ ପ୍ରଚୁର ପରିମାଣର ଥାଏ। ୧୦୦ ଗ୍ରାମ ବ୍ରୋକୋଲିରେ ପ୍ରାୟ ୨.୮ ଗ୍ରାମ ପ୍ରୋଟିନ ଥାଏ। ଏଥିସହ ରନ୍ଧା ବ୍ରୋକୋଲିରେ ପ୍ରାୟ ୫.୭ ଗ୍ରାମ ପ୍ରୋଟିନ ଥାଏ। ଯାହାକୁ ଅଣ୍ଡା ସହିତ ସମାନ ବୋଲି ବିବେଚନା କରାଯାଏ। ଏତିକି ନୁହେଁ ବ୍ରୋକୋଲିରେ ଆଣ୍ଟିଅକ୍ସିଡାଣ୍ଟ, ଫୋଲେଟ୍ ଏବଂ ପୋଟାସିୟମରେ ମଧ୍ୟ ଭରପୁର।

ଛତୁ: ଧଳା ବଟମ୍ ଛତୁରେ ପ୍ରୋଟିନ ଭରପୁର ମାତ୍ରାରେ ଥାଏ। କଞ୍ଚା ଛତୁରେ ପ୍ରତି ୧୦୦ ଗ୍ରାମରେ ୩.୧ ଗ୍ରାମରପ୍ରୋଟିନ ଥାଏ। କିନ୍ତୁ ରନ୍ଧା ଛତୁରେ ପ୍ରାୟ ୫.୭ ଗ୍ରାମର ପ୍ରୋଟିନ୍ ମିଳିଥାଏ।

ମଟର: ମଟର ମଧ୍ୟ ପ୍ରୋଟିନ ସର୍ବୋତ୍ତମ ଉତ୍ସ ବୋଲି ପ୍ରମାଣିତ ହୋଇଆସୁଛି। ଯେଉଁଥିରେ ଅଣ୍ଡା ଅପେକ୍ଷା ଯଥେଷ୍ଟ ପରିମାଣର ପ୍ରୋଟିନ୍ ଏଥିରୁ ମିଳିଥାଏ। ତେଣୁ ଅଣ୍ଡା ପରିବର୍ତ୍ତେ ଏହି ସବୁ ସବୁଜ ପନିପରିବା ଆପଣଙ୍କ ଡାଏଟ୍ ପ୍ଲାନରେ ସାମିଲ କରିବା ଦ୍ୱାରା ଆପଣଙ୍କୁ ଆବଶ୍ୟକୀୟ ପ୍ରୋଟିନ ମିଳିବ। ଯାହା ଆପଣଙ୍କ ସୁସ୍ଥ ଶରୀର ପାଇଁ ଖୁବ୍ ପ୍ରଭାବଶାଳୀ ହେବ।

# ଜଏଣ୍ଟ ପେନ୍ ହେଉଥିଲେ

## ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବ ?

- ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।
- ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।
- ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।
- ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।
- ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।
- ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଳଚିନି ଓ ଗୋଲମରିଚ ଭଳି
- ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।
- ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।
- ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ପିଲାମାନଙ୍କ ଖାଦ୍ୟାଭାସରୁ କେମିତି ଜାଣିବେ ମାନସିକତା

ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି । ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ । ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ। ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ୍ୟ କରନ୍ତୁ ନାହିଁ। ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ। ବେଳେବେଳେ ପିଲାମାନେ ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ। ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।



# ଆଇସକ୍ରିମ୍-ଚୁଇଙ୍ଗ୍ ଗମ୍ ଖରାପ କରୁଛି ଆପଣଙ୍କ ଲିଭର୍



ଆଇସକ୍ରିମ, ଡାଏଟ୍ ସୋଡ଼ା, ଚୁଇଙ୍ଗମ୍ କାହାକୁ ବା ପସନ୍ଦ ନୁହେଁ। ପିଲାଠୁ ବୟସ୍କଙ୍କ ସଭିଁଙ୍କ ପସନ୍ଦ। ଅନେକ ସମୟରେ ଲୋକେ ଏହାକୁ ଖାଇବାକୁ ପସନ୍ଦ କରନ୍ତି। ଥାଏ କୌଣସି ସମୟସୀମା। ଲଞ୍ଚ, ଡିନର ବା କୌଣସି ପାର୍ଟି ସମୟ। ଲୋକପ୍ରିୟ ଫୁଡ୍ ଖାଇବାକୁ କାହାକୁ ବା ଭଲ ନଲାଗେ। ବଜାରରେ ହେଉ କିମ୍ବା ମଲରେ, ଏହି ଜିନିଷଗୁଡ଼ିକ ସହଜରେ ଉପଲବ୍ଧ। ହେଲେ ଆପଣ ବି ଏହି ଖାଦ୍ୟର ସୌକିନ କି ତେବେ ହୋଇଯାଆନ୍ତୁ ସାବଧାନ। ଏହି ସବୁ ଖାଦ୍ୟ ସଢାଉଛି ଆପଣଙ୍କ ଲିଭର।

ନୂତନ ଅଧ୍ୟୟନ ଅନୁଯାୟୀ, ଏହି ସବୁ ଖାଦ୍ୟ ଏବେ ମୃତ୍ୟୁର ବାହାକ ସାଜିଛି। ଖାସ୍ କରି ସୁଗାର ଫ୍ରି ଫୁଡ୍। କାରଣ ସେଥିରେ ରହୁଥିବା ସୋର୍ବିଟଲ୍। ଯାହାକି ସୁଗାର ମୁକ୍ତ ପାଇଁ ବ୍ୟବହାର କରାଯାଏ। ଏବେ ତାହା ଫ୍ୟାଟି ଲିଭର ରୋଗର ଆଶଙ୍କା ବୃଦ୍ଧି କରିଛି। ଯକୃତ ପାଇଁ କ୍ଷତିକାରକ। ଅଧ୍ୟୟନରେ ହୋଇଥିବା ଖୁଲାସା ଜିନିଷଗୁଡ଼ିକ ବ୍ୟବହାର କରୁଥିବା ଲୋକଙ୍କ ମନରେ ଉଠାଇଛି ପ୍ରଶ୍ନ। ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁଗାର ଫ୍ରି ବା ଡାଏଟ୍ ପ୍ରଡକ୍ଟରେ ବି ରହିଛି ସୋର୍ବିଟଲ୍। ଏଥିରେ ରହୁଥିବା ଛୋଟିଆ ଅଂଶ ଏହି ମିଠାକୁ ସଠିକ୍ ଭାବରେ ଭାଙ୍ଗିପାରେ ନାହିଁ। ଯାହା ପରେ ଯକୃତରେ ପହଞ୍ଚିଥାଏ। ଚର୍ବି ଜମା ହେବାର ପ୍ରକ୍ରିୟାକୁ ବୃଦ୍ଧି କରିଥାଏ। ଯକୃତର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏହି ମିଠାକାରୀଗୁଡ଼ିକ ଦୀର୍ଘ ସମୟ ଧରି ସେବନ କଲେ ସିଧାସଳଖ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବୃଦ୍ଧି କରେ। ଗବେଷଣାରୁ ଜଣାପଡିଛି ଯେ ପ୍ରତିଦିନ ପ୍ରାୟ ଗୋଟିଏ କ୍ୟାନ୍ ଡାଏଟ୍ ସୋଡ଼ା କିମ୍ବା ଚିନି-ମିଠା ପାନୀୟ ପିଇବା ଦ୍ୱାରା ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବଢ଼ିଯାଏ। ଏହି ବିପଦ ଡାଏଟ୍ ସୋଡ଼ା ଅପେକ୍ଷା ପ୍ରାୟ ୬୦% ଓ ଚିନି-ମିଠା ପାନୀୟ ଅପେକ୍ଷା ୫୦% ଅଧିକ। ତେଣୁ, ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ପାଣି କିମ୍ବା ମିଠା ନ ଥିବା ତରଳ ପଦାର୍ଥ ପିଇବା ସୁରକ୍ଷିତ ଓ ସ୍ୱାସ୍ଥ୍ୟକର।



# ପିସି ପାଇଁ ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ମିଶି ପୁରୁଣା ଘରେ ରଙ୍ଗ ବୋଲି ନେଇଗଲେ ଟଙ୍କା

**ବାଲିଆପାଳ,୬।୧୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକରେ ଦିନକୁ ଦିନ ପିସି କାରବାର ବୃଦ୍ଧି ପାଇବାରେଲାଗିଛି ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ହେଉଥିବା ଉନ୍ନୀତ ମୂଳକ କାର୍ଯ୍ୟ ଅତି ନିମ୍ନ ମାନର ଚାଲିଛି ଯାହାକୁ ନେଇ ବିଭିନ୍ନ ସମୟରେ କାର୍ଯ୍ୟକୁ ନେଇ ଅଭିଯୋଗ ଆସିଲେ ମଧ୍ୟ ପିସି ପାଇଁ କର୍ଣ୍ଣପାତ କରିଲୁନାହାନ୍ତି ପ୍ରଶାସନିକ ଅଧିକାରୀ ଗଣ ଅଭଳି ଏକ ଅଭିଯୋଗ ଆସିଛି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆର୍ଡ ଗ୍ରାମ ପଞ୍ଚାୟତରୁ ୨୦୦୭ ମସିହାରେ ବିଧାୟକ ହାତ ପାଣ୍ଠିରୁ ଖୁଆଡ ଆର ଆଇ ଅଫିସ ନିକଟରେ ଏକ କମ୍ୟୁନିଟି ସେଣ୍ଟର୍ ନିର୍ମାଣ କାର୍ଯ୍ୟ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ଏବଂ ଠିକାଦାର ମଧ୍ୟ ୭୦ ପ୍ରତିଶତ କାର୍ଯ୍ୟ ସମାପନ କରିଥିଲେ ମଧ୍ୟ ଉକ୍ତ ଖାତା ନମ୍ବର -୧୧୦୦ ପ୍ଲଟ ନମ୍ବର -୩୩୫୦, ସ୍ଥାନଟି ଏକ ଗ୍ରାମ୍ୟ ଜଙ୍ଗଲ କିସମର ହୋଇ ଥିବାରୁ ଅଭିଯୋଗ ପରେ କାର୍ଯ୍ୟ ଆଗକୁ ହୋଇ ପାରି ନ ଥିଲା କି ଠିକାଦାର ମଧ୍ୟ ଖର୍ଚ୍ଚ କରିଥିବା ଅର୍ଥ ଅଧିକାରୀ ମାନଙ୍କୁ ପାଖରେ ଗୁହାରୀ କରିଥିଲେ ମଧ୍ୟ ପାଇ ପାରି ନ ଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଅସମ୍ପୂର୍ଣ୍ଣ କାର୍ଯ୍ୟଟି ସାହି ବାସୀ ମାନଙ୍କ ଉଦ୍ୟମରେ ସମ୍ପୂର୍ଣ୍ଣ ହୋଇ ଥିଲା। କିନ୍ତୁ ଜଳେଶ୍ୱର ବ୍ଲକର କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର କୁମାର ପ୍ରଧାନଙ୍କ ପିସି ପାଇବାର ଲୋଭରେ ଉକ୍ତ କମ୍ୟୁନିଟି ସେଣ୍ଟରରେ ପୁରୁଣା ଘରେ କେବଳ ରଙ୍ଗ ବୋଲି ୨୦୨୪-୨୫ ଆର୍ଥିକ ବର୍ଷରେ ବିଧାୟକ ହାତ ପାଣ୍ଠିରୁ ସେହି ଗ୍ରାମ୍ୟ ଜଙ୍ଗଲ କିସମର ଜାଗାରେ ୧ ଲକ୍ଷ୍ୟ ଟଙ୍କାର ଫଳକ ଲଗାଇ ବିଲ ଉଠାଇ ନେଇଥିବାର ସୂଚନା ମିଳିଛି।

# ରାସ୍ତାରେ ଲୋକଙ୍କୁ ହନ୍ତସନ୍ତ କରୁଛି ବେଆଇନ ବାଲି ପରିବହନ ଗାଡ଼ି

**କୋରେଇ,୬।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ନୂତନ ସରକାର ଶାସନ ଭାର ନେବା ପରେ ବେଆଇନ ବାଲି କାରବାରକୁ ଦୃଢ ହସ୍ତରେ ଦମନ କରାଯିବ ବୋଲି ଦମ୍ଭୋକ୍ତି ପ୍ରକାଶ କରାଯାଇଥିଲା। କିନ୍ତୁ ଏବେ କୋରେଇରେ ବାଲି ମାଫିଆଙ୍କ କ୍ଷେତ୍ରରେ ପ୍ରଶାସନ ନିରବ ରହିଥିବା କଥା ଚର୍ଚ୍ଚା ଚାଲିଛି। ଯାହା ଫଳରେ ବାଲି ମାଫିଆ ନିର୍ଭୟରେ ସେମାନଙ୍କ ବେପାର କରିଚାଲିଛନ୍ତି। ବୈତରଣୀ ନଦୀ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଏଠାରେ ଥିବା ଏକାଧିକ ବାଲି ଘାଟରୁ ନିର୍ଭୟରେ ବାଲି ପରିବହନ ହେବାରେ ଲାଗିଛି।ଯେମିତି ମାଫିଆଙ୍କ କାହା ପ୍ରତି



ତିଳେ ଡରକି ଭୟ ନାହିଁ। ଏହି କାରବାର କେବଳ ଯେ ବିଜେପି ସରକାର ସମୟରେ ହେଉଛି ତାହା ନୁହେଁ ପୂର୍ବ ବିଜେଡି ସରକାର ସମୟରୁ ମଧ୍ୟ ଏହା ଚାଲି ଆସିଛି। ଏହା ଦ୍ୱାରା କୋରେଇର ବିଭିନ୍ନ ରାସ୍ତା ଯେ କ୍ଷତି ଗ୍ରସ୍ତ ହେଉଛି ତାହା ନୁହେଁ ଲୋକେ ଏଥିରେ ଅତିଷ୍ଠ ହୋଇ ପଡ଼ିଲେଣି। ବାଲି ପରିବହନ ଯୋଗୁଁ ସବୁଠାରୁ ଅଧିକ ବିପଦ ପୂର୍ଣ୍ଣ ରାସ୍ତା ପାଲଟିଛି ମୁକୁନ୍ଦପୁର, ବରୁଣ୍ଡାଇ, ତାରାକୋଟ, ହଳଦିଗଡ଼ିଆ, କୋରେଇ ମେଡିକାଲ ଛକ ଦେଇ ପାଣିକୋଇଲି। ସନ୍ଧ୍ୟା ସମୟରେ ୨କିମି ପର୍ଯ୍ୟନ୍ତ ରାସ୍ତାରେ ବାଲି ବୋଝେଇ ହାଓ୍ୱା ଗାଡିଙ୍କ ଲମ୍ବା ଲାଇନ ଲାଗୁଛି। ଯାହାଦ୍ୱାରା ଜନତା ମାନେ ସାଧାରଣ ଯାତାୟାତ ସମୟରେ ଘୋର ହନ୍ତସନ୍ତ ହେବା ସହ ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହେଉଛନ୍ତି।ଜରୁରୀ କାଳୀନ ସେବାରେ ନିୟୋଜିତ ଯାନବାହାନ ଭିଡ଼ ଅତିକ୍ରମ କରିଯିବା କାଠିକର ପାଠ ହୋଇଛି। ଯାହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସେହିପରି ରଣପୁର, ଅସଂଝର, ଗଜେନ୍ଦ୍ରପୁର ଦେଇ ରଗଡ଼ି -ପାଣିକୋଇଲି ରାସ୍ତାରେ ରଗଡ଼ି ଛକ ଦେଇ ବହୁ ପରିମାଣରେ ହାଓ୍ୱା, ଟ୍ରାକ୍ଟର ଓ ଡମ୍ଫର ବାଲି ପରିବହନ କରୁଛନ୍ତି। ଏବାବଦରେ ସମାଜସେବୀ ସଂଗଠନ ଗଣମାନେ ଏନେଇ ଜିଲ୍ଲପାଳଙ୍କ ଦୃଷ୍ଟି ଆକର୍ଷଣ କରି ବେଆଇନ ବାଲି ପରିବହନକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ଗଣଆନ୍ଦୋଳନ କରାଯିବ ବୋଲି ଅଞ୍ଚଳରେ ଆଲୋଚନା ଚାଲିଛି।

# ଦିବ୍ୟାଙ୍ଗଙ୍କ ପରିବେଶ ଉପଯୋଗୀ ଜୀବନଶୈଳୀ ପ୍ରଦର୍ଶନୀ




**ବୋରିଗୁମ୍ମା,୬।୧୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ରେ ବ୍ଲକ ସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଓ ପରିବେଶ ଉପଯୋଗୀ ଜୀବନଶୈଳୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।ସ୍ଥାନୀୟ ଗୋଷ୍ଠୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ତରଫରୁ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଏସଏସଓ ଚନ୍ଦ୍ରିକା କଣ୍ଡେଲକର ଓ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଟି. ଶୈଳଜା ଦୋରା, ବରିଷ୍ଠ ସାମ୍ବାଦିକ କେ.ସାକିଲି ଦୋରା ଯୋଗ ଦେଇଥିଲେ।। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ର ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ୬୦ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ମାନଙ୍କର ମ୍ୟୁଜିକ ଚେୟାର, ହାଣ୍ଡିପିଟା, ଚୌକୀବସା, ବଲପିଙ୍ଗା, ଚିତ୍ରାଙ୍କନ, ଓ ସଙ୍ଗୀତ ଆଦି କରାଯିବା ସହ ବ୍ଲକ ର ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ପରିବେଶ ଉପଯୋଗୀ ଜୀବନଶୈଳୀ ସମ୍ବନ୍ଧୀୟ ୫୩ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା।ବିଚାରକ ଭାବେ ସସାହାଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପାତ୍ର, ଜୟନ୍ତୀଗିରି ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ରୋହିତ ସେଠୀ, ଅଧ୍ୟାପିକା ସଂଧ୍ୟାରାଣୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ଯୋଗ ଦେଇ କୃତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ତତସହିତ ଦୁଇ ଜଣ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଙ୍କ ପିତାମାତା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭିନ୍ନକ୍ଷମ ଦକ୍ଷତା ତାଲିମ ଶିବିର



**ଭେଡେନ,୬।୧୨ (ସଂଚାର ବ୍ୟୁରୋ):** ପପଙ୍ଗା ପାହାଡ଼ର ପାଦ ଦେଶରେ ଆଞ୍ଚଳିକ ଜନ କଲ୍ୟାଣ ଭିନ୍ନ କ୍ଷମ ସଂଗଠନ ଭେଡେନ, ସୁପ୍ରତିଭା କଟକ ଓ ବ୍ଲକ ପ୍ରଶାସନ ଭେଡେନ ର ମିଳିତ ସହଯୋଗରେ ଏକ ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୫୦ ଜଣ ଭିନ୍ନ କ୍ଷମ ଓ ଅଭିଭାବକ ଯୋଗଦାନ କରିଥିଲେ।ଏହି ତାଲିମ ଶିବିରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ବୃକ୍ଷ ରୋପଣ, ଚିତ୍ରାଙ୍କନ, ଗୀତ, ସାଇକେଲ ରେପ୍ୟାରୀଙ୍ଗ, କପଡା ବୁଣା ଇତ୍ୟାଦି କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ତାଲିମ ଦେଇ ଥିଲେ।ପ୍ରଶିକ୍ଷଣ ରୂପେ ଡାକ୍ତର ବିକାଶ ମହାପାତ୍ର ସଂପାଦକ ଶୁପ୍ରତିଭା, ଶ୍ରୀମତୀ ଲିପ୍ସା ମହାପାତ୍ର, ସଂପାଦକ ଏଫପିଆରଏ, ଶ୍ରୀ ଶ୍ୟାମ ମଛିନା ରେଡ଼ିଓ ସଂଚାର ପରିଚାଳନା, ପି.କେ. ସନ୍ତୋଷିନୀ ରାଓ, ପ୍ରୋହେକ୍ଟର ମ୍ୟାନେଜର ହୀରାଖଣ୍ଡ ରେଡ଼ିଓ ତାଲିମ କୁ ପରିଚାଳନା କରିଥିଲେ।ବ୍ଲକ ପ୍ରଶାସନ ତରଫରୁ ବିଡିଓ ଶ୍ରୀଯୁକ୍ତ କର୍ଣ୍ଣ ସୁନା, ଶ୍ରୀଯୁକ୍ତ ଚକ୍ରପାଣି ଦାସ, ପପଙ୍ଗା ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ସସ୍ମିତା ହୋତା ଓ ଏଜେଭିଏସ୍ ର ସଭାପତି ବସନ୍ତ କୁମାର ଭୋଇ ଙ୍କ ଉପସ୍ଥିତ ରହି ତାଲିମ ଶିବିର କୁ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**ଧାମନଗର,୬।୧୨(ସଂଚାର ବ୍ୟୁରୋ):** ଧାମନଗର ମହାବିଦ୍ୟାଳୟ ପରିସରରେ ୱାଇ, ଆର.ସି ଯୁବ ରେଡକ୍ରସ ୟୁନିଟ ତରଫରୁ ତ୍ରିଦିବସୀୟ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଘାଟନ ହୋଇଯାଇଛି। ଶନିବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା, ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ମୁଖ୍ୟବକ୍ତା, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ପ୍ର.କମଳାକାନ୍ତ ଜେନା ସମ୍ମାନିତ ଅତିଥି ଓ ଚରମ୍ପା ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପିକା ସୁକାନ୍ତି ମହାପାତ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୱାଇ ଆର.ସି, ର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ୱାଇ ଆର.ସି.ର ମୁଖ୍ୟ ସଂଯୋଜକ ଅଧ୍ୟାପକ ଡ.ଦେବାଶିଷ ମଲ୍ଲିକ କାର୍ଯ୍ୟକ୍ରମର ବିଷୟ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ଅଜୟ କୁମାର ବେଜ ସ୍ୱାଗତ ସମ୍ଭାଷଣ, ଅଧ୍ୟାପିକା କଲ୍ୟାଣୀ ଦାଶ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଅଧ୍ୟାପିକା ଶ୍ୱେତା ସାମିନି ଅତିଥି ପରିଚୟ ପ୍ରଦାନ ପୂର୍ବକ ମଞ୍ଚ ସଂଚାଳନ କରିଥିଲେ।

# ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ବାଲିଆପାଳ, ୬।୧୨(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀ ବାଡ଼ିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଭାବେ ଇଞ୍ଜିନିୟର ସୁଧୀର କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ଏବିଇଓ ନମିତାପ୍ରଭା ସାମଲ, ପୂର୍ବତନ ସିଆରସିସି ଅଶୋକ କୁମାର ଗିରି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ତ୍ରିପାଠୀ, ସମାଜସେବୀ ଲମ୍ବୋଦର ମାହାନା, ସିଆରସିସି ଯଶୋବନ୍ତ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମକୃଷ୍ଣ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ସୁଶାନ୍ତ କୁମାର କର ଏବଂ ବିଦ୍ୟାଳୟ ପାଇଁ ଗୌରବ ଆଣି ଥିବା ଛାତ୍ର ଅଂଶୁମାନ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା।

# ନାଡ଼ାପାଟାଙ୍ଗ, ମାଣିକୁଟିକୁ ନୂତନ ପଞ୍ଚାୟତ କରିବା ପାଇଁ ଦାବି




**ବାଲିଗୁଡ଼ା, ୬।୧୨(ସଂଚାର ବ୍ୟୁରୋ):** ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାରଖମା ପଞ୍ଚାୟତର ନାଡ଼ାପାଟାଙ୍ଗ ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ମାଣିକୁଟିକୁ ନୂତନ ପଞ୍ଚାୟତ କରିବା ପାଇଁ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପ୍ରଦାନ କରାଯାଇଛି। ଏନେଇ ଏକ ଶୋଭାଯାତ୍ରା ଉପଜିଲାପାଳ କାର୍ଯ୍ୟାଳୟକୁ ଯାଇଥିଲା। ଏଥିରେ ଉଲ୍ଲେଖ ରହିଛି ଯେ, ବାରଖମା ପଞ୍ଚାୟତ ଓ ସିନ୍ଦ୍ରିଗାଁ ପଞ୍ଚାୟତର ଅନେକ ଗ୍ରାମ ବଣପାହାଡ଼ ଓ ନଦୀନାଳରେ ଅଙ୍କାବଙ୍କା ଘାଟି ରାସ୍ତା ରହିଛି। ପ୍ରାୟ ୫କିମି ଦୂରତା ରାସ୍ତାରୁ ଘାଟି, ବଣପାହାଡ଼ ନଦୀନାଳ ଦେଇ ହିତାଧିକାରୀ ଭତ୍ତା, ପିଡିଏସ ଚାଉଳ ଇତ୍ୟାଦି ପାଇଁ ପଞ୍ଚାୟତକୁ ଆସିଥାନ୍ତି। ରାସ୍ତାଘାଟ ଓ ନେଟୱାର୍କ ନାହିଁ । ପଞ୍ଚାୟତର ଉନ୍ନତି ନିମନ୍ତେ ଆସିଥିବା ଅନୁଦାନ ରାସ୍ତାଘାଟ, ପାନୀୟଜଳ ସୁବିଧା ନେଟୱାର୍କ ସୁବିଧା ଓ ବିଭିନ୍ନ କାର୍ଯ୍ୟର ବିକାଶ ହୋଇପାରୁନାହିଁ। ସରକାରଙ୍କ ବିଭିନ୍ନ ଯୋଜନା ଓ ଗାଁ ଗାଁରେ ବିକାଶ ଏବଂ ଜନସାଧାରଣ ଅତି ନିକଟରେ ନିଜ ଦୁଃଖ ଜଣାଇବା ପାଇଁ ନୂତନ ପଞ୍ଚାୟତ ଗଠନ ହେବା। ତେବେ ଲୋକମାନେ ନିଜର ସମସ୍ତ ଦୁଃଖ ଜଣାଇପାରନ୍ତେ।

# ୬୦ ବର୍ଷ ବୟସର ସୂର୍ଯ୍ୟକାନ୍ତି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ



**କନ୍ଧମାଳ,୬।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମର ୬୦ ବର୍ଷୀୟ ବୃଦ୍ଧା ମାଁ ସୂର୍ଯ୍ୟକାନ୍ତି ବେହେରା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଏହି ବୃଦ୍ଧା ମାଁ ଆଠ ମାସ ହେବ ଭତ୍ତା ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ି ଶେଷରେ ନିରାଶ ହୋଇ ଘରେ ଭୋକ ଉପାସରେ ବିତାଇ ନିଦ କାଟୁଥିବା ଖବର ମିଳିଛି। ନଜ ଘର ହେଉଛି ମଗଡ଼ିଙ୍ଗିଆ ପଗ୍ରାମର ଅସହାୟ ଗରିବ ଶ୍ରେଣୀର ବୃଦ୍ଧା ମାଁ ସୂର୍ଯ୍ୟକାନ୍ତି ବେହେରା। ଜିଲ୍ଲାର ଆଦି ବ୍ଲକର ବିଭିନ୍ନ ଗଳିକନ୍ଦି ଗ୍ରାମାଞ୍ଚଳରେ ବିଧବା ଭତ୍ତା ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ହେଉ ଭତ୍ତା ପାଉଥିବା ବେଳେ ୬୦ ବର୍ଷର ବୃଦ୍ଧା ମାଁଙ୍କୁ ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ ଏହା ଏକ ଜିଲ୍ଲା ମହଲରେ ପ୍ରଶ୍ନବାଚି ସୃଷ୍ଟି ହେଇଛି। ଏଣୁ ବୃଦ୍ଧା ମା ରେ ମାଁ ଙ୍କ ପ୍ରତି ପ୍ରଶାସନ ଦୃଷ୍ଟିରେ ରଖି ଏହି ଗରିବ ଅସହାୟ ବୃଦ୍ଧା ମାଁଙ୍କୁ ଦୟାକରି ତାଙ୍କୁ ତୁରନ୍ତ ପଦକ୍ଷେପ ନେଇ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ନିମନ୍ତେ ବିନମ୍ର ଅନୁରୋଧ କରିଛନ୍ତି।

# ହୋମଗାର୍ଡ ପ୍ରତିଷ୍ଠା ଦିବସ ପାଳିତ



**ସୁବର୍ଣ୍ଣପୁର,୬।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆ ଠାରେ ୬୩ ତମ ହୋମ ଗାର୍ଡ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗ ଦେଇ ମହା ମହିମ ରାଷ୍ଟ୍ରପତି, ମହାମହିମ ରାଜ୍ୟପାଳ, ମାନ୍ୟବର ମୁଖ୍ୟ ମନ୍ତ୍ରୀ, ରାଜ୍ୟ ହୋମ ଗାର୍ଡ ମହା ନିର୍ଦ୍ଦେଶକ ଙ୍କ ବାର୍ତ୍ତା ପଠନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ, ସହକାରୀ ନିର୍ଦ୍ଦେଶକ ପ୍ରସିକୁସନ୍ ଶ୍ରୀ ହିମାଂଶୁ ପଣ୍ଡା, ପି ପି ମଧୁମିତା ଅମାତ୍ୟ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଡି ଏସ ପି ପ୍ରତାପ ଚନ୍ଦ୍ର ରଣା, ଡି ଏସ ପି ରେଣୁକା ସୁନା, ଡି ଏସ ପି ଚନ୍ଦ୍ର ଶେଖର ଶବର, ଏସ ଡି ପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୋନପୁର ଥାନା ଅଧିକାରୀ ତାପସ ଭୋଇ ଯୋଗ ଦେଇଥିଲେ। ଜିଲ୍ଲାର ଶ୍ରେଷ୍ଠ ଗୃହରକ୍ଷୀ ଭାବରେ ଜିବର୍ଦ୍ଧନ ଗହିର ଓ ଦୁର୍ଯ୍ୟୋଧନ କଳେତ ଙ୍କୁ ଏସପି ନାରାୟଣ ନାୟକ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା ।

# ଫଳ ଦୋକାନ ଉପରକୁ ମାଡିଗଲା ମ୍ୟୁନିସିପାଲିଟି ଗାଡି

**ବଲାଙ୍ଗୀର,୬।୧୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ବସ୍ ଟର୍ମିନାଲ ସମ୍ମୁଖରେ ଥିବା ଫଳ ଦୋକାନ ଉପରକୁ ଶନିବାର ସକାଳେ ବଲାଙ୍ଗୀର ମ୍ୟୁନିସିପାଲଟିରେ ରେଜିଷ୍ଟ୍ରେଶନ ହୋଇଥିବା ସୁଲଭ ଶୌଚାଳୟର ସେପଟି ଟାଙ୍କି ଗାଡି ମାଡ଼ି ଯାଇଥିଲା। ଡ୍ରାଇଭର ଜଣଙ୍କ ମୋବାଇଲ ଫୋନରେ କଥା ହୋଇ ବେପରୁଆ ଗାଡି ଚାଳନାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ଅନ୍ୟପଟେ ଘଟଣାସ୍ଥଳରେ ଉପସ୍ଥିତି ଥିବା ଲୋକେ ପୋଲିସକୁ ଅଭିଯୋଗ କରିଛନ୍ତି । ଡ୍ରାଇଭର ଜଣଙ୍କ ମୋବାଇଲରେ ଗେମ୍ ଖେଳି ଖେଳି ଗାଡି ସ୍ପିଡରେ ଚଳାଉଥିଲେ।

# ସିପିଆର୍ ପ୍ରଶିକ୍ଷଣ ଶିବିର

**ସୁବର୍ଣ୍ଣପୁର,୬।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ର ଶ୍ରୀ ସତ୍ୟସାଇ ସେବା ସଂଗଠନ ଓଡିଶାରେ ଅଧିକରୁ ଅଧିକ ଲୋକଙ୍କୁ ସିପିଆର୍ ଶିକ୍ଷା ପ୍ରଦାନ କରି ସଚେତନ କରାଇବା କାମରେ ଚେଷ୍ଟିତ ରହିଛି ଯାହା ଫଳରେ ଆପତ କାଳୀନ ସମୟରେ ସେମାନେ ଜୀବନ ବଞ୍ଚାଇବାରେ ସମର୍ଥ ହୋଇପାରିବେ। ମନୁଷ୍ୟ ର ହୃଦୟବନ୍ଦ ସମୟରେ ସିପିଆର୍ ଦେଇ ପ୍ରାଣରକ୍ଷା କରିବା ଏକ ଅତ୍ୟନ୍ତ ମୁହୂର୍ତ୍ତପୂର୍ଣ୍ଣ ପଦକ୍ଷେପ। ଏହା ରକ୍ତସଞ୍ଚାଳନ ଓ ଶ୍ୱାସକ୍ରିୟାକୁ ଅସ୍ଥାୟୀ ଭାବେ ଚାଲୁ ରଖି ମସ୍ତିଷ୍କକୁ ଆବଶ୍ୟକ ଅକ୍ସିଜେନ୍ ପ୍ରଦାନରେ ସହାୟକ ହୁଏ। ଏହି ଉଦ୍ଦେଶ୍ୟକୁ ସାର୍ଥକ କରିବା ପାଇଁ, ଶ୍ରୀ ସତ୍ୟ ସାଇ ସେବା ସଂଗଠନ, ସୁବର୍ଣ୍ଣପୁର ପ୍ରୟାସରେ ରାଜ୍ୟ ସଂଗଠନର ଅଭିଜ୍ଞ ବିଶେଷଜ୍ଞମାନଙ୍କ ଦ୍ୱାରା ଗତକାଲି ସହରର ତିନୋଟି ଶିକ୍ଷାନୁଷ୍ଠାନ ରେ ସିପିଆର୍ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୀରମହାରାଜପୁର, ସୁବର୍ଣ୍ଣପୁର ନର୍ସିଂ ସ୍କୁଲ୍ ଓ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ସୋନପୁର ର ଏହି ତିନିଟି ପ୍ରଶିକ୍ଷଣ ସିବିରରେ ମୋଟ ୩୨୫ ଜଣ ଛାତ୍ରଛାତ୍ରୀ ସିପିଆର୍ ପ୍ରଶିକ୍ଷଣ ଦିଆଯାଇଥିଲା। ଜୀବନର ସୁରକ୍ଷା ପାଇଁ ସିପିଆର୍ ଶିକ୍ଷାର ଗୁରୁତ୍ୱକୁ ଧ୍ୟାନରେ ରଖି, ସୋନପୁର ଜିଲ୍ଲା ସତ୍ୟ ସାଇ ସେବା ସମିତି ଏବଂ ବୀରମହାରାଜପୁର ସମିତି, ଏହାକୁ ଅଗ୍ରସର କରାଇବା ପାଇଁ ସମସ୍ତ ସହଯୋଗ ପ୍ରଦାନ କରିଛନ୍ତି।

# ଆମ୍ବେଦକରଙ୍କର ମହାପରିନିର୍ବାଣ ଦିବସ

**ବାଲିଆପାଳ,୬।୧୨(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ କମିଟି ପକ୍ଷରୁ ଶନିବାର ଅପରାହ୍ନରେ ସମ୍ବିଧାନର ପ୍ରଣେତା ବାବା ସାହେବ ଡ଼, ଆମ୍ବେଦକର ଙ୍କର ୬୯ ତମ ମହାପରିନିର୍ବାଣ ଦିବସ ହାସିମପୁର ସ୍ଥିତ କମିଟିର ସଂଯୋଜକ କାର୍ଯ୍ୟାଳୟ ପରିସରରେ ପାଳନ ହୋଇଯାଇଛି। କମିଟିର ସଭାପତି ଅବସରପ୍ରାପ୍ତ ବିଡ଼ିଓ ବାଦଲ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ଭଗିରଥ ଗିରି ଆମ୍ବେଦକଙ୍କର ଦ୍ୱାରା ପ୍ରଣୟନ ହୋଇଥିବା ସମ୍ବିଧାନ ଏତେ ଉଚ୍ଚ କୋଟୀର ଯାହାକି ସାରା ବିଶ୍ୱରେ ଏହା ପ୍ରସଂସନୀୟ କରିଥିଲେ।ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଝାଡେଶ୍ୱର ପ୍ରଧାନ ଯୋଗଦେଇ ଆମ୍ବେଦକରଙ୍କର ନୀତି ଆଦର୍ଶ ବିଷୟରେ ଆଲେଚନା କରିଥିଲେ।ସମ୍ମାନିତ ଅତିଥିଭାବେ କମିଟି ର ଉପସଭାପତି ମଧୁସୂଦନ ସାହୁ, ସଦସ୍ୟ କରୁଣାକର ଜେନା, ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ।

# ୨୩ରୁ ଭଞ୍ଜନଗରରେ ଖୋଲିବ ଧାନମଣ୍ଡି




**ଭଞ୍ଜନଗର,୬।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡରେ ଆସନ୍ତା ୨୩ ତାରିଖରୁ ମଣ୍ଡିରେ ଧାନ ସଂଗ୍ରହ ହେବ। ତେଣୁ ଏହା ପୂର୍ବରୁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି। କିନ୍ତୁ ଅନେକ ଲୋକ ବର୍ତ୍ତମାନ ଧାନ ଅମଳ କରି ଦଲାଲ ମାନଙ୍କୁ ବିକ୍ରି କରିବାରେ ଲାଗିଛନ୍ତି। ପ୍ରଶାସନ ମଣ୍ଡି ଖୋଲିବାରେ ବଳମ୍ବ କରୁଥିବା ଯୋଗୁ ଚାଷୀମାନେ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏହିଭଳି ପରିସ୍ଥିତିରେଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭା ଗୃହରେ ଶନିବାର ଉପଖଣ୍ଡ ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଉମାଶଙ୍କର ବେହେରା ଅଧ୍ୟକ୍ଷତା କରି ଯେଉଁ ଚାଷୀ ମାନେ ମଣ୍ଡିରେ ନାମ ଲଗାଇଛନ୍ତି ସେମାନେ କିଭଳି ଠିକ ଭାବେ ଧାନ ବିକ୍ରି କରିପାରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଷୀମାନେ ସେମାନଙ୍କ ଉପଯୁକ୍ତ ପ୍ରାପ୍ୟ କିଭଳି ପାଇବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀଙ୍କୁ ଯଦି କୌଣସି କର୍ମଚାରୀ ଅବହେଳା ପ୍ରଦର୍ଶନ କରନ୍ତି ତେବେ ତାଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ପରୋକ୍ଷରେ ସୂଚାଇ ଦେଇଥିଲେ। ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ, ଏଆରସିଏସ୍ ବିଜୟ କୁମାର ସାହୁ, ଆରଏମ୍‌ସି ସମ୍ପାଦକ ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ। ଚଳିତ ମାସ ୨୩ ତାରିଖରୁ ଖରିଫ ଧାନ ମଣ୍ଡି ଖୋଲିବ। ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହା ଚାଲିବ। ଚଳିତବର୍ଷ ଉପଖଣ୍ଡରେ ୪୯ ହଜାର ୭୬୧ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁନାମ ପଞ୍ଜୀକରଣ କରିଛନ୍ତି।

# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁବର୍ଣ୍ଣପୁର,୬।୧୨(ସଂଚାର ବ୍ୟୁରୋ):** ଆସନ୍ତା ୧୩. ୧୨. ୨୦୨୫ରିଖ ଦିନ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ସୋନପୁର ସିଭିଲ କୋର୍ଟ ପରିସର ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତ ରେ ସମସ୍ତ ପ୍ରକାର ର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲାର ଆପୋସ ସହମତି ରେ ସମାଧାନ କରାଯାଇ ପାରିବ । କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀ ରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବ୍ୟାଙ୍କଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବା, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମକଦ୍ଦମା ଇତ୍ୟାଦି ର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ହୋଇପାରିବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ମୋକଦ୍ଦମା ବିବାଦ ର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତ ର ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ ଅଟେ । ଯଦି କୌଣସି ବିଚାରାଧୀନ ମୋକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମ ରେ ହୁଏ ଆଗରୁ ପୈଠ ହୋଇଥିବା କୌଟ ଫି ଫେରସ୍ତ ହୋଇପାରିବ ।

# ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଧାରଣାରେ ବସିଲେ ପୂର୍ବତନ ଏମ୍‌ପି



**ବଲାଙ୍ଗୀର,୬।୧୨(ସଂଚାର ବ୍ୟୁରୋ):** ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପିପିଲି - ଜାମୁଟିଆ ରାସ୍ତାକାମ ନିମ୍ନମାନର ତିଆରି ହେଉଥିବା ଅଭିଯୋଗ ନେଇ ପିପିଲି ଗ୍ରାମବାସୀଙ୍କ ସହ ପୂର୍ବତନ ଲୋକ ସଭା ଏମ୍‌ପି ବାଲଗୋପାଳ ମିଶ୍ର ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବତନ ଏମ୍‌ପି କହିଥିଲେ ଯେ, ଲୋଇସିଂହା ନିର୍ବାଚନମଣ୍ଡଳୀରେ ବ୍ଲାକ କଟନ ମାଟି ରହିଛି। ଏଣୁ ଏଠାରେ ଠିକ୍ ମାନର ରାସ୍ତା କାମ କରା ନ ଗଲେ ଖୁବ୍‌ଶୀଘ୍ର ରାସ୍ତା ଖରାପ ହୋଇଯିବ। ପିପିଲି-ଜାମୁଟିଆ ବଘାପାଲି ସେଠାରେ ରାସ୍ତା କାମ ଚାଲିଛି। ଠିକାଦାର ମନମାନି ଚଲାଇଛନ୍ତି। ଲୋକେ ଅଭିଯୋଗ କଲେ ମଧ୍ୟ ଆରଡି ବିଭାଗର ଯନ୍ତ୍ରୀମାନେ କିଛି ଶୁଣୁନାହାନ୍ତି। ଫଳରେ ରାସ୍ତା କାମ ନିମ୍ନମାନର ହେଉଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଆର୍‌ଡି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ନିର୍ଦ୍ଧାରିତ ମାନର ରାସ୍ତା କାମ କରିବାକୁ ସେମାନେ ଦାବି କରିଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଚାଲିଥିବା ପିପିଲିଠାରୁ ଜାମୁଟିଆ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିବା ପରେ ଗ୍ରାମବାସୀଙ୍କ ଦାବିକୁ ସମର୍ଥନ କରି ପୂର୍ବତନ ଏମ୍‌ପି ଧାରଣାରେ ବସିବା ସହ ଆରଡି ବିଭାଗର ଦୁର୍ନୀତି ସମ୍ପର୍କରେ ଗୁରୁତର ଅଭିଯୋଗ ଆଣିଥିଲେ।

# ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପାଇଁ ତତ୍ପର



**ଦାରିଙ୍ଗବାଡି,୬।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ଶନିବାର ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଓ ପ୍ରାଥମିକ ଚିକିତ୍ସା କରାଯାଇଛି। ମୋଟ ୨୨୨ଜଣ ଛାତ୍ରୀଛାତ୍ର ନିଜ ନାମ ପଞ୍ଜିକରଣ କରି ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରେ ୧୧୩ ଜଣ ଦୃଷ୍ଟିଶକ୍ତିରେ ସମସ୍ୟା ଥିବାରୁ ସେମାନଙ୍କୁ ଚିକିତ୍ସା କରାଯିବା ସହ ଚଷମା ବ୍ୟବହାର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ସେହିପରି ଜଣେ ଛାତ୍ରଙ୍କ ଦୃଷ୍ଟିଶକ୍ତିରେ ଅଧିକା ଜଟିଳ ପରିଲକ୍ଷିତ ହୋଇଥିବାରୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ଯିବାକୁ ପରାମର୍ଶ ଦେଇଥିଲେ। ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାସ ଏବଂ ଚକ୍ଷୁ ବିଜ୍ଞାନୀ ସୁଶ୍ରୀ ଅର୍ଚ୍ଚନା ସ୍ୱାଇଁ ଚକ୍ଷୁ ପରୀକ୍ଷା କରିଥିଲେ।

## ସରକାରଙ୍କ ଯୋଜନା ଏଠି ବାଟବଣା

# ଉଦାହରଣ ସାଜିଛି ଡୁମ୍ବାଡ଼ା ଗାଁର ରାସ୍ତା



**ରାୟଗଡ଼ା,୬।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ଗୁଣୁପୁର ଉପଖଣ୍ଡ ଦୁର୍ଗମ ଅଞ୍ଚଳର ଗାଁ ଡୁମ୍ବାଡ଼ା ବିକାଶ ଦିଗରେ କହିଲେ ଶୂନ ଏହା ଆଦିବାସୀ ମାନଙ୍କ ପାଇଁ ସରକାରଙ୍କ ଯୋଜନାର ମାଳ ଯେତିକି ଲମ୍ବା, ବିଫଳତାର ତାଲିକା ତାଠାରୁ ଅଧିକ। ତେବେ ସରକାରଙ୍କ ଯୋଜନାର ପ୍ରତିଫଳନ ଉପାନ୍ତ ଇଲାକାରେ ଦେଖାଯାଏ ନାହିଁ। ସରକାରଙ୍କ ବିଫଳତାର ଗାଥା ବୟାନ କରୁଥିବା ଏଭଳି ଏକ ଅପହଞ୍ଚ ଇଲାକା ହେଲା ଗୁଣପୁର ବ୍ଲକ ଟଲଣା ପଞ୍ଚାୟତ ଡୁମ୍ବାଡା ଗ୍ରାମ। ମୌଳିକ ସୁବିଧା ସତେ ଯେପରି ଏ ଗାଁ ର ବାଟ ଭୁଲି ଯାଇଛି। ଏବେ ବି ଗ୍ରାମବାସୀ ଶିକ୍ଷା, ପିଇବା ପାଣି, ରାସ୍ତା, ଚିକିତ୍ସା ଭଳି ମୌଳିକ ସୁବିଧାରୁ ବଞ୍ଚିତ। ନିର୍ବାଚନ ସମୟରେ ନେତା ମନ୍ତ୍ରୀ ପହଞ୍ଚି ପ୍ରତିଶ୍ରୁତିରେ ପୋତି ପକାନ୍ତି କିନ୍ତୁ ନିର୍ବାଚନ ସରିଗଲେ ପ୍ରତିଶ୍ରୁତି, ପ୍ରତିଶ୍ରୁତିରେ ରହିଯାଏ। ଦୀର୍ଘ ୫୦ ବର୍ଷ ହେଲା ଏହି ପାହାଡ଼ି ଇଲାକାରେ ବାସ କରୁଥିବା ୨୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଙ୍କ ପାଇଁ ରାସ୍ତା ସତେ ଯେମିତି ସାତ ସପନ ପାଲଟି ଯାଇଛି। ମୁଖ୍ୟ ରାସ୍ତା ଠାରୁ ତିନି କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମକୁ ବହୁ ଅଭିଯୋଗ ପରେ ବି ରାସ୍ତା ଖଣ୍ଡିଏ ସରକାର ଯୋଗାଇ ପାରିଲେ ନାହିଁ। ଗାଁ କୁ ରାସ୍ତା ମା' କୁ ସମ୍ମାନ ର ଢ଼ିଣ୍ଡୋରା ମାରୁଥିବା ସରକାରଙ୍କ ଏହି ମାଳ ମାଳ ଯୋଜନା କାହାପାଇଁ ? ପାହାଡିଆ ପାଦଚଲା ଖାଲଢିପ ରାସ୍ତା ଯୋଗୁଁ ବହୁ କଷ୍ଟରେ ମଟରସାଇକେଲ ଗାଁ କୁ ଯାଉଥିଲା କିନ୍ତୁ ଗତ ମାସରେ ହୋଇଥିବା ଲଘୁଚାପ ଜନିତ ବର୍ଷା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜରୁରୀ ଚିକିତ୍ସା ପାଇଁ ମେଡିକାଲ୍ ଯିବାକୁ ହେଲେ ଆମ୍ବୁଲାନ୍ସ ୩ କିଲୋମିଟର ଦୂର ମୁଖ୍ୟ ରାସ୍ତାରେ ରହିଯାଏ।